ଆହ୍ୱାନ ଓଡ଼ିଆ ପରିବାର ନିବେଦିତ

# ଆହ୍ୱାନ

ଓଡ଼ିଆ ଭାଷାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ଇ-ପତ୍ରିକା

ବିଷୁବ ମିଳନ ବିଶେଷାଙ୍କ

ଅପ୍ରେଲ ୨୦୧୨

ଆହ୍ୱାନ ଓଡ଼ିଆ ପରିବାର

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ଓଡ଼ିଆ ଭାଷାରେ ପ୍ରକାଶିତ ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା ଓ ସମ୍ପାଦକ

## ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପିଜିଡ଼ିଏମ୍‌ସିଏଚ୍, ପିଜିଡ଼ିଏଚ୍‌ଏମ୍

ଯୋଗାଯୋଗ : ବୀମାନଗର, ୨ୟ ଗଳି, ଆମ୍ବପୁଆ, ବ୍ରହ୍ମପୁର, ପିନ୍: ୭୬୦୦୧୦, ଓଡ଼ିଶା ଫୋନ୍: ୯୦୪୦୯୮୫୪୬୩

ଆହ୍ୱାନ ୱେବ୍ ସାଇଟ୍ : www.aahwaan.com/ebook

ଆହ୍ୱାନ ଓଡ଼ିଆ ପରିବାରର ଆହ୍ୱାନରେ

ଏକତ୍ରିତ ହୋଇଥିବା

ସମସ୍ତ ଓଡ଼ିଆ ଭାଇ ଓ ଭଉଣୀ ମାନଙ୍କ ଉଦ୍ଦେଶ୍ୟରେ

ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ

ଚରଣ କମଳରେ ଅର୍ପଣ କରୁଛି

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨




## ପ୍ରଚ୍ଛଦ

ଚଳିତ ମାସର ଏହି ସଂସ୍କରଣର ପ୍ରଚ୍ଛଦରେ କୌଣସି ନୂତନତ୍ୱ ନାହିଁ, ଗ୍ରୀଷ୍ମର ଝାଞ୍ଜିଖରାରେ ଶୁଷ୍କ ହୋଇଯାଇଥିବା ଜୀବନକୁ ଏହି ଚିତ୍ର ମାଧ୍ୟମରେ ଅନୁଭବ କରି ପାରିବେ ବୋଲି ଆଶା । ପ୍ରଚ୍ଛଦର ନୀଳ ରଙ୍ଗ ଜଳ ବା ଜୀବନ ଶକ୍ତିର ପ୍ରତୀକ ଭାବରେ ନିଆଯାଇଛି । ଏହି ପ୍ରଚ୍ଛଦରେ ଆହ୍ୱାନ ଓଡ଼ିଆ ପରିବାରର ଲୋଗୋ ବି ଦିଆଯାଇଛି ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

## ଆହ୍ୱାନ ଓଡ଼ିଆ ଇ-ପତ୍ରିକା ବିଷୟରେ ସମ୍ୟକ ସୂଚନା : -

- ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା ।
- ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ ।
- ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣ ମାନ ମଧ୍ୟ ପ୍ରକାଶିତ ହୁଏ ।
- ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।
- ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ ।
- ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ ଲେଖିକା ମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ ।
- ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକା ମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।
- ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ ।
- ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।
- ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।
- ଲେଖକ ଲେଖିକା ମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ ।
- ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୂଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ ।
- ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।
- ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆମକୁ ଲେଖା ପଠାଇବା ଠିକଣା : -

**ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍, ପିଜିଡ଼ିଏମ୍‌ସିଏଚ୍, ପିଜିଡ଼ିଏଚ୍ଏମ୍

ବୀମା ନଗର, ୨ୟ ଗଳି, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା, ଫୋନ୍:- ୯୬୧୯୬୨୧୬୦ / ୯୦୪୦୯୮୫୪୬୩

ଇ-ମେଲ୍ : aahwaan@gmail.com

ଆହ୍ୱାନ ୱେବ୍ ସାଇଟ୍ : www.aahwaan.com/ebook

ଫେସ୍‌ବୁକ୍‌ରେ ଆହ୍ୱାନ, କଥା ଓ କବିତା, ପ୍ରେମକବିତା, ଆମ ପିଲାଦିନ ଏବଂ ଆହ୍ୱାନ ପୃଷ୍ଠାଭାବରେ ଉପଲବ୍ଧ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

## ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | | ୯ |
| ଆହ୍ୱାନ ଓଡ଼ିଆ ପରିବାର ବନ୍ଧୁମିଳନ ବିବରଣୀ | | ୧୨ |
| ବିଷୁବ ମିଳନ (କବିତା) | ଅସିତ୍ କୁମାର ପଣ୍ଡା | ୧୩ |
| ପ୍ରତିନିଧି (କବିତା) | ସତ୍ୟ ପଟ୍ଟନାୟକ | ୧୫ |
| ଏକ ଆମ ପ୍ରକୃତି (କବିତା) | ଡ଼ଃ କୁଳାଙ୍ଗାର | ୧୭ |
| ଆରମ୍ଭ (କବିତା) | ହିମାଂଶୁ ଶେଖର ବିଶ୍ୱାଳ | ୧୯ |
| ୟୁରୋପୀୟ ଲୋକକଳା ସହ ଓଡ଼ିଶୀ ପଟ୍ଟଚିତ୍ରର ଯୁଗଳବନ୍ଦୀ (ପ୍ରବନ୍ଧ) | ମୀନକେତନ ପଟ୍ଟନାୟକ | ୨୧ |
| ସାଢ଼େ ତିନିଘଣ୍ଟା (କ୍ଷୁଦ୍ର ଗଳ୍ପ) | ଡ଼ଜ୍ୟୋତିପ୍ରସାଦ ପଟ୍ଟନାୟକ | ୨୬ |
| ମୋ ଗାଁ ମୋ ମାଟି (ପ୍ରବନ୍ଧ) | ଅକ୍ଷୟ କୁମାର ରାଉତ | ୩୫ |
| ଉତ୍କଳର ଓଷାବ୍ରତ (ପ୍ରବନ୍ଧ) | ଆଶାରାଣୀ ବେଉରା | ୩୭ |
| ଶ୍ରାବଣୀର ଲୁହ (କ୍ଷୁଦ୍ର ଗଳ୍ପ) | ନିବେଦିତା ମିଶ୍ରଗୁରୁ | ୪୧ |
| ବ୍ୟଙ୍ଗ କବିତା (କବିତା) | ଉଦୟନ ସୂପକାର | ୪୫ |
| ଏକ ସ୍ୱାଗତିକା:ବସନ୍ତ ଉଦ୍ଦେଶ୍ୟରେ (ଗଳ୍ପକବିତା) | କରୁଣାକର ପାଟଶାଣୀ | ୪୬ |
| ସ୍ୱପ୍ନ (କବିତା) | ବିଭୁ ପ୍ରଧାନ | ୪୭ |
| ଅନ୍ଧ ଉପାଖ୍ୟାନ (କବିତା) | ଶଙ୍କର୍ଷଣ ପରିଡ଼ା | ୪୮ |
| ଭକ୍ତର ଭଗବାନ (ବ୍ୟଙ୍ଗ କଥା) | ସବିତାରାଣୀ ସାମଲ | ୪୯ |
| ମା'ର ଡ଼ାକ (ଅନୁବାଦ କବିତା) | ରୋଜି ମଲ୍ଲିକ | ୫୧ |
| ଅପେକ୍ଷାରେ ରହିଲି (କବିତା) | ରଶ୍ମି ରଞ୍ଜନ କର | ୫୨ |
| ଏଇଟା ହିଁ ପ୍ରେମ (କବିତା) | ଲୋପାମୁଦ୍ରା ପଣ୍ଡା | ୫୩ |
| ଲୁଚକାଳି (କବିତା) | ଡଗୌରୀ ପ୍ରସାଦ ମହାପାତ୍ର | ୫୪ |
| ବୋଉ (କବିତା) | ବିଜୟଲକ୍ଷ୍ମୀ ବେହେରା | ୫୫ |

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨


| | | |
|---|---|---|
| ମଧ୍ୟମବର୍ଗ ସେଇ ଯିଏ (ବ୍ୟଙ୍ଗ କବିତା) | ଡ଼ା ଜ୍ୟୋତିପ୍ରସାଦ ପଟ୍ଟନାୟକ | ୫୬ |
| ମୋ ପାଇଁ ଲେଖନ୍ତନି କବିତା ଟିଏ (କବିତା) | ଜୁଲୀ ବେହେରା | ୫୭ |
| ନାଁ ଅଟେ ଯା'ର ଉତ୍କଳ (କବିତା) | ଜୁଲୀ ବେହେରା | ୫୯ |
| ସମୟ (କବିତା) | ସୁଧୀର ନାୟକ | ୬୧ |
| ଶୂନ୍ୟ ଦେଉଳ (କବିତା) | ରାମଚନ୍ଦ୍ର ସାହୁ | ୬୨ |
| ନିରବତାର ସ୍ୱର (କବିତା) | ସ୍ୱପ୍ନଲତା ମିଶ୍ର | ୬୩ |
| ବସନ୍ତ (କବିତା) | ହେମଲତା ସାହୁ | ୬୬ |
| ଆଜି ମୁଁ ଜଳୁଛି (କବିତା) | ବବି ଅନସୂୟା | ୬୭ |
| ସୃଷ୍ଟି (କବିତା) | ପ୍ରଦୀପ ପଣ୍ଡା | ୬୯ |
| ନାରୀ ବୋଲି ନାଁ (କବିତା) | ପ୍ରତୀକ୍ଷା ଜେନା | ୭୦ |
| ମହିଳା ଦିବସ (କବିତା) | ଅକ୍ଷୟ ରାଉତ | ୭୨ |
| ଦୁଇଟି କ୍ଷୁଦ୍ର କବିତା (କବିତା) | ପୁନମ୍ ଚୌଧୁରୀ | ୭୩ |
| ନିରବତାର ସ୍ୱର (କବିତା) | ଉର୍ମିଳା ମିଶ୍ର | ୭୪ |
| ପ୍ରିୟା ମୋର ମନେ ପଡ଼େ (ଗୀତିକବିତା) | ବିଭୂତି ରଥ | ୭୬ |
| ଚାରୋଟି କ୍ଷୁଦ୍ର କବିତା (କବିତା) | ଆଶୁ ନାୟକ | ୭୮ |
| ଶବ୍ଦ (କବିତା) | ହିମାଂଶୁ ପରିଡ଼ା | ୮୦ |
| ଭିନ୍ନ କୋଣାରକ (କବିତା) | ଅସିତ କୁମାର ପଣ୍ଡା | ୮୧ |
| ରକ୍ତଦାନ (କବିତା) | ଦିପ୍ତିରଞ୍ଜନ ବେହେରା | ୮୨ |
| ସମାଜ ଏବେ କଏଦୀ (ଗୀତିକବିତା) | ବିନୟ ମୋହନ ଦାସ | ୮୩ |
| ଛୋଟ ମୋର ଗାଁଟି (କବିତା) | ବିଷ୍ଣୁ ପ୍ରସାଦ ଚୌଧୁରୀ | ୮୬ |
| କାହିଁ (କବିତା) | ଚିତ୍ତ ରଞ୍ଜନ ସାମଲ | ୮୮ |
| ପ୍ରାର୍ଥନା ହେ ପ୍ରଭୂ(କବିତା) | ଚିତ୍ତ ରଞ୍ଜନ ସାମଲ | ୮୯ |

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

| | | |
|---|---|---|
| ମାନିନୀ ମୋ ପ୍ରିୟା (କବିତା) | ମନୋଜ କୁମାର ମୁଦୁଲି | ୯୦ |
| ଟଙ୍କାର ଟୋକେଇ ଭିତରେ (କବିତା) | ହିମାଂଶୁ ଶେଖର ବିଶ୍ୱାଳ | ୯୧ |
| କବି ହେବାର ନିଶା (କବିତା) | ଆଦିତ୍ୟ ସାହୁ | ୯୨ |
| ବର୍ଷା, ଗୋଲାପ, ମଳୟ, ଜହ୍ନ ଓ ତମେ (କବିତା) | ରଞ୍ଜନ କୁମାର ପାଣିଗ୍ରାହୀ | ୯୪ |
| ଚିତ୍ରକର (କବିତା) | ମାନସ ରଞ୍ଜନ ଦାସ | ୯୫ |
| ମୁଁ ଆଉ ଆସିବିନି (କବିତା) | ସୁରେଶ କୁମାର ବାରିକ | ୯୬ |
| ଲୁହ (କବିତା) | ନିହାର ରଞ୍ଜନ | ୯୭ |
| ମୋ ମାଟିର କଥା ମୋ ଭାଷାର ଗାଥା (କବିତା) | ରଶ୍ମୀରଞ୍ଜନ ଦାଶ (ବାପୁ) | ୯୮ |
| ଆସ ହେବା ଆମେ ଜଗତଜିତା (କବିତା) | ରଶ୍ମୀରଞ୍ଜନ ଦାଶ (ବାପୁ) | ୧୦୦ |
| ଉତ୍କଳ (କବିତା) | ନମିତା ପାଇକରାୟ | ୧୦୨ |
| ମନ ଏକ ପକ୍ଷୀ (କବିତା) | ସୁଶାନ୍ତ କୁମାର ବିନାକର | ୧୦୩ |
| ପ୍ରୀତି ଏକ ଜହ୍ନରାତି (କବିତା) | କମଳ କୁମାର ଦାଶ | ୧୦୪ |
| ମୁଁ କନ୍ୟା (କବିତା) | ଅନୁସୂୟାପ୍ରିୟଦର୍ଶିନୀ ପ୍ରଧାନ | ୧୦୫ |
| ବେଶ୍ୟା (ପ୍ରବନ୍ଧ) | ସନ୍ତୋଷ ମହାରଣା | ୧୦୮ |
| ଉତ୍କଳ ଦିବସ (ପ୍ରବନ୍ଧ) | ଅର୍ଚ୍ଚନା ମହାନ୍ତି | ୧୧୦ |
| ଭୂତ ଓ ପ୍ରେତାତ୍ମାର ଅହେତୁକ ଭୟ (ପ୍ରବନ୍ଧ) | ବାଲ୍ମୀକି ନାୟକ | ୧୧୨ |
| ଇନ୍ଦ୍ରଧନୁ (ଅଣୁଗଳ୍ପ) | ସବିତାରାଣୀ ସାମଲ | ୧୧୪ |
| ଭୂୟାଁବାବୁଙ୍କ ରୋଷେଇଘରୁ (ରୋଷେଇ) | ପ୍ରଶାନ୍ତ କୁମାର ଭୂୟାଁ | ୧୧୬ |
| ଆମ ଗାଁ ହାଲଚାଲ (କଥାକାହାଣୀ) | ଡ଼ାଜ୍ୟୋତିପ୍ରସାଦ ପଟ୍ଟନାୟକ | ୧୨୦ |
| ସମ୍ବାଦପତ୍ରରେ ଆହ୍ୱାନ ଓଡ଼ିଆ ପରିବାର ବନ୍ଧୁମିଳନ | | ୧୨୪ |
| ବନ୍ଧୁ ମିଳନରେ ଆହ୍ୱାନର ବିବରଣୀପାଠ (ବିବରଣୀ) | ପ୍ରୀତିପ୍ରିୟଦର୍ଶିନୀ ମହାପାତ୍ର | ୧୨୫ |

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ସମ୍ପାଦକୀୟ

ଆଜି ଓଡ଼ିଶାରେ ସବୁ କିଛି ଅପହୃତ, ନେତା ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାହିତ୍ୟ ସମ୍ମାନ ପର୍ଯ୍ୟନ୍ତ । ସବୁକିଛି ଅପହୃତ । ନିଜର ଦାବୀ ପୁରଣ କରିବାପାଇଁ ଏହାଠୁ ବଳି ସରଳ ଉପାୟ ଆଉ କିଛି ହୋଇନପାରେ । ଯେଉଁ ରାଜ୍ୟରେ ଜନତା ନିରୀହ ସେଠି ନେତାମନ୍ତ୍ରୀମାନେ ନିଜ କୁହାବୋଲା ସବୁ କିଛି ଠିକ୍ ବୋଲି ପ୍ରମାଣିତ କରିବାରେ କୌଣସି ସୁଯୋଗ ହାତଛଡ଼ା କରନ୍ତି ନାହିଁ । ସରଳ ନିରୀହ ଆଦିବାସୀଙ୍କ ସମବେଦନା ପାଉଥିବା ବୋଲି ପ୍ରମାଣ କରିବାକୁ ଯାଇ ମାଓବାଦୀମାନେ ସେଇ ଆଦିବାସୀ ନେତାଙ୍କୁ ଅପହରଣ କରି ମାସାଧିକ କାଳ ରଖିପାରିଲେ, ଅଥଚ ଆମ ଲୋକମାନେ କଣ ଯେ ଏଥିରେ ଶିକ୍ଷା କଲେ କେଜାଣି, ସବୁ କହିଲେ ସରକାର୍ କାଳେ ଅଣ୍ଟା ଭାଙ୍ଗିଦେଲେ । ଏଇ ମାଟିର ଦାୟାଦ ମାନେ ହିଁ ଆମକୁ ଶିକ୍ଷା ଦେଇ ଯାଇଥିଲେ, 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ... ଜଗତ ଉଦ୍ଧାର ହେଉ ।' ସେଇ ମାଟିର ନେତା ଆଜି ଚିତ୍କାର କରି କହୁଛନ୍ତି ମୋତେ ବଞ୍ଚାଅ । ହତ୍ୟାକାରୀ ମାଓବାଦୀ, ମାନଙ୍କୁ ଜେଲରୁ ମୁକୁଳାଇ ଦିଅ । ମୋ ବଦଳରେ ଅଗଣିତ ହତ୍ୟାକାରୀଙ୍କୁ ନିର୍ଦ୍ଦୋଶ ବୋଲି ପ୍ରମାଣିତ କରି ଖଲାସ କର । ମୋ ଜୀବନ ବଞ୍ଚିଯାଉ, ଓଡ଼ିଶାର ଜନତା ପଛେ ଅସୁବିଧାରେ ପଡ଼ନ୍ତୁ ମୁଁ ସୁରକ୍ଷିତ ରହେ । ଯେଉଁ ମାଓବାଦୀ, ସନ୍ତ୍ରାସବାଦୀ ଓ ଆତଙ୍କବାଦୀମାନେ ନିଜକୁ ଆଦିବାସୀ ମାନଙ୍କ ହିତକାଂକ୍ଷୀ ବୋଲି କହୁଛନ୍ତି ସେମାନେ ଆଦିବାସୀଙ୍କ ପାଇଁ ଆଜି ପର୍ଯ୍ୟନ୍ତ କଣ ଯେ କରିଛନ୍ତି ତାହାର ହିସାବ ଆମେ ଜାଣିନୁ, ବୋଧ ହୁଏ ଜାଣିବା ସମ୍ଭବ ନୁହେଁ, କାରଣ ସେ ସବୁ କାଳେ ଘଞ୍ଚ ଜଙ୍ଗଲରେ ଲୁକ୍କାୟିତ ଭାବରେ ହେଉଛି । ଅବଶ୍ୟ ବେଳେ ବେଳେ ଖବର କାଗଜରେ ନିରୀହ ଆଦିବାସୀଙ୍କ ଗଳାକାଟି ହତ୍ୟା କରିଥିବା ଘଟଣା ଦେଖିଛୁ ପଢ଼ିଛୁ । ଅପହଞ୍ଚ ଅଞ୍ଚଳରେ ଥିବା ଯୋଗାଯୋଗର ସାଧନ (ମୋବାଇଲ କମ୍ପାନୀ ଟାୱାର୍) କୁ ନଷ୍ଟ କରିଛନ୍ତି, ଆମ୍ବୁଲାନ୍ସ ଉଡ଼ାଇଛନ୍ତି, ନିର୍ମାଣାଧୀନ ସ୍କୁଲ ଗୃହକୁ ଉଡ଼ାଇଛନ୍ତି, ଅପହରଣ ଆଉ ହତ୍ୟା ବି କରିଛନ୍ତି । ଆମେ ଅବଶ୍ୟ ଜାଣୁନା ଯେ ଏହା ଦ୍ୱାରା ଆଦିବାସୀମାନଙ୍କ କଣ ବିହିତ ସ୍ୱାର୍ଥ ସାଧନ ହେଉଛି !!! ସେ ଯା'ହେଉ, ମାଓବାଦୀଙ୍କୁ ସୃଷ୍ଟି କରିଥିବା ପୁରୋଧା ମାନଙ୍କୁ ପଚାରିଲେ ସେମାନେ ଉତ୍ତର ଦେଇ ପାରିବେ ।

ହିଂସା କୌଣସି ପନ୍ଥା ନୁହେଁ ନିଜର ସ୍ୱାର୍ଥ ସାଧନ ପାଇଁ । ଭାରତୀୟ ଗଣତନ୍ତ୍ରର ସ୍ୱାଧୀନତା ଏହାର ଏକ ନିଚ୍ଛକ ଉଦାହରଣ । ବ୍ରିଟିଶ ସରକାରଙ୍କୁ ଭାରତୀୟ ଅହିଂସା ଆଗରେ ନତମସ୍ତକ ହେବାକୁ ପଡ଼ିଥିଲା । ସେହି ଦେଶ ଯାହା ବିଶ୍ୱଦରବାରରେ ଶାନ୍ତିର ବାର୍ତ୍ତାବହ ଭାବରେ ଉଭା ହେଇଛି, ସେଇ ଦେଶରେ ଆଜି ହିଂସା ଓ ଅରାଜକତା ବ୍ୟାପୁଛି !!!

ଏହା ନିଶ୍ଚିତ ଭାବରେ ଚିନ୍ତାର ବିଷୟ । ଆଜି ସମାଜରେ କେହି ବି ସୁରକ୍ଷିତ ନୁହନ୍ତି । ଯେଉଁଠି ଶାସକ ଦଳର ବିଧାୟକଙ୍କୁ ଅତି ସହଜରେ ଅପହରଣ କରାଯାଇ ପାରୁଛି, ସେଠି ସାଧାରଣ ଜନତାଙ୍କ କଥା କିଏ ପଚାରେ ।

ସେ ତ ଗଲା ସାମାଜିକ ପରିସ୍ଥିତିର କଥା । ଆମେ ସେ ସବୁ ପ୍ରତି ଦୃଷ୍ଟି ରଖିବା ସତ ହେଲେ ଆମର ପ୍ରକୃତ କ୍ଷେତ୍ର ହେଉଛି ସାହିତ୍ୟ । ଆଜି ସାହିତ୍ୟ ବି ଅପହୃତ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଗତ କେଇ ବର୍ଷଧରି ଓଡ଼ିଶା ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯେଉଁ ସବୁ ମହାନୁଭବ ପୁରସ୍କାର ପାଇଛନ୍ତି, ସବୁ ବିବାଦାସ୍ପଦ ହୋଇ ପଡ଼ିଛନ୍ତି । ଅନେକ ସମୟରେ ସେମାନଙ୍କ ପ୍ରକାଶିତ ପୁସ୍ତକ ସମାଲୋଚନାର ଶରବ୍ୟ ହୋଇଛି ତ କେଉଁଠି କେଉଁଠି ଘୋଡ଼ା ବ୍ୟାପାର ହୋଇଥିବା କଥା ଉଠିଛି । ସତେ ଯେମିତି ସାହିତ୍ୟ ଏବେ ଅର୍ଥ ଉପରେ ନିର୍ଭରଶୀଳ ହୋଇ ପଡ଼ିଛି । ଯିଏ ଅର୍ଥ ଶ୍ରାଦ୍ଧ କରି ପାରୁଛି ସେ ପୁରସ୍କାର କିଣି ପାରୁଛି । ଏହିପରି ଅନେକ ପୁରସ୍କାର ପାଇଁ ଆମେ ବି ନିମନ୍ତ୍ରଣ ପାଇଛୁ, ହେଲେ ଅର୍ଥଦାନ ବଦଳରେ ପୁରସ୍କାର କିଣିବା ଭଳି ସତ୍‌ସାହାସ ଆମେ କରି ପାରିନୁ ।

ଅବଶ୍ୟ ସାମାଜିକ ଜୀବନରେ ସାହିତ୍ୟର ଅଭିବୃଦ୍ଧି କମିବାରେ ଲାଗିଛି ଏହା କହିଲେ ଅତ୍ୟୁକ୍ତି ହେବ ନାହିଁ । ସାହିତ୍ୟ ଚର୍ଚ୍ଚା ଅପେକ୍ଷା ଟିଭିରେ ଶାଶୁବୋହୂ ସିରିୟଲ୍ ଦେଖିବା ଅଧିକ ଭଲ ବୋଲି କହିଲେଣି ଆମ ସାହିତ୍ୟିକ ମାନେ । ସାହିତ୍ୟକୁ ଲୋକାଭିମୁଖୀ କରିବା ଦୂରର କଥା ସାହିତ୍ୟ ଚର୍ଚ୍ଚା ହିଁ ବନ୍ଦ ହୋଇଗଲାଣି । ଆଉ ଯେଉଁଠି କାଁ ଭାଁ ସଭା ସମିତି ଟିଏ କରି ସାହିତ୍ୟ ଚର୍ଚ୍ଚା କରୁଛନ୍ତି, ସେଠି ସାହିତ୍ୟ କମ ପରନିନ୍ଦା ଅଧିକ ହେଉଛି । ଚା ଜଳପାନର ଆୟୋଜନରେ ହିଁ ସାହିତ୍ୟ ଚର୍ଚ୍ଚା ସୀମିତ ରହୁଛି । ଏମିତି ଜଣେ ସାହିତ୍ୟିକ କବିତାରେ କହୁଥିବାର ଦିନେ ଶୁଣିଲି । ସେ କହୁଥିଲେ ଯେ ଆମେ ଯେଉଁ ସାହିତ୍ୟ କରୁଛେ ତାହା ସାଧାରଣ ମନୁଷ୍ୟଟେ ବୁଝିବା କାଠିକର ପାଠ । ତାଙ୍କରି ଶବ୍ଦରେ;

ହଇ ହେ, କବି...

କବିତା ଲେଖୁଛ, ପଢୁଛ, ଶୁଣଉଛ

କଣ ଯେ ଲେଖୁଛ ଆମକୁ ଜଣାନାଇଁ

ତୁମ ପାଇଁ ସିଏ କବିତା ଲେଖନ୍ତି

ତୁମେ ଲେଖ ତାଙ୍କ ପାଇଁ ...

ହେଲେ ସାଧାରଣରେ କେତେଜଣ ଲୋକ କବିତା ପଢ଼ିବା ପାଇଁ ଚାହାନ୍ତି, ତାହା ଅବଶ୍ୟ ତର୍କର ବିଷୟ । ଆଗ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

କାଳରେ ସନ୍ଧ୍ୟା ସମୟରେ ହେଉ ଅବା କ୍ଲାନ୍ତ ଅପରାହ୍ନରେ ଗାଁ ଦାଣ୍ଡରେ ସମବେତ ଜନତାଙ୍କୁ ବୁଲି ବୁଲି କବିତା ଶୁଣାଉଥିବା ଭଦ୍ରବ୍ୟକ୍ତିମାନେ ଆସି ସ୍ୱରଚିତ କବିତା ଶୁଣାଇ ସେ ସବୁର ବ୍ୟାଖ୍ୟା କରୁଥିବାର ଦୃଷ୍ଟାନ୍ତ ରହିଛି । ହେଲେ ଆଜିକାଲି ସମୟ କାହିଁ, କାର୍ଯ୍ୟାଳୟ, ହେଉ ଅବା ଧାନକ୍ଷେତ, କାମ ସରିଗଲେ ପରା ଟିଭିରେ କ୍ରିକେଟ୍ ଦେଖିବାର ଅଛି, ନହେଲେ ସିନେମା, ନାହିଁ ତ ସିରିୟଲ୍ ।

ତଥାପି ଆନନ୍ଦର ବିଷୟ ନିଜର ବ୍ୟସ୍ତ ଜୀବନଶୈଳୀ ଭିତରେ ବି ଅନେକ ଯୁବବନ୍ଧୁ ଏବେ ସାହିତ୍ୟାନୁରାଗୀ ହୋଇଛନ୍ତି । ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ପ୍ରତିଷ୍ଠିତ କଥା ଓ କବିତା ଏବଂ ପ୍ରେମକବିତା ଗୋଷ୍ଠୀରେ ଅଗଣିତ ବନ୍ଧୁ ଦୈନିକ କବିତା ପ୍ରକାଶିତ କରୁଛନ୍ତି ଏବଂ ଅନ୍ୟମାନଙ୍କ କବିତା ଉପରେ ଟିପ୍ପଣୀ ଦେଉଛନ୍ତି । ଏହା ନିଶ୍ଚୟ ଭାବରେ ଆମ ସାହିତ୍ୟ ପାଇଁ ଏକ ଶୁଭଙ୍କର ସଙ୍କେତ । ଭଗବାନ କରନ୍ତୁ ଆମର ଯୁବାବର୍ଗ ଏହି ସାହିତ୍ୟର ଆଦରକୁ କେବେ ନ ଭୁଲୁ ।

ଚଳିତ ମାସ ଓଡ଼ିଶା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ମାସ । ବିଷୁବ ସଂକ୍ରାନ୍ତି, ଉତ୍କଳୀୟ ନବବର୍ଷ, ଉତ୍କଳ ଦିବସ ଆଦି ଅନେକ ପର୍ବପର୍ବାଣୀର ଏଇ ମାସରେ ଆହ୍ୱାନ ଓଡ଼ିଆ ପରିବାର ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସେଥିରେ ଉପସ୍ଥିତ ହୋଇଥିବା ବନ୍ଧୁମାନଙ୍କ ଭିତରେ ଥିବା ଉତ୍ସାହକୁ ପରିଲକ୍ଷିତ କଲେ ଅନୁଭବ କରିହୁଏ ଯେ ଆମ ଭାଷା ସାହିତ୍ୟର ମଙ୍ଗ ଧରିବା ପାଇଁ ଆମ ଯୁବବର୍ଗ କେତେ ତତ୍ପର ଓ ସଜାଗ । ଆମେ ଆନନ୍ଦ ଅନୁଭବ କରିବା କଥା ଯେ ସାମ୍ପ୍ରତିକ ସମୟରେ ମଧ୍ୟ ଆମ ଯୁବ ପୀଢ଼ି ସାହିତ୍ୟ ପ୍ରତି ଅନୁରାଗ କେବଳ ଦେଖାଉନାହିଁ ବରଂ ନୂତନ ସାହିତ୍ୟ ସୃଷ୍ଟି କରିବାରେ ସିଦ୍ଧହସ୍ତ ବି ହୋଇଛି ।

ବିଷୁବ ମିଳନ କାର୍ଯ୍ୟକ୍ରମ ପୂର୍ବରୁ ଏହି ପତ୍ରିକାର ଉନ୍ମୋଚନ ପର୍ବ ଥିଲେ ସୁଦ୍ଧା ମୋର କାର୍ଯ୍ୟବ୍ୟସ୍ତତା ହେତୁ ଏହା ସମ୍ଭବ ହୋଇ ପାରିନଥିଲା । ସେ ଯା'ହେଉ ଏହି ପତ୍ରିକାର ଏକ ବିଶାଳ ସଂସ୍କରଣ ପ୍ରକାଶନ କରି ଆପଣ ମାନଙ୍କ ନିକଟରେ ଉପସ୍ଥାପନ କରୁଥିବା ସମୟରେ ମୁଁ ସମସ୍ତ ବନ୍ଧୁମାନଙ୍କୁ ଧନ୍ୟବାଦ ଦେଉଛି, ଯେଉଁମାନଙ୍କ ପ୍ରଚେଷ୍ଟାରେ ଆହ୍ୱାନ ଋଦ୍ଧିମନ୍ତ ହୋଇଛି ଏବଂ ସମ୍ପ୍ରତି ଏକ ବୃହତ କଳେବରରେ ପ୍ରକାଶିତ ହେଉଛି । ଯେଉଁ ବନ୍ଧୁମାନଙ୍କ ଲେଖା ପ୍ରକାଶିତ ହୋଇ ପାରିନାହିଁ, ସେମାନେ ଆମ ସହ ଯୋଗାଯୋଗ କରି ନିଶ୍ଚୟ ଜଣାଇଲେ ଆମେ ଆଗାମୀ ସଂସ୍କରଣରେ ତାହାକୁ ସ୍ଥାନ ଦେବୁ ।

ଧନ୍ୟବାଦ

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

# ଆହ୍ୱାନ ଓଡ଼ିଆ ପରିବାରର ମହାବିଷୁବ ମିଳନ କାର୍ଯ୍ୟକ୍ରମ ବିବରଣୀ

ବିଗତ ଅପ୍ରେଲ ୧୪ ତାରିଖ ଶନିବାରଦିନ ଭୁବନେଶ୍ୱର ସଚିବାଳୟ ମାର୍ଗରେ ଥିବା ହୋଟେଲ୍ ଡ଼ାଲମା ଠାରେ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ଏକ ବିଶେଷ ବନ୍ଧୁମିଳନ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଛି । ଫେସ୍‌ବୁକରେ ଥିବା ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟ ତଥା ଅନ୍ୟ ସମସ୍ତ ଓଡ଼ିଆ ଗୋଷ୍ଠୀରେ ଥିବା ସଦସ୍ୟମାନେ ସପରିବାରେ ଏକତ୍ରିତ ହୋଇ ଏଇ ସମାବେଶକୁ ସଫଳ କରିବାରେ ସହାୟତା କରିଥିଲେ । ଏହି ଅବସରରେ ଓଡ଼ିଶାର ବ୍ୟଙ୍ଗକବି ସତ୍ୟାନାଶଙ୍କ ଦ୍ୱାରା ଲିଖିତ 'Fakebook' ବହିର ଶୁଭ ଉନ୍ମୋଚନ କରାଯାଇଥିଲା । ଏହି ଉତ୍ସବର କିୟଦଂଶ ଫଟୋଚିତ୍ରରେ ନିମ୍ନରେ ଦିଆଯାଇଛି ।



ଉପରେ ଦେଖାଯାଉଥିବା ସମସ୍ତ ଛବି ଆପଣ ଫେସ୍‌ବୁକ୍‌ରେ ଦେଖିପାରିବେ । ନିମ୍ନରେ ଦିଆଯାଇଥିବା ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ

http://www.facebook.com/media/set/?set=a.382011165152476.86360.100000307885081&type=3&l=46b4191183

# ବିଷୁବ ମିଳନ



ଅସିତ କୁମାର ପଣ୍ଡା

ଚଡ଼କ ମେଳାରେ ଚୈତ୍ରକୁ ମେଲାଣୀ ଦେଲା ବୈଶାଖର ତାତି,
ନବ ବରଷର ନବ ହରସରେ ଉତ୍କଳ ଉଠିଲା ମାତି ॥
ଏ'କାଳେ ଏ'ସ୍ଥଳେ, ମିଳିଲେ ସକଳେ ଜ୍ୟୋତି ବାବୁଙ୍କ ଆହ୍ୱାନେ,
କଥା ଓ କବିତା ଆସର ଜମେଇ ମହା ବିଷୁବ ମିଳନେ ॥
ଭାଷା ମନ୍ଦାକିନୀ ପ୍ରବାହ ମନ୍ଥର, ଥମି ଥମି ଆସେ ସ୍ୱଭାଷା ପ୍ରୀତି,
ଭାଗିରଥୀ ସାଜି ଏ ଭାଗିରଥକୁ ବଢ଼ାଇ ନେବାକୁ ବଳାଇ ମତି ॥
କେତେ ଜ୍ଞାନୀ, ଗୁଣୀ ନିର୍ଝରଣୀ ଆଜି, କାହୁଁ କାହୁଁ ଝରିଆସି,
ଓଡ଼ିଆ ଭାଷାର ଗଙ୍ଗାକୁ ପ୍ଲାବିତ କରନ୍ତି ସଭିଏଁ ମିଶି ॥
ମନ୍ଦିରମାଳିନୀ ଏକାମ୍ର ନଗର ଖ୍ୟାତ ଏ ଭୁବନେଶ୍ୱର,
ସ୍ୱଭାଷା ପ୍ରୀତିର ଗଙ୍ଗୋତ୍ରୀ ସାଜିଛି, ବହୁଛି ସାହିତ୍ୟ ଝର ॥
ଗାଳ୍ପିକ, ଲେଖକ, କବି, ସମୀକ୍ଷକ ସବୁ ଆଜି ଏକାସନେ,
ଓଡ଼ିଆ ସଂସ୍କୃତି, ଓଡ଼ିଆରେ ପ୍ରୀତି ଫେରାଇବା ଆଶ୍ୱାସନେ ॥
ଭୂଲି ପୂର୍ବକୀର୍ତ୍ତି, ଐତିହ୍ୟ ସଂସ୍କୃତି ଓଡ଼ିଆ ହୁଡ଼ିଛି ବାଟ,
ପର ତରକାରୀ ସୁଆଦିଆ ଲାଗେ, ମାଗି ଖାଇ ମାରେ ଥାଟ ॥
ଥିଲେ ଆଜି ଗୋପବନ୍ଧୁ, ବ୍ୟାସ କବି, ମଧୁବାବୁ, ରାଧାନାଥ,

ଓଡ଼ିଆ ଜାତିର ଭାଷା ପ୍ରୀତି ଦେଖି ମୁଣ୍ଡରେ ଦିଅନ୍ତେ ହାତ ॥

ମାତୃଭୂମି ମାତୃଭାଷାରେ ମମତା ମରମୁ ମରିଛି ଆଜି,

ଆହ୍ୱାନ ଏ' ଏକ ପ୍ରୟାସ, ପାଇବୁ ପୁଣି ସେ ଗାରିମା ଖୋଜି ॥

ଫେରୁ ଏ ଜାତିର ଭବ୍ୟ ଅତୀତ, ହେଉ ଋଦ୍ଧିମନ୍ତ ପୂର୍ବପରି,

'ମୋ ଦେଶ ଓଡ଼ିଶା, ଓଡ଼ିଆ ମୋ ଭାଷା' କହୁଥିବୁ ଗର୍ବ କରି ॥

ଆଜି ଏ 'ବିଷୁବ ମିଳନ' ମେଳିକୁ ଦେଖି ବଢ଼େ ଏ ବିଶ୍ୱାସ,

ଓଡ଼ିଆ ଭାଷାର ଅବକ୍ଷୟ ନାହିଁ, ଅକ୍ଷର ଥିଲେ ପ୍ରୟାସ ॥

ଏତିକି କଳ୍ପନା କଳ୍ପେ କଳ୍ପେ ଥାଉ ଓଡ଼ିଆ ଭାଷାର କାନ୍ତି,

ପ୍ରତିଟି ଓଡ଼ିଆ ହୃଦୟେ ସ୍ପନ୍ଦିତ ହେଉ ଭାଷା ଅନୁରକ୍ତି ॥

ଉତ୍କଳକୁ ପୁଣି ସିକ୍ତ କରୁ ସେ ଉତ୍କଳମଣୀଙ୍କ ବାଣୀ ବରଷା,

'ଉଚ୍ଚ ହେବାପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା' ॥

ଅପ୍ରେଲ ୧୪ ତାରିଖରେ ଭୁବନେଶ୍ୱର ଠାରେ ଆୟୋଜିତ ଆହ୍ୱାନ ଓଡ଼ିଆ ପରିବାରର ବିଷୁବ ମିଳନ ଅବସରରେ ଆମ ପରିବାର ସଦସ୍ୟ ଅସିତ କୁମାର ପଣ୍ଡାଙ୍କ ଦ୍ୱାରା ରଚିତ ଏଇ କବିତାକୁ ଆମେ ଆମ ବିଷୁବ ମିଳନ କାର୍ଯ୍ୟକ୍ରମର ପ୍ରେକ୍ଷାପଟ ସଙ୍ଗୀତ (Theme Song) ବୋଲି ଘୋଷଣା କରୁଛୁ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ସତ୍ୟ ପଟ୍ଟନାୟକ

# ପ୍ରତିନିଧି

ଏ ଦେଶର ପ୍ରତିନିଧି ତୁମେ
ଦୁଃଶାସନ ସମାଜର କୁରୁସଭା ତଳେ
ଆମେ ସବୁ ସାଜିଛୁ ଦ୍ରୌପଦୀ
ସମାଜର ଯେତେ ଯେତେ ଅସହାୟ ଦରିଦ୍ର ନିର୍ଦ୍ଧନ
ବସ୍ତ୍ରନାମେ ଦେଉଆମେ ଏ ଦେହର ରକ୍ତମାଂସ ପ୍ରତି ମୁହୂର୍ତ୍ତରେ ।

ତମର ସେ ଦୃଢ଼ ହାତେ କ୍ଷମତା ନଟେଇ
ଆଇନ ସୂତାର ଦେହେ କଳାଟଙ୍କା ମାଞ୍ଜା
ଆମେ ଏଠି ଉଡୁଥାଉ ଗୁଡ଼ିରୂପେ ହୋଇ ଦିଗହଜା
ଖୋଲିବାର ଭୟନାହିଁ, ପ୍ରତିନିଧି
ତମର ସେ ସୁତା ମୁଣ୍ଡେ ଆମ ବେକେ ଭଲ ଭାବେ ବନ୍ଧା ।

ଆମ ମା ଭଉଣୀ କାଳେ ତୁମ ଆଗେ ରମ୍ଭା ଓ ଉର୍ବଶୀ
ଡ଼ାକବଙ୍ଗଳାର ସ୍ୱର୍ଗେ ନିତି ଦେଖ ସ୍ୱପ୍ନ
ତାଙ୍କ ହାତୁ ନେବାପାଇଁ ସୁରାପାତ୍ର
ଶୁଣିବାକୁ ତାଙ୍କ ପାଦ ନୂପୂର ଝଙ୍କାର ପୁଣି
ଦେଖିବାକୁ ତାଙ୍କ ଦେହ ପ୍ରୀତିର ଓଡ଼ିଶୀ ।

ସହରୁ ସହର ବୁଲି ଦେଶପ୍ରେମ ଉପଦେଶ ଦିଅ
ନାଲି ବୋତଲର ଶବ୍ଦେ ରାତିହେଲେ
ଦେଶପ୍ରେମ ବଦଳେ ତ ଆପଣା ପ୍ରେମରେ
ବାରମାସୀ ପକ୍ଷୀପରି ବେଳଦେଖି ରଙ୍ଗ ବଦଳାଅ
ତମ ତୀକଷ୍ଣ ଚାହାଣୀରେ ସବୁକିଛି ଜଳିଯାଏ
ଅମୃତ ପାଲଟେ ବିଷ ତମ ନିଃଶ୍ୱାସରେ ।

ଏଠି ଯେତେ କୋଠାଘର ଅବା ଚାଳଘର
ସବୁ ଗଳି ବିଗଳିରେ ମାଡ଼ିଆସେ ତାତିର ଜୁଆର
ପ୍ରତିଟି ବଖରା ଏଠି ଭରିଅଛି ଅବଶୋଷ ଯନ୍ତ୍ରଣା ଓ
ଅନାହାର ଦୁଃଖେ
କେବେ କି ଭାବିଛ ଥରେ ପ୍ରତିନିଧି
ଅନ୍ଧାରର ମୁଖାପିନ୍ଧି ସୂର୍ଯ୍ୟ ଆସେ
କେମିତି ଏ ଗରୀବର ବୁକେ ?

ଅହରହ ଶୁଣାଉଛ ଗାନ୍ଧୀ ଆଉ ସ୍ୱରାଜ ବାରତା
ଅହିଂସା ଓ ଧର୍ମ ନାମେ ଖେଳି ହିଂସା ଖେଳ
ବୋଲାଉଛ ଆପେ ଆପେ ଦେଶର କରତା
ନୀଳକଣ୍ଠ ସାଜିପାର ଅନାୟାସେ ପିଦେଇ ଅସୂୟାର ନୀଳ
ତମେ କି ଜାଣନା
ଖଦଡ଼ ପୋଷାକ ତଳୁ ସ୍ୱଷ୍ଟ ଦିଶେ
ତମର ସେ ଭାନୁମତୀ ରହସ୍ୟର ଖେଳ ।

ନିର୍ବାଚନ ଇସ୍ତାହାର ଯେତେ
ସବୁଖାଲି ମିଛା ମିଛା ଶବ୍‌ଦର ଚମକ
ତମ ରାଜନୀତି ଖେଳେ
ଏ ଦେଶର ଜନତା ଯେ ଛାତିତଳୁ ଇଡିଦିଏ ରକ୍ତ
ତମେ କିନ୍ତୁ ନିଃସଙ୍କୋଚେ ଫୁଟାଅତ ବୋମା
ଫୁଲଟିଏ ପାରନା ଫୁଟାଇ
ତମକୁ ଚିହ୍ନିଲୁ ଖୁବ୍ ପ୍ରତିନିଧି
ଚିହ୍ନିବାକୁ ବାକି ଆଉ କିଛି ନାହିଁ ॥

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ଡ଼ଃ କୁଳାଙ୍ଗାର

# ଏକ ଆମ ପ୍ରକୃତି

ଏକ ଆମ ମନୋବୃତ୍ତି
ଏକ ଆମ ପ୍ରକୃତି;
ଏକ ଆମ ପ୍ରିୟାପ୍ରୀତି,
ଏକ ଆମ ଦୁର୍ନୀତି ॥

ଏକ ଲୋକ ମୁଖ୍ୟ ଏଠି
ଏକ ଲୋକ ବୋଲରେ;
ଏକ ଲକ୍ଷ୍ୟ ଶିଳ୍ପନୀତି
ଏକ ଓ୍ୱିଣ୍ଡୋ ଖୋଲରେ ॥

ଏକ ଦଳ ରାଜ କରେ
ଏକ ଚିହ୍ନ ଉଡ଼େରେ;
ଏକ ପାଇଁ କ୍ୟାପିଟାଲେ,
ଦୁଇଟଙ୍କା ପଡ଼େରେ ॥

ଏକ ରାଜ୍ୟ ବହୁ ଜିଲ୍ଲା
ଏକ ନାଆଁ ଲେଖୁଛେ;
ଏକ ନୀତି ଧରି ସବୁ
ଏକ ଆରେ ଶୋଧୁଛେ ॥

ଏକ ଭାଷା ବହୁ କଥା
ଏକ ଗାଳି ପାଟିରେ;

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ଏକ ଦୁଃଖ ଟଣାଟଣି
ଏକ ପ୍ରୀତି ରାତିରେ ॥

ଏକ ଶୋଷ ପିଆ ପିଇ
ଏକ ସୁଖ ଶୋଇବା;
ଏକ ଭୋକ ପ୍ରତିଶୃତି
ଏକ ବୋଧ ଖାଇବା ॥

ଏକ କାମେ ଅଫିସର
ଏକ ଯାନ୍ତି ସର୍ବଦା;
ଏକ ନେତ୍ର ବାଥ୍‌ରୁମେ
ଏକ ହୋଇ ବହୁଧା ॥

ଏକ ଆମ ମୁଖ୍ୟକାମ
ଏକ ଆମ ସଂସ୍କୃତି;
ଏକ ଆମ ଟଣାଟଣି
ଏକ ଆମ ପ୍ରବୃତ୍ତି ॥

# ଆରମ୍ଭ

ହିମାଂଶୁ ଶେଖର ବିଶ୍ୱାଳ

କେବେ ଆରମ୍ଭ ହେବ... ...
ଆଉ ଏକ ଆହ୍ୱାନ, ନେତାଜୀଙ୍କ ଆହ୍ୱାନ ପରି
ମାଟିର ଆହ୍ୱାନ, ସଂସ୍କୃତିର ଆହ୍ୱାନ
'ଶିକ୍ଷା ବଞ୍ଚାଅ'ର ଆହ୍ୱାନ
ସେମାନେ ଲୁଟିନେବେ ସବୁକିଛି
ଲେଉଟାଇବେନି କିଛି
ଫିରିଙ୍ଗୀଙ୍କ ପରି
ଗାନ୍ଧିଜୀଙ୍କ ଛବିଥିବା କିଛି କାଗଜ ଟୁକୁଡ଼ା ବଦଳରେ
ମୋହର ବାଜିଥିବା କିଛି ପ୍ରମାଣପତ୍ର ମାଧ୍ୟମରେ
ଧଳା ପୋଷାକ ଆଢୁଆଳରେ ।

କେବେ ଆରମ୍ଭ ହେବ... ...
ସ୍ୱପ୍ନ ଆଉ ଏକ 'ତକ୍ଷଶିଳା'ର
ପରିକଳ୍ପନା ନୂଆ ଏକ 'ନାଳନ୍ଦା'ର
ପ୍ରତିଷ୍ଠା କରିବାର ଇଚ୍ଛା
ଏକ ସୋଶୋଭିତ, ସୁସୁନ୍ଦର 'ପୁଷ୍ପଗିରି'ର
ସେମାନେ ଏବେ ବଞ୍ଚିବାକୁ ଚାହାନ୍ତି
ଆଧୁନିକତାର ପାହାଡ଼ ଉହାଡ଼େ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ସାମାଜିକ ମୂଲ୍ୟବୋଧର ବାଡ଼ିଆଡ଼େ
ଟଙ୍କାର ଟୋକେଇ ଭିତରେ ।
ନିଶ୍ଚୟ ଆରମ୍ଭ ହେବ... ...
କାହିଁକି ନା
'ଅରୁଣି'ମାନେ ଏଠି ଅପେକ୍ଷାରତ
'ଧୌମ୍ୟ'ଙ୍କ ଆଗମନକୁ, ଆଦେଶକୁ
ନିଷ୍ଠାର ନିପୁଣତା ପ୍ରତିପାଦନ କରିବାକୁ;
ଏବେ ବି ତ
'ଏକଲବ୍ୟ'ମାନେ ଏକାକୀ
ଲୁଚି ଶିଖନ୍ତି 'ଦ୍ରୋଣ'ଙ୍କ ଠାରୁ
ମୁକୁଳିବାକୁ ଚେଷ୍ଟା କରନ୍ତି
ଦାରିଦ୍ର୍ୟତା, ଅସ୍ପୃଶ୍ୟତାର ଆବରଣରୁ;
ଶେଷରେ
'ଚନ୍ଦ୍ରଗୁପ୍ତ'ମାନେ ବି ଚାହିଁ ବସିଛନ୍ତି
'ଚାଣକ୍ୟ'ଙ୍କର ଆହ୍ୱାନକୁ
ଆଉ ଏକ ଯୁଦ୍ଧର ଆହ୍ୱାନ
'ଶିକ୍ଷା ବଞ୍ଚାଅ'ର ଆହ୍ୱାନ
ଶିକ୍ଷିତ ରାକ୍ଷସମାନଙ୍କ ପାଖରୁ
ଅର୍ଥଲୋଭୀ ପିଶାଚଙ୍କ କବଳରୁ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

# ୟୁରୋପୀୟ ଲୋକକଳା ସହ ଓଡ଼ିଶୀ ପଟ୍ଟଚିତ୍ରର ଯୁଗଳବନ୍ଦୀ



ମୀନକେତନ ପଟ୍ଟନାୟକ

ଆଜିର ସୂଚନା ଯୁଗରେ 'ଇଣ୍ଟରନେଟ୍' ବିଶ୍ୱର ସର୍ବବୃହତ୍ ପାଠାଗାରର ମାନ୍ୟତା ଦାବୀ କରେ । ଏହି ତଥ୍ୟର ଗନ୍ତାଘର ଜ୍ଞାନପୀପାସୁଙ୍କ ପାଇଁ ସହଜ ଓ ସୁଲଭରେ ସୂଚନା ସଂଗ୍ରହ କରିବାରେ ବହୁତ ସହାୟକ ହୋଇଥାଏ ।

ରାତ୍ରୀର ଦ୍ୱିତୀୟ ପ୍ରହର । ପ୍ରୟୋଗକଳା ବିଷାରଦ ମୋର ଅଷ୍ଟ୍ରେଲିୟ ଯୁବବନ୍ଧୁ ଜାକୋବ୍‌ଙ୍କ ଠାରୁ ଅଳଙ୍କରଣରେ ପରିଚୟତା (Identity in Design) ବିଷୟରେ ତଥ୍ୟ ସଂଗ୍ରହ କାର୍ଯ୍ୟ ଶେଷ କରୁଥିଲି (ଯାହା ମୋତେ ବିକେ ଆର୍ଟ୍ କଲେଜର ଆପ୍ଲାଏଡ୍ ଆର୍ଟର ବିଦ୍ୟାର୍ଥୀମାନଙ୍କୁ ବିଶ୍ୱ ପ୍ରୟୋଗ କଳା ଦୁନିଆର ତାଜା ତଥ୍ୟ ବାବଦରେ ଅବଗତ କରାଇବାରେ ସହାୟକ ହୋଇଥାଏ ।) କାନ୍ଥଘଡ଼ି ବିରକ୍ତି ଭରା ସ୍ୱରରେ ଢ଼ଙ୍ଗ୍ ଢ଼ଙ୍ଗ୍ ଶବ୍ଦ କରି କହୁଥିଲା, 'ରାତି ଦୁଇଟା ବାଜିଲାଣି ପରା, କାମ ସେଇତିକି ଥାଉ, ଏଥର ଶୋଇପଡ଼' । ଦିନରାତି କାମ କରି କରି ଥକି ପଡ଼ିଥିବା ଆଖିରେ ଆଖିଏ ନିଦ ନେଇ ଢୁଳେଇ ପଡ଼ିବା ପୂର୍ବରୁ ମୁଁ କମ୍ପ୍ୟୁଟରକୁ ବନ୍ଦ କରିବାକୁ ଯାଇ ଦେଖେତ ଫେସବୁକ୍ ଚାଟ୍‌ରେ ସନ୍ଦେଶ୍ ଆସିଛି, 'ସାର୍ ନମସ୍କାର । ଆଜି କ'ଣ ନିଦ ମାଡୁନାହିଁ?' ଆଶିଷ ସରଣଙ୍କ ଏହି ବାର୍ତ୍ତାର ଉତ୍ତରରେ ମୁଁ ଟାଇପ୍ କଲି, 'ହା ହା ହା' । ସେ ପୁଣି ମେସେଜ୍ କଲା, 'ରଘୁରାଜପୁରରେ ରାଇସ ଫେଷ୍ଟିଭାଲ୍ ୨୦୧୧ ଚାଲିଛି, ସେଥିପାଇଁ ୟୁରୋପ୍‌ରୁ ଅନେକ ଚିତ୍ରଶିଳ୍ପୀ ଓଡ଼ିଶୀ ପଟ୍ଟଚିତ୍ର ଶିଖିବାପାଇଁ ଆସିଛନ୍ତି ।' ଏହି ଖବର ପାଇ ଉତ୍ସବର ମୁଖ୍ୟ କର୍ଣ୍ଣଧାର ତଥା ଉକ୍ତ ଶିବିରର ଇଣ୍ଡିଆ କ୍ୟୁରେଟର ଯୁବଶିଳ୍ପୀ କ୍ଷୀତିଶ ଦାସଙ୍କ ସହ ସହଯୋଗ କରିବାକୁ ତାକୁ ପରାମର୍ଶ ଦେବାକୁ ଯାଇ କହିଲି, 'କ୍ଷୀତିଶ୍ ଏକା ପାରିବ ନାହିଁ । ପିଲାଟା ଥକିଯିବ । ଏତେବଡ଼ କାମଟେ ହାତକୁ ନେଇଛି, ତାକୁ ତୁମେ ସମସ୍ତେ କୋପରେଟ୍ କର ।' ସେ ଉତ୍ତର ଦେଲା, 'ଆମ ସମସ୍ତଙ୍କ ମଧ୍ୟରେ କୋଅଡ଼ିନେସନ୍ ବହୁତ ଭଲ, ତେଣୁ ଆମେ ସମସ୍ତେ ମିଶି କାମ କରୁଛୁ । ଏହି କର୍ମଶାଳାଟି ମାସାଧିକ କାଳ ଚାଲିବ ତେଣୁ ଆପଣ ଦିନେ ଆସି ଏଠି ନିଜ ଶିଳ୍ପୀ ଜୀବନ ଉପରେ ଟକ୍ ଦେବାକୁ ନିମନ୍ତ୍ରଣ କରୁଛି । କେବେ ଆସିବେ ?...'

ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୨୮ ପର୍ଯ୍ୟନ୍ତ ଚାଲିଥିବା ଉକ୍ତ କର୍ମଶାଳା ଶେଷ ହେବାର ଆଉ ତିନିଦିନ ବାକିଥାଏ । ମୁଁ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

କଲେଜରୁ ଛୁଟି ନେଇ ବାଇକ୍ ଷ୍ଟାର୍ଟ୍ କଲି ପୂର୍ବ ଭାରତର ଏକ ମାତ୍ର ହେରିଟେଜ୍ ଭିଲେଜ୍ ରଘୁରାଜପୁର ଦିଗେ ଅଗ୍ରସର ହେବାକୁ । ବି.କେ. ଆର୍ଟ୍ କଲେଜରେ ଚିତ୍ରକଳାର ଛାତ୍ର ଥିବା ସମୟରେ ସେହି ଗ୍ରାମ ବିଷୟରେ ବହୁତ କିଛି ଶୁଣିଥିଲି କିନ୍ତୁ ନିଜେ ଜଣେ ଶିଳ୍ପୀ ହୋଇଥିଲେ ହେଁ ସେଠାକୁ କେବେ ଯାଇନଥିବାର ଗ୍ଲାନି ରହିଥିଲା । ସେହି ଅଞ୍ଚଳରେ ପ୍ରବେଶ କରୁ କରୁ ଦେଖିଲି ଭାରି ପରିଷ୍କାର ପରିଚ୍ଛନ୍ନ ଗାଁ ଟିଏ । ଗାଡ଼ିର ବେଗ କମ କରି ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଘର କାନ୍ଥରେ ଅଙ୍କାଯାଇଥିବା ରେଖାଚିତ୍ର ଆଡ଼କୁ ଚାହିଁ ଦେଇ ଦେଖେତ ବାରଣ୍ଡା ଓ ଅଗଣାରେ ଛୋଟ ନୁଆଁଣିଆ ମେଜ ଉପରେ ପଟ୍ଟଚିତ୍ରର ପଟ୍ଟିକୁ ରଖି କିଛି ଓଡ଼ିଶୀ ଚିତ୍ରକର ଚିତ୍ର ଅଙ୍କନରେ ବ୍ୟସ୍ତ ଅଛନ୍ତି । ହଠାତ୍ ଚକୁଳିଆ ପଣ୍ଡା ମାର୍କା ଦୁଇଜଣ ଡଉଲ ଡାଉଲ ଯୁବକ ରାସ୍ତା ଉପରକୁ ମାଡ଼ି ଆସିଲେ । ତାଙ୍କ ହାତରେ ଥିଲା ଟିପା ଖାତା ଓ କଲମ । ଦେଖାଯାଉଥିଲେ ଠିକ୍ ପୂଜାଚାନ୍ଦା ଆଦାୟ କରୁଥିବା ବଗୁଲିଆ ବାନାମ୍ବରଙ୍କ ଭଳି । ନିକଟ ଭବିଷ୍ୟତରେ କୌଣସି ପୂଜା କିମ୍ବା ସାହି, ଗାଁ ମେଳଣ ଆଦି କୌଣସି ପାଇଁ ବୋଧେ ଟଙ୍କା ମାଗିପାରନ୍ତି ବୋଲି ମନେ ମନେ ଭାବିଲି । ମୋ ଗାଡ଼ି ପାଖକୁ ଆସି ସେ ଦୁହିଁଙ୍କ ମଧ୍ୟରୁ ଅଧିକ ପୃଥୁଳକାୟ ଜଣଙ୍କ ପଚାରିଲା, 'ସାର୍, ହ୍ୱାଟ୍ ଇଜ୍ ୟୋର୍ ବଜେଟ୍ ?' ମୁଁ ଘାବରେଇ ଗଲି, ଇଏ ପୁଣି କି ପ୍ରକାରର ଚାନ୍ଦା ମାଗିବାର ଶୈଳୀ! ତାଙ୍କ ମୁହଁକୁ ବଲ ବଲ କରି କିଛି ସମୟ ଚାହିଁରହି ପଚାରିଲି, 'ଭାଇ, ମୁଁ ଇଙ୍ଗିଲିସ୍ ବୁଝିପାରୁନି, ଓଡ଼ିଆରେ ଟିକେ ବୁଝେଇ କହିଲେ ଭଲ ହୁଅନ୍ତା' । ଦ୍ୱିତୀୟ ଯୁବକ ଜଣଙ୍କ ଆଉ ଟିକେ ପାଖକୁ ଆସି ମୋତେ ବୁଝାଇ କହିଲେ, 'ଆଜ୍ଞା, ବଜେଟ୍ ମାନେ କେତେ ଦାମର ଓ କେଡ଼େ ସାଇଜର ପଟ୍ଟଚିତ୍ର କିଣିବା ପାଇଁ ଚାହୁଁଛନ୍ତି' । ମୋ ନାସ୍ତିସୂଚକ ମୁଣ୍ଡ ହଲାରୁ ସେମାନେ ସବୁ ବୁଝି ଫେରିଗଲେ । ସେତେବେଳେ ମୁଁ ଜାଣିଲି ଯେ ସେମାନେ ମୋତେ ଗ୍ରାହକ ବୋଲି ଭାବି ନେଇଥିଲେ ।

ବିଚିତ୍ରବର୍ଣ୍ଣା ରଘୁରାଜପୁର ଗ୍ରାମର ମଧ୍ୟ ଭାଗରେ ରଘୁରାଜପୁର ଇଣ୍ଟର୍‌ନ୍ୟାସନାଲ୍ ଆର୍ଟ୍ ଆଣ୍ଡ କ୍ରାଫ୍ଟ୍ ଏକ୍ସଚେଞ୍ଜ୍ ୨୦୧୧ ଶିବିର ଚାଲିଥାଏ, ତାକୁ ପରିଚାଳିତ କରୁଥାନ୍ତି ମୋର ପୂର୍ବତନ ଛାତ୍ର କ୍ଷୀତିଶ ଦାଶ, ଆଶିଷ ସରଣ, ତାପସ ମହାରଥୀ ଓ ଅମୀୟ ଘଡ଼େଇ ଯେଉଁ ମାନଙ୍କର ବୟସ ପଚିଶି ଟପିନାହିଁ । ଏହି ରାଇସ୍ ଫେଷ୍ଟିଭାଲ୍‌କୁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ହସ୍ତକଳା ନିର୍ଦ୍ଦେଶାଳୟ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଆଦିର ପ୍ରଚ୍ଛନ୍ନ ସହଯୋଗ ମିଳୁଥିଲା । ଏଥିରେ ଅଂଶଗ୍ରହଣ କରିଥିବା ବିଦେଶୀ ଅତିଥି ଶିଳ୍ପୀମାନେ ବିଭିନ୍ନ ଶ୍ରେଣୀରେ ବିଭକ୍ତ ହୋଇ ସ୍ୱକଳା ସାଧନାରେ ରତ ଥିଲେ । ସେମାନେ ହେଲେ (କ) ପ୍ରସ୍ତର ଖୋଦେଇ ବିଭାଗ: ପେଟ୍ରା, ମ୍ୟାରିଗୋଲ୍ଡ, (ଖ) ଟସର ଚିତ୍ର: କ୍ୟାଥେ, ସ୍ୟାନନ୍, ଲେୟ, ଇମିଲି, ଲୌର୍, ଷ୍ଟିଫେନ୍‌ସ, (ଗ) ପଟ୍ଟଚିତ୍ର: ସ୍ୟାନୋନ୍, ବେନ୍, କ୍ୟାରୋଲ୍, କ୍ୟାଥେ, ମାଇ, (ଘ) ତାଳପତ୍ର

ଖୋଦେଇ: ଔଷୁରା, ମେଲିସା, ଗ୍ରେନି, ଇମିଲି, ଲିଣ୍ଡା, ଲେୟା, ଟୋନି, ମନୁ, ଗିନଉ, (ଙ) କାଗଜ ମୁଖା ଚିତ୍ର: ଔଷୁରା, କ୍ୟାଟେ, ମନୁ, (ଚ) ଗୋବର କଣ୍ଢେଇ: ମେଲିସା, ଲିଣ୍ଡା, ଗ୍ରେନି, (ଛ) ନାଗା ନୃତ୍ୟ: ଷ୍ଟିଫେନ୍ସ, କ୍ୟାଣ୍ଟା ଓ ଲୌରା ଇତ୍ୟାଦି । ଏହି ଶିଳ୍ପୀମାନେ ଆୟାର୍ଲ୍ୟାଣ୍ଡ, ଆମେରିକା, କାନାଡ଼ା, ଫିଲିପାଇନ୍ସ, ଲିଥୁଆନିଆ, ୟୁନାଇଟେଡ୍ କିଙ୍ଗଡ଼ମ୍ ଓ ଚେକ୍ ରିପବ୍ଲିକରୁ ଆସିଥିଲେ, ତାହା ପୁଣି ନିଜ ଖର୍ଚ୍ଚରେ । ଶିବିରର ମୂଳ ଲକ୍ଷ ଥିଲା ଓଡ଼ିଶାର ପାରମ୍ପାରିକ ଚିତ୍ର, ଭାସ୍କର୍ଯ୍ୟ ଓ ଲୋକକଳାକୁ ବାହାର ଦେଶର ଲୋକକଳା ସହ ଶୈଳୀଗତ ଓ ବୈଧିକଗତ ତଥ୍ୟ ଆଦାନପ୍ରଦାନର ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା । ଏଠାକୁ ଆସିବାର ଢ଼େର୍ ପୂର୍ବରୁ ଇଣ୍ଟରନେଟ୍ ମାଧ୍ୟମରେ ସେମାନଙ୍କୁ ଜଣାଇ ଦିଆଯାଇଥିଲା ଯେ ରଘୁରାଜପୁରର ଗ୍ରାମୀଣ ପରିବେଶରେ ରହି କାମ କରିବାକୁ ପଡ଼ିବ, ଯେଉଁଠି ନଥିବ ଚବିଶି ଘଣ୍ଟିଆ ଇଣ୍ଟରନେଟ୍ର ସୁବିଧା, ରହିବା ତଥା ଚଳିବା ପାଇଁ ଶୀତତାପ ନିୟନ୍ତ୍ରିତ କକ୍ଷ ବଦଳରେ ମିଳିବ ସାଧାରଣ ଘର ଓ ବିଜୁଳି ପଙ୍ଖା, କମୋଡ଼ ବଦଳରେ ଭାରତୀୟ ଶୈଳୀର ପାଇଖାନା, ମଶାଙ୍କ ଆକ୍ରମଣରୁ ସୁରକ୍ଷା ପାଇବା ପାଇଁ ମଶାରୀ ଓ ଓଡ଼ୋମସ୍ କ୍ରିମ୍, ଖାଇବା ପାଇଁ ଖାଣ୍ଟି ଓଡ଼ିଆ ଖାଦ୍ୟ ଅରୁଆ ଭାତ, ଡ଼ାଲମା, ଟମାଟର୍ ଖଟା, ପାମ୍ପଡ଼ ଓ ସାଲାଡ୍ ଇତ୍ୟାଦି ।

ଆଶିଷଙ୍କ ମତରେ, ଦିନେ ସେ ତଥା ତାଙ୍କ ସାଙ୍ଗମାନେ ପୁରୀରୁ ବୁଲାବୁଲି କରି ଫେରୁଥିବା ବେଳେ ରଘୁରାଜପୁରର ଆକର୍ଷଣ ସେମାନଙ୍କ ଭିତରେ ଥିବା ଶିଳ୍ପୀ ପ୍ରାଣକୁ ଆନ୍ଦୋଳିତ କରି ତୋଳିଥିଲା । ଅତୀତରେ ଜାତୀୟ ପୁରସ୍କାର ପ୍ରାପ୍ତ ଅନେକ ପଟ୍ଟଚିତ୍ରକରଙ୍କୁ ନେଇ ଗୋଟିଏ କଳାଶିବିରର ଆୟୋଜନ ହୋଇଥିବା କଥା ସେ ଶୁଣିଥିଲେ । ସେ ସମୟରେ ରଘୁରାଜପୁର ଗ୍ରାମର ଘରଗୁଡ଼ିକର ମୁଖଶାଳା ଆଦିକୁ ରଙ୍ଗ ରେଖାରେ ଚିତ୍ରାୟିତ କରି ଗଢ଼ି ତୋଳିଥିବା ସେହି କଳା ନୈପୂଣ୍ୟତାର ନିର୍ଦ୍ଦଶନ ଆଜି ମଧ୍ୟ ଆକର୍ଷଣୀୟ ଅଟେ । ସେଥିମଧ୍ୟରୁ ସୁନାମଧନ୍ୟ ଚିତ୍ରକର ତଥା କଳାଲେଖକ କଳାମଣୀ ରବିନ୍ଦ୍ରନାଥ ସାହୁଙ୍କ ରାଗମାଳା ସିରିଜ୍‌ଟି ଅତୀବ ଉନ୍ନତ ସ୍ତରର ଶୈଳ୍ପିକ ସ୍ୱାକ୍ଷର ବହନ କରେ । ଆଶିଷ୍ ଓ ବନ୍ଧୁମାନେ ସେଠାରେ ପହଞ୍ଚି ଘର ଅଗଣା କାନ୍ଥବାଡ଼ରେ ଥିବା କଥାକୁହା ରେଖାଚିତ୍ର ଗୁଡ଼ିକୁ କ୍ୟାମେରା ଦ୍ୱାରା ବନ୍ଦୀ କରୁଥିଲା ବେଳେ ସେମାନଙ୍କୁ ବିରୋଧ କରିଥିଲେ କିଛି ସ୍ଥାନୀୟ ବୟୋଜ୍ୟୋଷ୍ଠ ଚିତ୍ରକର । ଅଭିଯୋଗ ଥିଲା, ଆମ ଛବିର ଫଟୋ ଉଠେଇ ବଡ଼ ବଡ଼ ପ୍ରିଣ୍ଟ୍ ବାହାର କରି ବ୍ୟବସାୟୀକରଣରେ ଲଗାଯାଉଥିବାରୁ ଆମ କୃତିର ମୂଳ ପ୍ରତିରୂପ ଓ ସହଜାତ ପଟ୍ଟଚିତ୍ର ଗୁଡ଼ିକୁ ବେଶୀ ଦାମରେ ବିକ୍ରି କରିବାରେ ବାଧା ସୃଷ୍ଟି ହେଉଛି । ଆଶିଷଙ୍କ ଗୋଷ୍ଠୀ ସହ ଏକାଠି ବସି ସଭିଙ୍କର ପରାମର୍ଶ ନିଆଯାଇ ଠିକ୍ କରାଗଲା ଯେ ରଘୁରାଜପୁରର ଧୂଳି ଧୂସରିତ ହୋଇ ପଡ଼ିଥିବା ଚମକକୁ ପୁଣିଥରେ ଉଜ୍ଜ୍ୱଳତା ପ୍ରଦାନ କରିବା ପାଇଁ ଉପଯୁକ୍ତ ପ୍ରଚାର ପ୍ରସାରର ଆବଶ୍ୟକତା ଅଛି । ବାସ୍, ଏହି ସମୟରେ ହିଁ ରାଇସ୍

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ଫେଷ୍ଟିଭାଲ୍‌ର ମୂଳଦୁଆ ପଡ଼ିଲା । ଏଥିରେ ସହଯୋଗର କର ପ୍ରସାରିତ କରିଥିଲେ ଆଶିଷଙ୍କ ସମସାମୟିକ ଯୁବ ଶିଳ୍ପୀ ବାହିନୀ । କ୍ଷିତିଶ୍ ଦାସଙ୍କ ନେତୃତ୍ୱରେ ତାଙ୍କର ପାଶ୍ଚାତ୍ୟ ଶିଳ୍ପୀବନ୍ଧୁମାନଙ୍କୁ ଏକାଠି କରିବାର ଦାୟିତ୍ୱ ନେଲେ ଆମେରିକାନ୍ କ୍ୟୁରେଟର୍ କ୍ୟାରୋଲ୍ । ବାସ୍, ଓଡ଼ିଶା କଳା ଇତିହାସରେ ନୂଆ ଏକ ଫର୍ଦ୍ଦ ଯୋଡ଼ି ହୋଇଗଲା...

ଶିବିରାର୍ଥୀଙ୍କ ମଧ୍ୟରେ ଯଥେଷ୍ଟ ଉତ୍ସାହ ଦେଖି ମୁଁ ଅଭିଭୂତ ହୋଇ ପଡ଼ିଥିଲି । ମାତ୍ର ଦୁଇଘଣ୍ଟା ସମୟ ଦେଇ ପାରିବି ବୋଲି କହିଥିଲେ ମଧ୍ୟ ସଂଧ୍ୟା ପର୍ଯ୍ୟନ୍ତ ସେଠାରେ ଲାଖି ରହିଗଲି । ବିଦେଶୀ ଶିବିରାର୍ଥୀଙ୍କ କଳାକୃତି ଗୁଡ଼ିକ ମଧ୍ୟରୁ ଜଳର ଉପଯୁକ୍ତ ବ୍ୟବହାରିକତା ଉପରେ ଆଧାରିତ ତାଳପତ୍ର ଉପରେ ଚିତ୍ରିତ, ମଣିଷର ଗାଧୋଇବା ଓ ତାର ଉପଯୋଗିତାକୁ ନେଇ ବିଭିନ୍ନ ଜଳ ସମସ୍ୟା ଓ ସମାଧାନର ଫର୍ମୁଲା ଆଦିକୁ ଅନେକ ଧ୍ୟାନ ସହକାରେ ଖୋଦେଇ କରି ଆଙ୍କିଛନ୍ତି ଲୋରା । ପ୍ରଥମ ତାଳପତ୍ର ଚିତ୍ରରେ ଗାଧୋଉଥିବା ଜଣେ ବୈଠକୁ ମୁଦ୍ରାର ମାନବ, ମୁଣ୍ଡକୁ କୁଣ୍ଡ ଦ୍ୱାରା ଢ଼ାଙ୍କି ପାଦ ଦୁଇଟିକୁ ଅନ୍ୟ ଏକ ଜଳକୁଣ୍ଡରେ ବୁଡ଼େଇରଖି, ଶରୀରର ଚତୁର୍ପାର୍ଶ୍ୱରୁ ସାୱାର୍ ମାଧ୍ୟମରେ ଜଳ ସିଞ୍ଚନ ପ୍ରକ୍ରିୟା ଦ୍ୱାରା ବ୍ୟବହୃତ ହୋଇ ସାରି ବୋହି ଯାଉଥିବା ଜଳକୁ ନିମ୍ନାଂଶରେ ଖାଲି ବୋତଲର ବର୍ଗମାଳା ସହ ନଳୀସଂଯୋଗୀକରଣ କରି ବହୁବିଧ ବା ଗୁଣିତକ ପ୍ରଣାଳୀର ପ୍ରୟୋଗ ଦ୍ୱାରା ଜଳ ସଞ୍ଚୟ ଓ ଜଳାଚାର ସମ୍ବନ୍ଧରେ ଚିତ୍ରବାର୍ତ୍ତା ଦେଇଛନ୍ତି । ଦ୍ୱିତୀୟ ଚିତ୍ରରେ ଦଣ୍ଡାୟମାନ ମୁଦ୍ରାରେ ମାନବର ମସ୍ତକ ଓ ପାଦକୁ ପାଣି ବାଲଟି ଦ୍ୱାରା ଢ଼ାଙ୍କିଦେଇ ବାଲଟି ଦୁଇଟିକୁ ନଳୀ ଦ୍ୱାରା ସଂଯୁକ୍ତ କରିଛନ୍ତି ଓ ଶରୀରର ଦୁଇପାର୍ଶ୍ୱରେ ଜଳଭର୍ତ୍ତି ପାତ୍ରକୁ ଓହୋଳାଇ ଥିବାର ଆଙ୍କିଛନ୍ତି । ତାଙ୍କ ଚିତ୍ରବାର୍ତ୍ତା ହେଲା 'ଜଳ ବିହୁନେ ସର୍ବନାଶ' । ଯଦି ଆଗାମୀ ସମୟରେ କେବେ ବିଶ୍ୱଯୁଦ୍ଧ ହୁଏ ତାହା ନିଶ୍ଚୟ ଜଳପାଇଁ । ତେଣୁ ପାଣି ପରିଚାଳନାକୁ ସେ ମୁଖ୍ୟ ଇସ୍ୟୁ ଭାବେ ଚେତେଇ ଦେବାର ସଶକ୍ତ ପ୍ରୟାସ କରିଛନ୍ତି । ଡ଼ାଇନିଂ ହଲର ଉପରେ ଥିବା ପାଣିଟାଙ୍କିରୁ ପାଣି ସଦାବେଳେ ଓଭରଫ୍ଲୋ ହେଉଥିବାର ଦେଖି କ୍ୟାରୋଲ୍ ମଝିରେ ମଝିରେ ବଡ଼ ପାଟିରେ ଚିତ୍କାର କରୁଥିଲେ, 'ପ୍ୟାନି ବଚିୟାଓ, ପ୍ୟାନି ବଚିୟାଓ' ଯାହା କିଛି ସମୟ ପାଇଁ ହେଉପଛେ ପାଣିର ସଦୁପଯୋଗର କଥା ଶିବିରାଞ୍ଚଳରେ ରୁଣ୍ଡ ହୋଇଥିବା ଗ୍ରାମବାସୀ ଓ ଦେଖଣାହାରୀଙ୍କ ନିକଟରେ ଦୃଢ଼ ସ୍ୱରରେ ଉପସ୍ଥାପିତ ହେଉଥିଲା । ଅନ୍ୟ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଇମିଲି ପୌରାଣିକ ଓ ଆଧ୍ୟାତ୍ମିକ କଥାବସ୍ତୁ ଉପରେ ଆଧାରିତ ଛବି ଆଙ୍କିଥିଲେ । ଆମେରିକୀୟ ବେନ୍‌ଙ୍କ ସହ ଆଶିଷ ମୋର ପରିଚୟ କରାଇଦେଇ ମୁଁ ତାକୁ ବି.କେ. ଆର୍ଟ୍ କଲେଜରେ ଅକ୍ଷରାଙ୍କନ (କ୍ୟାଲିଗ୍ରାଫି) ପଢ଼େଇଥିବା କଥା କହି ବେନ୍ ମଧ୍ୟ କ୍ୟାଲିଗ୍ରାଫିରେ ସିଦ୍ଧ ହସ୍ତ ଥିବା ମୋତେ ଜଣାଇ ଦେଇଥିଲା । ବେନ୍ ମୋ'ଠାରୁ ଭାରତୀୟ ଅକ୍ଷରାଙ୍କନରେ ତୁଳୀ ନିୟନ୍ତ୍ରଣ ଟେକନିକ୍ ଶିଖିବାକୁ ଆଗ୍ରହ ପ୍ରକାଶ କରିବା ଦେଖି ତାଙ୍କୁ ସହଯୋଗ କଲି । ଅନ୍ୟ ଏକ ବିଶେଷ ଘଟଣା

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ଥିଲା ଜନ୍ଦା ଓ ପିମ୍ପୁଡ଼ି ଉପାଖ୍ୟାନ । ଅଳ୍ପକିଛି ପାଶ୍ଚାତ୍ୟ ଶିବିରାର୍ଥୀଙ୍କର ଗୋରା ଗୋଲାପି ଦେହର ଗୋଡ଼ ଓ ହାତରେ ଛୋଟିଆ କ୍ଷତ ହୋଇଥିବା ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି । ମୋ ଜିଜ୍ଞାସୁ ମନକୁ ସନ୍ତୁଷ୍ଟ କରିବାକୁ ଯାଇ ଜଣକର କ୍ଷତ ଜାଗାକୁ ଚାହିଁ ଓଡ଼ିଆରେ ପଚାରିଲି, 'ଖଣ୍ଡିଆ ଖାବରା କେମିତି ହେଲ ?' ସେ ଫେଁ କିନା ହସିଦେଇ କହିଲା ଫିମ୍ପି ଜ୍ୟୋନ୍ଦ୍ୟା । ଆମ ନିକଟରେ ରୁଣ୍ଡ ହୋଇଥିବା କିଛି ଗାଁ ପିଲା ହୁଳୁହୁଳି ପକେଇଲା ଭଳି ଏକାଥରକେ ହୋ ହୋ ହୋଇ ହସି ଉଠିଲେ । ସେମାନେ ପୁରା କାହାଣୀଟା ମୋତେ ଶୁଣେଇ ଦେଲେ ଯେ ତାକୁ ପିମ୍ପୁଡ଼ି ଓ ଜନ୍ଦା କାମୁଡ଼ି ଥିବାରୁ ସେ କୁଣ୍ଡେଇ କୁଣ୍ଡେଇ ଖଣ୍ଡିଆ କରିଦେଇଛି । ତା ପାଖରେ ଗୋଟିଏ ଛୋଟ କାଚ ଶିଶିରେ ଗୋଟିଏ ପିମ୍ପୁଡ଼ି, ଗୋଟିଏ ଜନ୍ଦା ଓ ଅନ୍ୟକିଛି ପୋକକୁ ମାରି ସାଇତି ରଖିଛି, ତାଙ୍କ ଦେଶକୁ ନେଇ ଯାଏ ଦେଖେଇବ ଏଗୁଡ଼ାକ ତାକୁ କେମିତି ହଇରାଣ କରୁଥିଲେ ।

ନେତୃତ୍ୱ କାହାରି ଉପରେ ଲଦି ଦିଆଯାଏ ନାହିଁ । ଯାହାର ନେତୃତ୍ୱ ନେବାର ଗୁଣ ଥାଏ ସେ କେବେ ପଛ ବେଞ୍ଚରେ ବସି ପାରିବ ନାହିଁ । ଏହି ଶିବିରର ଆୟୋଜନ, ପରିଚାଳନା ଓ ଯାହାର ଯାହା ଆବଶ୍ୟକତା ପଡୁଥିଲା ଦୌଡ଼ିଯାଇ ଆଣି ଯୋଗାଇ ଦେଉଥିବା ଅମୀୟଙ୍କଠାରୁ ଆରମ୍ଭ କରି ଶିବିରର ଅର୍ଥ ଦାୟିତ୍ୱ ସମ୍ଭାଳୁଥିବା ତାପସଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ସତରେ ବହୁତ୍ ବଢ଼ିଆ ସମଦାୟିତ୍ୱବୋଧ ଥିଲା । ଯୁବପୀଢ଼ିଙ୍କ ମଧ୍ୟରେ ଏହି ଅଦମ୍ୟ ଉଦ୍ୟମୀ ଗୁଣ ଓଡ଼ିଆର କଳା ଆନ୍ଦୋଳନ ପ୍ରତି ଏକ ଆଶୀର୍ବାଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଗାମୀ ସମୟରେ ଏମାନଙ୍କର ମଜବୁତ୍ କାନ୍ଧ ଆହୁରି ଅଧିକ ଦାୟିତ୍ୱ ସଫଳତାର ସହ ନେଇ ପାରିବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ । ଏହି ଅବସରରେ ତରୁଣ ଶିଳ୍ପୀବୃନ୍ଦଙ୍କୁ ତାଙ୍କର ମହାନ୍ ସଫଳ ପ୍ରଚେଷ୍ଟା ପାଇଁ ସାଧୁବାଦ୍ ଜଣାଉଛି ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ସାଢ଼େ ତିନି ଘଣ୍ଟା

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବିବାହର ସାତ ମାସ ବିତିଗଲାପରେ ହଠାତ୍ ଦିନେ ରେଖାକୁ ଜଣାପଡ଼ିଲା ଯେ ତା ସ୍ୱାମୀ ତାକୁ ନେଇ ବାହାରକୁ ଯାଉଛନ୍ତି । ଅବଶ୍ୟ ତା'ର ସବୁ ସାଙ୍ଗମାନେ ବିବାହ ପରେ ପରେ ହନିମୁନ୍ କରିବାପାଇଁ ଯାଇଥିଲେ, ହେଲେ ରେଖା ଭାଗ୍ୟରେ ସେ ସୁଯୋଗ ଜୁଟି ନଥିଲା । ସବୁବେଳେ କର୍ମବ୍ୟସ୍ତ ରହୁଥିବା ରମେଶ ଘରେ ରହିବା ପାଇଁ ବି ସମୟ ପାଉନଥିଲା ଆଉ ହନିମୁନ୍ କରିବା ପାଇଁ ଯିବାପାଇଁ ସେ ରାଜି ହୁଅନ୍ତା କିପରି? ବିବାହର ସାତମାସ ବିତିଯାଇଥିଲେ ସୁଦ୍ଧା ରେଖା ରମେଶ ସମ୍ମୁଖରେ ଠିଆହୋଇ କିଛି ଗୋଟେ କହିବା ଭଳି ଶକ୍ତି ବା ସାହାସ ସଞ୍ଚୟ କରି ପାରିନଥିଲା । ରମେଶ ଥିଲା ପରିବାରର ସବୁଠୁ ବଡ଼ ପୁଅ ଆଉ ପରିବାରର ସବୁଠୁ ଅଧିକ ଆୟ କରୁଥିବା ପୁରୁଷ ତେଣୁ ତା'ର କୌଣସି କଥାକୁ କେହି ମନା କରିବା ଭଳି ସାହାସ କରୁନଥିଲେ । ସକାଳ ସାଢ଼େ ସାତରୁ ସେ ବାହାରି ଯାଏ ଯେ ଫେରିବା ବେଳକୁ ଦିନେ ଦିନେ ରାତି ଅଧାପର ହୋଇଯାଏ । ନୂଆ ନୂଆ ବାହାହେବା ପରେ ରମେଶରେ ଫେରିବା ବାଟକୁ ଚାହିଁ ରେଖା ଅନିଦ୍ରା ରହୁଥିଲା ହେଲେ ଦିନେ ରମେଶ ନିଜେ କହିଦେଲା ଯେ 'ମୋ' ପାଇଁ ଅପେକ୍ଷା କରିବା ଛାଡ଼ିଦିଅ ।' ବାସ ତା'ପରଠୁ ରମେଶ କେତେବେଳେ ଘରକୁ ଆସେ କେତେବେଳେ ଯାଏ ସେ ସବୁର ହିସାବ ରେଖା ପାଖରେ ନାହିଁ ।

ସବୁବେଳେ ବ୍ୟସ୍ତ ରହୁଥିବା ଜ୍ୱାଇଁଙ୍କ ଦେଖା ମିଳିବା କଷ୍ଟ, ତେଣୁ ଆଜି ପର୍ଯ୍ୟନ୍ତ ତା'ର କୋଠାମଡ଼ାଣୀ ବା ବିବାହ ପରବର୍ତ୍ତି ସମୟରେ ଝିଅଘର ତରଫରୁ ଜ୍ୱାଇଁଙ୍କୁ ଦିଆଯାଉଥିବା ସମ୍ମାନ, ଭାର ବେଭାର ଆଦି ପରମ୍ପରାଗତ କାର୍ଯ୍ୟକ୍ରମ ହୋଇ ପାରିଲା ନାହିଁ । ଅଗତ୍ୟା ରେଖାର ବାପା ଭାର, ଟଙ୍କା ଆଉ ଯାହା ସବୁ ଦରକାର ରମେଶ ଘରକୁ ପଠାଇଦେଲେ ।

ରମେଶଙ୍କ ମା' ଭାରୀ କଡ଼ା ମିଜାଜ୍‌ର ଲୋକ । ଘରେ ସାମାନ୍ୟ କୋଳାହଳ ହେଲେ ସେ ଚିଲ୍ଲେଇ ଉଠନ୍ତି । ଘରଟା ଘର କମ କୌଣସି ହୋଟେଲ କିମ୍ବା ଲାଇବ୍ରେରୀ ପରି ଲାଗେ । ଦାଣ୍ଡଘରେ ଧାଡ଼ି ଧାଡ଼ି କରି ସଂଖ୍ୟାଧିକ ବହିର ସମ୍ଭାର । କେହି କେବେ ପଢ଼ିବାର ରେଖା ଦେଖିନି ଅବଶ୍ୟ । ଶୁଣିଥିଲା ଶଶୁର କାଳେ ପଢ଼ା ପଢ଼ି କରନ୍ତି ହେଲେ ଆଜିକାଲି ଶଶୁର ବି ବ୍ୟସ୍ତ । ସେ ବି ପୁଅ ସାଥିରେ ଦିନରାତି ରହୁଛନ୍ତି । ଶେୟାର ମାର୍କେଟରେ ଉଚ୍ଚନୀଚ କିଛି ହେଲା ବାପା ପୁଅ ସାରାରାତି

ଅନିଦ୍ରା ରହନ୍ତି । ଘରେ ଚାରିଜଣ ଚାକର ଚାକରାଣୀ ତେଣୁ ରେଖାକୁ କୌଣସି କାମ କରିବାକୁ ପଡ଼େନି । ସୂର୍ଯ୍ୟ ଉଇଁଲା ପରେ ସେ ଖଟରୁ ଓହ୍ଲାଏ । ଘରେ କଣ ରୋଷେଇ ହେବ କଣ ନାହିଁ ସେ ସବୁ କଥା ଶାଶୁ ବୁଝନ୍ତି । ତେଣୁ ସେ ଦିନସାରା ନିଜ ରୁମରେ ବସି ଟିଭି ଦେଖେ । ଆଜି କିନ୍ତୁ ରମେଶ ଖୁବ୍ ଶୀଘ୍ର ଅଫିସରୁ ଫେରି ଆସିଥିଲେ । ସନ୍ଧ୍ୟା ସାତଟାରେ ବୈଠକ ଘରେ ସବୁ ବସି କଣ କଥାବାର୍ତ୍ତା ହେଉଥିଲେ । ରେଖା ସେଥିରେ ମୁଣ୍ଡ ଖେଳାଏନି । ସେ ନିଜ ରୁମରେ ହିଁ ଥିଲା । ରମେଶ ରୁମକୁ ଆସୁ ଆସୁ କହିଲେ, ‘କାଲି ସୁଟ୍‌କେଶ ମୋର ରେଡ଼ି କରିଦେବ, ଦିଲ୍ଲୀ ଯିବି । ତୁମେ ଯଦି ଚାହୁଁଛ ନିଜ ଲୁଗାପଟା ବି ପ୍ୟାକ୍ କରିଦିଅ । ସାଥିରେ ଯାଇ ଆସିବ ।’

‘କଥାଟା ଆହୁରି ସୁନ୍ଦର ଭାବରେ କୁହାଯାଇ ପାରିଥାନ୍ତା । ଏମିତି ବି କହି ଦେଇପାରନ୍ତ ଯେ ଚାଲ ମୁଁ ତୁମକୁ ଦିଲ୍ଲୀ ନେଇ ବୁଲେଇ ଆଣିବି । କିମ୍ବା ମୋତେ ଦିଲ୍ଲୀରେ ଏକା ଏକା ବିରକ୍ତ ଲାଗିବ, ତୁମେ ସାଥିରେ ଥିଲେ ବହୁତ ଭଲ ଲାଗିବ । କିମ୍ବା...’ ରେଖାର ନିରବତାକୁ ଭଙ୍ଗକରି ରମେଶ କହିଲେ, ‘ଯଦି ଭଲ ଲାଗୁନି ତେବେ ଥାଉ ।’ ରେଖା ମନେ ମନେ ଯାହା ସବୁ କହିବ ବୋଲି ଭାବୁଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ଦେଇ କହିଲା, ‘ନା ମୁଁ ଠିକ୍ ଅଛି । କେତେ ଦିନ ପାଇଁ ଯିବା ? ସେଇ ହିସାବରେ ବ୍ୟାଗ୍ ପ୍ୟାକ୍ କରିବି ।’ ରମେଶ ଗୁଣୁ ଗୁଣୁ ହେଇ କହୁଥିଲେ, ‘ମିଟିଂ ଟା ଗୁରୁବାର ଆଉ ଶୁକ୍ରବାରରେ ଅଛି । ଶନିବାରଟା ରେଷ୍ଟ୍ କରିଦେଲେ ଚଳିବ । ରବିବାର ଦିନ ଫେରିଆସିଲେ ମଙ୍ଗଳବାରକୁ ଭୁବନେଶ୍ୱରରେ ପହଞ୍ଚିହେବ । ନାଇଁ ନାଇଁ ଡ଼େରୀ ହେଇଯିବ । ରେଷ୍ଟ୍ କଲେ ହେବନି । ଶନିବାର ହିଁ ବାହାରିବାକୁ ପଡ଼ିବ ।’ ରମେଶର ଗୁଣୁଗୁଣୁ ଶୁଣି ରେଖାର ମନ ଫିକା ପଡ଼ିଗଲା । ମାନେ ଗୁରୁବାର ଶୁକ୍ରବାର ବାବୁ ମିଟିଂରେ ରହିବେ ଆଉ ଶନିବାର ଫେରିଆସିବେ । ମୁଁ କଣ କରିବି ? ସାଥିରେ ଯାଇ କି ?

ରମେଶର ଗଣନା ସରୁନଥିଲା, ତଳେ ରୁମରେ ରହୁଥିବା ବାପାଙ୍କ ପାଖକୁ ଇଣ୍ଟରକମ୍ ରେ ଫୋନ କରି କହିବା ପରେ ମୁହଁଟା ସାମାନ୍ୟ ଉଜ୍ଜ୍ୱଳ ଦିଶିଲା । କହିଲେ, ‘ଶୁଣ ଆମେ ଏଠୁ ବୁଧବାର ଯିବା । ରବିବାର ଫେରିବା ।’ ଓଃ ରେଖାର ମନ ବି ଟିକେ ପ୍ରଫୁଲ୍ଲିତ ହୋଇଗଲା । ହେଲେ ଦୁଷ୍ଟ ଜିଭଟା ଲେଉଟି ପଡ଼ିଲା । କହିଲା, ‘ରବିବାର୍ ଫେରିଲେ ଭୁବନେଶ୍ୱରରେ ପହଞ୍ଚିବା ବେଳକୁ ମଙ୍ଗଳବାର ହେଇଯିବ, ତୁମକୁ କିଛି ଅସୁବିଧା ହେବନି ତ ?’ ରମେଶ କହିଲେ, ‘ନାଁ ଆମେ ଫ୍ଲାଇଟ୍‌ରେ ଆସିବା, ରବିବାର୍ ସନ୍ଧ୍ୟାରେ ଘରେ ପହଞ୍ଚିଯିବା ।’

ରେଖା ବହୁତ୍ ଖୁସି ହେଇଯାଇଥିଲା । ତାର କୌଣସି ସାଙ୍ଗ ହନିମୁନ୍ କରିବାପାଇଁ ଫ୍ଲାଇଟ୍‌ରେ ଯାଇନଥିଲେ ।

ଡ଼େରୀରେ ହେଲେ କଣ ହେଲା ସେ ଯେ ଫ୍ଲାଇଟ୍‌ରେ ଯିବ । ଏଇ ଖୁସି ଖବରଟା ସାଙ୍ଗେ ସାଙ୍ଗେ ଫୋନ୍ କରି ଘରେ ଜଣାଇଦେଲା ।

ବୁଧବାର ଅପରାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରୁ ଦିଲ୍ଲୀ ପାଇଁ ସେ ଆଉ ରମେଶ ବିମାନରେ ଚଢ଼ିଥିଲେ । ସେ କାଳେ ଡ଼ରିବ ବୋଲି ରମେଶ ତା ହାତକୁ ଭିଡ଼ି ଧରିଥିଲେ । ରେଖାକୁ ବହୁତ୍ ଭଲ ଲାଗୁଥିଲା । ବିବାହର ଏତେ ମାସପରେ ରମେଶ ସମ୍ପୂର୍ଣ୍ଣଭାବରେ ତା' ପାଖରେ ଥିଲେ । ସେ ରମେଶଙ୍କ ହାତକୁ ଜାବୁଡ଼ି ଧରିଥିଲା । କେତେବେଳେ ସେମାନେ ଦିଲ୍ଲୀରେ ପହଞ୍ଚିଗଲେ ସେ ଜାଣିପାରିଲା ନାହିଁ । ପ୍ଲେନ୍ ଉପରକୁ ଉଠିଲାବେଳକୁ ସେ ଅଣନିଃଶ୍ୱାସୀ ହୋଇ ଶୋଇପଡ଼ିଥିଲା । ରମେଶ ହାତ ହଲାଇ ଉଠାଇବା ପରେ ସେ ଜାଣିଲା ଯେ ସେମାନେ ଦିଲ୍ଲୀରେ ପହଞ୍ଚିଗଲେ । ଯା'ହେଉ ତା ଜୀବନର ପ୍ରଥମ ବିମାନଯାତ୍ରା ବହୁତ୍ ଆମୋଦକର ଥିଲା । ଦିଲ୍ଲୀ ଏୟାରପୋର୍ଟରୁ ସେମାନେ ଟାକ୍ସିରେ ବସି ଯାଇଥିଲେ ଏକ ସୁଉଚ୍ଚ ଷ୍ଟାର୍ ହୋଟେଲକୁ । ଗାଧୋଇସାରି ରମେଶ କହିଲେ, 'ତୁମେ ରୁମରେ ଥାଅ ମୁଁ ବାହାରକୁ ଯାଇ ଆସେ ।' ରେଖା କହିଲା, 'ମୋତେ ଏଠି ଏକା ଡ଼ର ଲାଗିବ । ମୁଁ ବି ତୁମ ସାଥିରେ ଯିବି ।'

ସେଦିନ ସନ୍ଧ୍ୟାରେ ସେମାନେ ଦିଲ୍ଲୀରେ ବୁଲି ବୁଲି ସମୟ ବିତାଇଥିଲେ । ରେଖା ବହୁତ୍ ଖୁସିଥିଲା । ପ୍ରଥମଥର ପାଇଁ ତାକୁ ଲାଗୁଥିଲା ସତେ ଯେମିତି ସେ ପଞ୍ଜୁରୀରୁ ବାହାରି ଆସିଛି । ଆଜି ସେ ରମେଶର ହାତକୁ ଜମା ଛାଡୁନି । ତା ସାଥିରେ ସାଥିରେ ଚାଲି ଚାଲି ଦିଲ୍ଲୀର ଚଉଡ଼ା ରାଜରାସ୍ତା ପାର୍ଶ୍ୱରେ ଥିବା ଭିନ୍ନ ଭିନ୍ନ ଦୋକାନ ବଜାର୍ ଦେଖୁଛି । ରମେଶ ତା'ପାଇଁ ନୂଆ ଡ୍ରେସ୍ ଆଉ ଜ୍ୱେଲେରୀ ସବୁ କିଣି ଦେଇଛନ୍ତି । ରେଖାକୁ ନିଜ ଜୀବନ ସାର୍ଥକ ହେଲାପରି ଲାଗୁଛି । ବିବାହ ବେଳେ ସେ ନେଇଥିବା ନିଜ ନିଷ୍ପତ୍ତି ଉପରେ ଆଜି ନିଜକୁ ସେ ଗର୍ବିତ ମନେ କରୁଛି । ରୁମକୁ ଫେରିବାପରେ ତା'ପାଇଁ କିଣିଥିବା ସବୁ ଜିନିଷ ଉପରେ ଦୃଷ୍ଟି ଫେରେଇ ଆଣୁ ଆଣୁ ରମେଶ କେତେବେଳେ ଶୋଇଗଲେଣି ସେ ଜାଣି ପାରୁନି । ଗୋଟିଏ ପରେ ଗୋଟିଏ ଡ୍ରେସ୍ ପିନ୍ଧି ଦର୍ପଣ ସାମନାରେ ଠିଆ ହୋଇ ନିଜକୁ ନିଜେ ସେ ଦେଖି ପ୍ରଶଂସା କରୁଛି । କାନ୍ଥଘଣ୍ଟାରେ ସମୟ ରାତି ସାଢ଼େ ଦଶ ହେଲାଣି । ସେ ଟିଭି ସ୍ୱିଚ୍ ଅନ କରି ଦେଖୁ ଦେଖୁ କେତେବେଳେ ନିଜ ଅତୀତକୁ ଫେରିଯାଇଛି ସେ ଜାଣି ପାରୁନି ।

- - - - - - - - - - - - - - - - - - - - - - - - - - - - - - - -

ରୁନି ଏ ରୁନି.... ମା ଡ଼ାକ ପକାଉଛନ୍ତି । ରେଖାକୁ ଘରେ ରୁନି ବୋଲି ଡ଼ାକନ୍ତି ସମସ୍ତେ । କଲେଜ୍ ଯିବାପାଇଁ ରେଖା

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ସାଇକେଲ୍ ନେଇ ବାହାରିବାକୁ ଉଦ୍ୟତ ହେଉଥିବା ସମୟରେ ମା ଆସି ଧରି ପକାନ୍ତି । କହନ୍ତି ଆଜି ପରା ତତେ ଦେଖିବାପାଇଁ ପୁଅଘର ଲୋକ ଆସିବେ, ତୁ କାହିଁକି କଲେଜ୍ ଯାଉଛୁ? ମା' ମୋର କଲେଜରେ କ୍ଲାସ ଅଛି କହି ରେଖା ଚାଲିଯାଉଥିଲା, ହେଲେ ସେତିକି ବେଳକୁ ମା ସାଇକେଲର ଚାବିଟା ଅକ୍ତିଆର କରିସାରିଥିଲେ । ଅଗତ୍ୟା ଅବାଧ୍ୟ ଶିଶୁଟିଏ ପରି ଘରେ ବସି ରହିବାକୁ ବାଧ୍ୟ ହୋଇଥିଲା । ସନ୍ଧ୍ୟାରେ ନିତିଦିନିଆ ଅଭ୍ୟାସ ପରି ପୁଣିଥରେ ସୁନାଝିଅ ବେଶ ପଡ଼ି ରହିବାକୁ ହେଲା । ଏମିତି ହଜାରେ ଥର ହେଲାଣି । କିଏ ନା କିଏ ଆସୁଛନ୍ତି । ମାମୁ ଘର, ମଉସା ଘର, ପିଉସା ଘର ଯିଏ ଯୋଉଠି ପ୍ରସ୍ତାବ ଦେଖିଲା ତା'କୁ ଆଣି ରେଖା ଘରେ ହାଜର ।

ରେଖା କିନ୍ତୁ ମନ ଦେଇ ବସିଥିଲା କୁମାରକୁ । କଲେଜରେ ସହପାଠୀ କୁମାର ସହ ରେଖାର ସମ୍ପର୍କ ଦୀର୍ଘ ଦୁଇବର୍ଷର । ଯୁକ୍ତ ଦୁଇ ପଢ଼ିବା ପରଠାରୁ କୁମାରକୁ ଭଲ ପାଇ ବସିଛି ସେ । ଘରେ କାହାକୁ କହିବାର ସତ୍‌ସାହାସ ତାର ନାହିଁ । ଏଣେ ଘରେ ବାରମ୍ବାର ବାହାଘର ପାଇଁ ଜିଦ୍ କରୁଛନ୍ତି ।

ସେଦିନ କ୍ୟାଣ୍ଟିନ୍ ଭିତରେ ରେଖା କୁମାର ସହିତ ବସିଥିବାବେଳେ ତା ପିଉସୀ ପୁଅ ଭାଇ ସବୁ ଦେଖି ଯାଇ ଘରେ କହିଦେଇଥିଲା, ଘରେ ବାପାମା'ଙ୍କୁ ଅବଶ୍ୟ ସେ ମୋର କ୍ଲାସମେଟ୍ ଆଉ କିଛି ନାହିଁ କହି କଥାଟାକୁ ଆଡ଼େଇ ଦେଇଥିଲା, ହେଲେ ସେହିଦିନଠାରୁ ପୁଅ ଦେଖା ଜୋରସୋରରେ ଚାଲିଥିଲା । କୁମାରକୁ ରେଖା କହୁଥିଲା, ଆମ ଘରେ ମୋ ବିବାହକୁ ନେଇ ଭାରି ଜିଦ୍ କରୁଛନ୍ତି । କୁମାର କହୁଥିଲା, ଗ୍ରାଜୁଏସନଟା ସରିଗଲେ, ମୁଁ କିଛି ଚାକିରୀ କରିବି ତା'ପରେ ତୁମକୁ ଉଡ଼େଇ ନେବି । କୁମାର ହସିଦେଉଥିଲା ହେଲେ ରେଖା ଚିନ୍ତିତା ରହୁଥିଲା । ଏମିତି ଦିନେ ରମେଶଙ୍କ ପ୍ରସ୍ତାବ ଆସିଥିଲା । ବାପା ନିଷ୍ପତ୍ତି କରିଦେଲେ ଯେ ରେଖା ବାହାଘର ସେଇଠି ହିଁ ହେବ । ରେଖା କଣ କରିବ କିଛି ବୁଝିପାରୁନଥିଲା । ଭାଉଜ କହିଲେ, ବଡ଼ ଭାଗ୍ୟ ଆମ ରୁନିର । ସାମନ୍ତରାୟ ଘରର ରାଣୀ ହୋଇ ରହିବ । ଚାରି ଚାରିଟା କାର୍, ବଡ଼ ଘର, କାରଖାନା ଆଉ କଣ ନାହିଁ ତାଙ୍କର । ରେଖାକୁ ଦିଶୁଥିଲା କୁମାରର ନିରୀହ ଆଖି ଦୁଇଟା । କୁମାର ଗରୀବ ହେଲେ ଭାରି ଉଦାରମନା । ସେ ଏତେ ସବୁ ଦେଇ ପାରିବନି ସତ ହେଲେ ରେଖାକୁ ମନଦେଇ ଭଲ ପାଇ ପାରିବ । କଲେଜରେ ଯାଇ ସେ କୁମାରକୁ କହିଥିଲା ଘର କଥା । କୁମାର ହସିଦେଇ କହିଲା, 'ଦେଖ, ତୁମ ମନକୁ ଯାହା ଭଲ ଲାଗୁଛି କର ।' କୁମାର ଆଖିରେ ଭରି ଆସୁଥିବା ଲୁହ ଦୁଇଧାର ହୋଇ ବହିଯିବାପୂର୍ବରୁ ସେ ଉଠି ଚାଲିଯାଇଥିଲା । ତା'ପର ଦିନଠାରୁ ସେ ଆଉ କୁମାରକୁ ଦେଖିନି । କେହିଜଣେ ସାଙ୍ଗ କହିଥିଲା ଯେ ସେ କାଳେ ଘରକୁ ଯାଇଛି । କୁମାରର ଗାଁ ବେଶିଦୂର ନୁହେଁ, ହେଲେ ରେଖା

ଯାଇ ପାରିଲା ନାହିଁ ।

ଫେବୃଆରୀ ମାସରେ ରେଖାର ବାହାଘର ସମାପନ କରିଦେଇଥିଲେ ବାପା । ବାହାଘର ପରେ ସେ କଲେଜରୁ ବି ବିଦାୟ ନେଇଥିଲା । ରମେଶ ଚାହୁଁନଥିଲେ ରେଖା ଆଉ ଆଗକୁ କିଛି ପଢୁ । ପଢ଼ିକି ବା କରିବ କଣ? ରେଖା ବି ଚାହୁଁନଥିଲା ଆଉ କଲେଜ ଯିବାପାଇଁ କିମ୍ବା କୁମାରକୁ ସମ୍ମୁଖୀନ ହେବାପାଇଁ । ଗ୍ରାଜୁଏସନ ସରିଯାଇଥିଲା ତା'ର । କେମିତି କେମିତି କରି ପରୀକ୍ଷା ସବୁ ଦେଇଥିଲା ସେ । ବିବାହ ହେବାର ସାତମାସ ଭିତରେ ସେ ଥରେ ବି ଆଉ କୁମାର୍ କଥା ମନେ ପକାଇନାହିଁ । ବୋଉ କହୁଥିଲେ ଅଗ୍ନି ଆଗରେ ବସି ବିବାହ ହେଉଛି ସେଇ ଅଗ୍ନିରେ ପୁରୁଣା ସବୁ କଥାକୁ ଜାଳିଦେଇ ନୂଆ ଘରକୁ ଯା । ବାହାଘର ପରେ ରେଖାର ଦୁନିଆ ବଦଳିଯାଇଛି । ସବୁ କିଛି ସେ ପାଇଛି । ଘର, ଗାଡ଼ି, ଚାକରବାକର, ସମ୍ପତ୍ତି ହେଲେ ରମେଶ ?

ରମେଶଙ୍କ ଘୁଙ୍ଗୁଡ଼ି ଶବଦରେ ରେଖା ତା ଅତୀତରୁ ଫେରି ଆସିଲା । ରେଖା ଘଣ୍ଟା ଦେଖିଲା ରାତି ସାଢ଼େ ଗୋଟାଏ ହେଲାଣି । ସେ ବି ଶୋଇବାକୁ ଚେଷ୍ଟା କଲା । ହୋଟେଲ୍ ରୁମର ଏସି ର ଶୀତୁଆ ପରିବେଶରେ ସେ ଆଜି ରମେଶ ପାଖରେ ଶୋଇଥିବା ବେଳେ କିନ୍ତୁ ମନରେ କାହିଁକି କେଜାଣି କୁମାରର ଭାବନା ମନକୁ ଆସୁଥିଲା । ଅବିବାହିତା ଥିବା ବେଳେ ସେ କୁମାରକୁ ସ୍ୱାମୀ ବୋଲି ଭାବିନେଇଥିଲା ସତ, ଆଉ ବେଳେ ବେଳେ ସ୍ୱେଚ୍ଛାରେ ଆଉ ବେଳେ ବେଳେ ଅନିଚ୍ଛା ସତ୍ତ୍ୱେ ସେ କୁମାର ସହ କିଛି ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇଥିଲା । ବିବାହ ପରେ ରମେଶ ସହ ସେମିତି ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇନାହିଁ । ଏମିତି ଭାବନା ରାଇଜରେ ବୁଲୁ ବୁଲୁ ସେ କେତେବେଳେ ଶୋଇପଡ଼ିଥିଲା ଜାଣେନି । ସକାଳ କେତେବେଳୁ ହେଲାଣି । ହୋଟେଲ୍ ରୁମର କବାଟରେ କାହାର କରାଘାତରେ ତା ନିଦ ଭାଙ୍ଗିଲା । ସେ ଦେଖିଲା ଶେଯରେ ରମେଶ ନାହାନ୍ତି, ବୋଧହୁଏ ସେ ବାଥରୁମରେ । ସେ ଉଠିଯାଇ କବାଟ ଖୋଲିଦେଲା । ହୋଟେଲ୍ର ବୟ ସକାଳର ଜଳଖିଆ ନେଇ ଆସିଥିଲା । ଶେଯରୁ ଉଠିବାକୁ ଇଚ୍ଛା ନଥାଇ ସୁଦ୍ଧା ସେ ଉଠିବାକୁ ବାଧ୍ୟହେଲା । କିଛି ସମୟପରେ ରମେଶ ବାଥରୁମ୍ରୁ ବାହାରି ଆସିଲେ । ତରବର ହୋଇ ପୋଷାକ ପିନ୍ଧୁ ପିନ୍ଧୁ କହିଲେ, ଆଜି ମୋର ମିଟିଂ ଅଛି, ରେଖା କଣ କରିବ ବୁଝିପାରୁ ନଥିଲା, ମନ ହେଉଥିଲା ଦିନସାରା ଏମିତି ଶେଯରେ ପଡ଼ିରହିବ । ହେଲେ ପୁଣି ଭାବୁଥିଲା, ଦିଲ୍ଲୀ ଆସି ରୁମ୍ରେ ରହିବା ଠିକ୍ ହେବନି ।

ରମେଶ ପୋଷାକ୍ ପିନ୍ଧୁ ପିନ୍ଧୁ କହିଲେ, ଏଇ ହୋଟେଲ୍ ପାଖରେ ଗୋଟିଏ ସପିଂ ମଲ୍ ଅଛି, ତୁମେ ଚାହିଁଲେ ଦିନବେଳେ ସେଇଠିକୁ ଯାଇ ପାରିବ । ମୁଁ ଅପରାହ୍ନରେ ଆସିବି । ମୁଁ ତୁମକୁ କଲ୍ କରିଦେବି । ତୁମେ ଯେଉଁଠି ବି ଥିବ

କହିଲେ ମୁଁ ସେଠି ପହଞ୍ଚିଯିବି ।

ରମେଶ ତରବରରେ ବାହାରି ଗଲେ । ରେଖା ଜଳଖିଆ ଖାଇବା ପରେ ହୋଟେଲ୍ କରିଡ଼ରରେ କିଛି ସମୟ ବସି ଝରକା ସେପାଖରୁ ରାସ୍ତା ଉପରକୁ ଦେଖୁଥିଲା । ଦିନ ସାଢ଼େ ଦଶଟା ବେଳକୁ ସେ ବି ବାହାରିଗଲା । ସପିଂ ମଲରେ ବୁଲୁ ବୁଲୁ ହଠାତ୍ ତା ଆଖି ଆଗରେ ପଡ଼ିଗଲା । କୁମାର୍ । ସେ କଣ କରିବ ବୁଝିବା ପୂର୍ବରୁ କୁମାର ପାଖକୁ ଆସି କହୁଥିଲା, 'ରେଖା, ତୁମେ ଦିଲ୍ଲୀରେ କଣ କରୁଛ ?' ରେଖାର ପାଟି ଖନି ମାରିଯାଉଥିଲା । ତା ଶାଢ଼ୀତଳେ ଗୋଡ଼ ଦି'ଟା ଥରି ଯାଉଥିଲା । ସେ ଏପାଖ ସେପାଖ ଦେଖୁଥିଲା । କାଳେ କେହି ଦେଖିଦେବ ! ବିବାହ ପରେ ଏମିତି କା ଏକ ପରିସ୍ଥିତି ହେବ ବୋଲି ସେ ଆଶା କରୁନଥିଲା । କୁମାର୍ ପୁଣି ପଚାରୁଥିଲା, 'ରେଖା, କଣ ହେଲା ? ବିବାହ କଲ ବୋଲି ମୋତେ ଭୁଲି ଗଲ ନା କଣ ?' ରେଖା ସାହସ ସଞ୍ଚୟ କରୁଥିଲା । ମନେ ମନେ ଭଗବାନଙ୍କୁ ଧନ୍ୟବାଦ ଦେଉଥିଲା, କୁମାର ଜାଣିଛି ସେ ବିବାହ କରିଛି ବୋଲି । ସେ ଧିରେ କହିଲା, 'ମୋ ହଜ୍‌ବ୍ୟାଣ୍ଡଙ୍କ ମିଟିଂ ଅଛି ତ ତେଣୁ ମୋତେ ସାଥିରେ ନେଇ ଆସିଛନ୍ତି ।' କୁମାର ପୂର୍ବପରି ଥଟା କରିବା ଭାବରେ କହିଲା, 'ସପିଂ ମଲରେ ମିଟିଂ ?' ରେଖା ନିଜକୁ ସହଜ କରିବାକୁ ଚେଷ୍ଟା କରୁଥିଲା । ସେ କହିଲା, 'ନାଁ ନାଁ ସେ ଯାଇଛନ୍ତି ମିଟିଂକୁ ମୁଁ ଏକା ଏକା ସପିଂମଲରେ ବୁଲୁଛି ।'

ରେଖା ଚାହୁଁଥିଲା, କୁମାର କେମିତି ସେଠାରୁ ଚାଲିଯାଆନ୍ତା । ଆଉ ସେମିତି ହେଲା । କୁମାର ହଠାତ୍ କହିଲା, 'ଏକ୍ସ୍ କ୍ୟୁଜ୍ ମି ପ୍ଲିଜ୍' । ଆଉ କୁମାର୍ ସେଠୁ ଚାଲିଗଲା । ରେଖା ବୁଲି ଚାହିଁବାର ସାହାସ ବି ନଥିଲା । ସେ ପାଦ ଆଗକୁ ବଢ଼ାଇବାକୁ ଚାହୁଁଥିଲା । ହେଲେ ସେ ଅନୁଭବ କରୁଥିଲା ତା ପାଦ ଆଗକୁ ବଢୁନି । ସେ ସେମିତି ସ୍ଥାଣୁ ହୋଇ ଠିଆ ହୋଇରହିଲା । ମନେ ମନେ ଭାବୁଥିଲା, 'କୁମାର୍ ଦିଲ୍ଲୀରେ କଣ କରୁଛି ?'

ଅନେକ ସମୟପରେ ସେ ପାଦ ବଢ଼ାଇଲା ଆଉ ପାଖରେ ଥିବା ବେଞ୍ଚ୍ ଉପରେ ବସିପଡ଼ିଲା । କିଛି ସମୟ ପରେ ନିଜକୁ ସହଜ କରିଦେଇ ସେ ଉଠି ଚାଲିଯିବାକୁ ଉଦ୍ୟତ ହେଉଥିବା ସମୟରେ ହଠାତ୍ ପୁଣି ଶୁଣିଲା, 'ରେଖା...' କୁମାରର ଶବ୍ଦଶୁଣି ସେ ପୁଣି ସେଇ ବେଞ୍ଚ୍ ଉପରେ ବସି ପଡ଼ିଲା । ସେ କଣ କରିବ ଭାବିପାରୁନଥିଲା । କୁମାର୍ ଚାଲି ଯାଇଥିଲା ତ, ପୁଣି କେଉଁଠୁ ଆସିଲା । ସେ ପଛକୁ ଚାହିଁଲା, କୁମାର ଦୃତପଦ ଚାଳନା କରି ଆସୁଥିଲା । ରେଖା ନିଜକୁ ନିଜେ ଗାଳି ଦେଉଥିଲା, ସେ ଚାହିଁଥିଲା ମଲ୍‌ରୁ ବାହାରି ଯାଇପାରିଥାନ୍ତା । ସେ ସେଠି ଠିଆହୋଇ ରହି ସମୟ ନଷ୍ଟ କରିଦେଲା । କିଛି ସମୟରେ କୁମାର୍ ଦଉଡ଼ି ଆସିଲା, ରେଖା ପାଖରେ ଠିଆହୋଇ ତା ହାତକୁ ବଢ଼ାଇଦେଲା ଗୋଟିଏ ପ୍ୟାକେଟ୍ । ରେଖା କିଛି

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ବୁଝିବା ପୂର୍ବରୁ ସେ କହୁଥିଲା, 'ତୁମ ବାହାଘରକୁ ତ ନିମନ୍ତ୍ରଣ ଦେଲ ନି? ତେଣୁ ଗିଫ୍ଟ କିଛି ଦେଇ ପାରିନଥିଲି । ଏଇଟା ତୁମର ବାହାଘର ଗିଫ୍ଟ ବୋଲି ଧରିନିଅ ।'

ରେଖା କଣ କରିବ ବୁଝି ପାରୁ ନ ଥିଲା । ଗିଫଟ୍‌ଟାକୁ ଧରିବ ନା ଛାଡ଼ିଦେବ । ନେବ ନା ନାଇଁ । କିଛି ବୁଝି ପାରୁନଥିଲା । କୁମାର୍ ପ୍ୟାକେଟଟା ରେଖାର ହାତରେ ଥୋଇଦେଇ ପାଖରେ ବସିଗଲା । ରେଖା ନିଜକୁ କିଛି ଦୂରେଇ ନେଇଥିଲା । ମୁହଁ ଉଠାଇ କୁମାରକୁ ଦେଖିବା ସାହାସ ନଥିଲା ଆଉ ନଥିଲା ଇଚ୍ଛା । କୁମାର୍ ପାଖରେ ବସି ରେଖାକୁ ମୁଣ୍ଡରୁ ପାଦ ଯାଏଁ ଦେଖି ହସି ହସି କହିଲା, 'ତୁମେ ଏମିତି ଦେଖାଯିବ ବୋଲି ମୁଁ କେବେ ଭାବିନଥିଲି? ଯା'ହେଉ ବାହା ହେଇଗଲ । ସ୍ୱାମୀ ବଡ଼ ଇଣ୍ଡଷ୍ଟ୍ରିଆଲିଷ୍ଟ ବୋଲି ଶୁଣିଲି । ବଡ଼ଘର ବୋହୁ ହେଇଛ ।' କୁମାରର କଥା ଗୁଡ଼ିକ ରେଖା ଦେହରେ ଛୁଞ୍ଚି ଫୋଡ଼ିହେଲା ପରି ଲାଗୁଥିଲା । ସେ ବଡ଼ ଅସ୍ୱସ୍ତିକର ଅନୁଭବ କରୁଥିଲେ ସୁଦ୍ଧା ସେଠୁ ଉଠି ଯିବାଭଳି ସତ୍‌ସାହାସ ହରାଇଥିଲା । କୁମାର କହୁଥିଲା, 'ତୁମେ ବାହା ହୋଇଗଲ ଶୁଣିଲା ପରେ ମୁଁ ଦିଲ୍ଲୀ ଆସିଲି । ଏଠି ପୋଷ୍ଟ ଗ୍ରାଜୁଏସନ୍ କରୁଛି । ପାର୍ଟ୍ ଟାଇମ୍ ଜବ୍ କରୁଛି । ବାପା ମନା କରିଦେଲେ, ଟଙ୍କା ଦେବେ ନି । ଆଉ ଓଡ଼ିଶାରେ ରହିବାକୁ ମନ ହେଲାନି, ତେଣୁ ଚାଲି ଆସିଲି ।'

ରେଖା ବାରମ୍ବାର ନିଜ ଘଣ୍ଟା ଦେଖୁଥିଲା । କୁମାର୍ ପଚାରୁଥିଲା, 'ତୁମ ସ୍ୱାମୀ କେତେବେଳେ ଆସିବେ ?' ରେଖା ଅନ୍ୟମନସ୍କ ଭାବରେ କହିଦେଲା, 'ସେ ଏବେ ନୁହେଁ ଅପରାହ୍ନରେ ଆସିବେ ।' କୁମାର୍ କିଛି ସମୟ ନିରବ ରହି କହିଲା, 'ତା ହେଲେ ଆଜି ତୁମେ ମଧ୍ୟାହ୍ନ ଭୋଜନ ମୋ ସହ କରିବ ।' ରେଖା ନାଁ ବୋଲି କହିଦେଲା, କୁମାର୍ ହସିଦେଇ କହିଲା, 'ଆରେ କୋଉଠିକୁ ଯିବାକୁ କହୁଛି କି? ଏଇ ରେଷ୍ଟୁରାଣ୍ଟ ସାମନାରେ ତ ବସିଛ, ଚାଲ ଭିତରେ ବସିବା, ଏକାଠି ଖାଇବା ।' ରେଖା ଅନିଚ୍ଛା ଦେଖାଉଥିବା ବେଳେ କୁମାର୍ ପୁଣିଥରେ ହସିଦେଇ କହିଲା, 'କଣ ଏତେ ଭାବୁଛ? କେବେ ସାଥିରେ ବସି ଖାଇନ ନା କଣ ?' ରେଖା ଠିଆ ହୋଇପଡ଼ିଲା ଆଉ ରେଷ୍ଟୁରାଣ୍ଟ ଭିତରକୁ ଚାଲିଗଲା, ପଛେ ପଛେ କୁମାର୍ ।

ଘଣ୍ଟାଏ ରୁ ଅଧିକ ସମୟ ହେଲାଣି । ରେଖା ଅଣନିଃଶ୍ୱାସୀ ହୋଇଗଲାଣି । ଲଞ୍ଚ ସାରିଦେଇ, କୁମାର ହାତ ସଫାକରୁ କରୁ ନିଜ ହାତ ଘଣ୍ଟାକୁ ଦେଖି କହିଲା, 'ଓଃ, ମୁଁ ଭୁଲିଯାଇଛି । ମୋର କ୍ଲାସ୍ ଅଛି । ତୁମକୁ ଦେଖିବାପରେ ସବୁ ଭୁଲିଯାଇଥିଲି । ମୋତେ ଏବେ ଯିବାକୁ ପଡ଼ିବ । ରେଖା ଦୀର୍ଘଶ୍ୱାସଟିଏ ନେଇ ମନେ ମନେ ଚିନ୍ତାକଲା, ଯା ହେଉ ଏବେ ସେ


ମୁକ୍ତ । ଯେମିତି କୁମାର୍ ଅଚାନକ ଭାବରେ ଆସିଥିଲା ସେଇମିତି ସେ ତରବରରେ ବାହାରିଗଲା । ରେଖା ସେଇଠି ସେମିତି ବସିଥିଲା, ହେଲେ ପୁଣିଥରେ ସାହାସ ସଞ୍ଚୟ କରି ସେଠାରୁ ବାହାରିଯିବାକୁ ବାହାରିଲା । ଭାବୁଥିଲା କାଳେ ପୁଣି କୁମାର୍ କୋଉଠି ଆସି ପହଞ୍ଚିଯିବ । ସେ ରେଷ୍ଟାଉରାଣ୍ଟ୍ ବାହାରକୁ ଆସି ଏପାଖ ସେପାଖ ଦେଖୁଥିଲା । ହଠାତ୍ ପଛରୁ ବୟ୍ ଆସି କହିଲା, ‘ମେମ୍ ଆପଣ ନିଜ ପ୍ୟାକେଟ୍ ଭୁଲି ଆସିଲେ ।’ ସେ କୁମାର୍ ଦେଇଥିବା ପ୍ୟାକେଟ୍‌କୁ ରେଖାକୁ ଦେଇ ଚାଲିଗଲା ।

ପୁଣି ଥରେ ଚିନ୍ତାରେ ପଡ଼ିଗଲା ରେଖା । ଗିଫ୍‌ଟ !!! ଏହାର କଣ କରିବ । ସାଥିରେ ନେବ ? ନା, ନେଇ ପାରିବ ନାହିଁ । ଯଦି ରମେଶ ପଚାରିବେ କଣ ଆଣିଛ ? ସେ ତ ଜାଣେନି । ଭାବିଲା ପ୍ୟାକେଟକୁ ଖୋଲି ଦେଖିବ କଣ ଅଛି । ହେଲେ ମନ ହେଲାନି । କୁମାର୍ ଏମିତି କଣ ଗିଫ୍‌ଟ ଦେଇଥିବ । ସେ ମନେ ମନେ ଚିନ୍ତା କରୁଥିଲା । ହେଲେ ମଲ୍ ଭିତରେ ବସି ରହିବାକୁ ତିଳେ ହେଲେ ଇଚ୍ଛା ହେଉନଥିଲା । ତେଣୁ ସେ ବାହାରି ଆସିବାକୁ ଚାହୁଁଥିଲା । ହେଲେ ପ୍ୟାକେଟ୍ ? ସାଥିରେ ନେଇ ଦେଖିବାକୁ ଇଚ୍ଛା ହେଉଥିଲା । ହେଲେ ରମେଶ ପଚାରିଲେ କଣ କହିବ ? ହୁଁ କହିଦେବ କେହି ଜଣେ ଚିହ୍ନା ପରିବାରବନ୍ଧୁ ଦେଇ ଗଲେ । କିନ୍ତୁ ଯଦି ରମେଶ କହିବେ ଯେ ଚାଲ ତୁମ ବନ୍ଧୁଙ୍କ ଘରକୁ ଯିବା ? ନା ନା ସେମିତି ହେଲେ ଅସୁବିଧା ହେବ । ଆଉ କିଛି ଉପାୟ ପାଉନି ସେ । କଣ କହିବି? ଏମିତି ଭାବୁ ଭାବୁ ସେ ମଲ୍ ବାହାରକୁ ଆସିଥିଲା । ସିମେଣ୍ଟ୍ ବେଞ୍ଚ୍ ଉପରେ ବସି ସେ ପ୍ୟାକେଟକୁ ଖୋଲିଲା । ପ୍ୟାକେଟ୍ ଭିତରେ ଗୋଟିଏ ସୁନ୍ଦର ଡ୍ରେସ୍ ମ୍ୟାଟେରିଆଲ୍ । କଣ କରିବ ସେ ? ସାଥିରେ ନେବ ନା ଏଇଠି ଛାଡ଼ିଦେଇ ଯିବ । ଏଇମିତି ଭାବୁଥିବା ସମୟରେ ଗୋଟିଏ ଛୋଟ ଶିଶୁ ତା ପାଖକୁ ଆସି ଭିକ ମାଗୁଥିଲା । ସେ ଗିଫ୍‌ଟ ପ୍ୟାକେଟର ଜରି ତା ଆଡ଼କୁ ବଢ଼ାଇଦେଲା । ଶିଶୁଟି ଖୁସି ହୋଇ ସେଠାରୁ ପଳାଇଗଲା । ରେଖା ଏବେ କିଛି ସମୟ ପାଇଁ ଚିନ୍ତା ମୁକ୍ତ ହୋଇଯାଇଥିଲା । ଏବେ ଯଦି ରମେଶ ପଚାରନ୍ତି ତ ଅନ୍ତତଃ ସେ କହିପାରିବ ସେ ଏଇ ଡ୍ରେସ୍ ମ୍ୟାଟେରିଆଲ୍ ନିଜେ କିଣି ଆଣିଛି । ଏପାଖ ସେପାଖ ଦେଖୁଥିଲା । ଲୋକାରଣ୍ୟ ଏଇ ଦିଲ୍ଲୀ ସହରରେ ତାକୁ କେହି ଚିହ୍ନିଥିବା ପରି ସେ ଜାଣେନି । ତେଣୁ ନିର୍ଭୟରେ ସେ ଦୀର୍ଘନିଃଶ୍ୱାସ ଛାଡ଼ିଲା ।

ନିଜ ହାତଘଣ୍ଟାରେ ସେ ସମୟ ଦେଖୁଥିଲା । ସାଢ଼େ ଦୁଇଟା ହେବାକୁ ଆସିଲାଣି । ମାନେ ସେ ବିଗତ ସାଢ଼େ ତିନିଘଣ୍ଟା ଏଠି ବିତାଇ ସାରିଲାଣି । ସେ ଉଠିଲା, ପାଖରେ ଥିବା କାଉଣ୍ଟର ପାଖକୁ ଯାଇ ଥଣ୍ଡା ପାନୀୟଟେ କିଣି ଆଣିଲା । ଗୋଟିଏ ଢ଼ୋକ ପିଇଛି, ତା’ର ଫୋନ ବାଜି ଉଠିଲା । ସେ ଫୋନ୍ ରିସିଭ୍ କଲା । ରମେଶ ପଚାରୁଥିଲେ, ‘ତୁମେ କୋଉଠି ଅଛ ?’ ସେ କହିଲା ସେ ମଲ୍ ସାମନା ବେଞ୍ଚରେ ବସିଛି । ରମେଶ କହୁଥିଲେ ଆଉ ଦଶ ମିନିଟରେ ସେ ଆସି ପହଞ୍ଚିବେ ।

ରେଖା ନିଜ ବ୍ୟାଗକୁ ସଜାଉ ସଜାଉ ପୁଣିଥରେ ସେ ଗିଫ୍ଟ ଡ୍ରେସ୍ ମ୍ୟାଟେରିଆଲ୍ ଉପରେ ନଜର୍ ପକାଇଲା । ମନେ ମନେ ଭାବିଲା, ଏହାକୁ ସାଥିରେ ନେବା କଣ ଯୁକ୍ତିଯୁକ୍ତ ହେବ । ତା ଭିତରୁ କେହିଜଣେ କହୁଥିଲା, 'ନା, ଅତୀତର ଛାଇକୁ ବି ନିଜର ବର୍ତ୍ତମାନ ଉପରେ ପକାଇବା ଉଚିତ ହେବନି ।' ସେ ଉଠିଲା । ସେଇ ଡ୍ରେସ୍ ମ୍ୟାଟେରିଆଲକୁ ହାତରେ ଧରି ମଲ୍‌ର ପାହାଚ ଓହ୍ଲାଉ ଓହ୍ଲାଉ ଏକ ଭିକାରୁଣୀକୁ ଦେଖି ଅଟକିଗଲା । ସେ ଭିକାରୁଣୀର ପୁଙ୍ଗୁଳା ଦେହରେ ଛିଣ୍ଡା କନା ଦେଖି ସେ କିଛି ନ ଭାବି ସେଇ ନୂଆ ଡ୍ରେସ୍ ମ୍ୟାଟେରିଆଲ୍‌ଟା ତା ହାତରେ ଦେଇ ସେ ଚାଲିଲା ଆଗକୁ । ଏବେ ତା ମନରେ ଚିନ୍ତା ନଥିଲା । ଭୟ ନଥିଲା । ରାସ୍ତା ପାଖକୁ ସେ ଆସିବା ବେଳକୁ ରମେଶଙ୍କ ଗାଡ଼ି ସେଠାରେ ପହଞ୍ଚି ସାରିଥିଲା । ଗାଡ଼ି ଭିତରୁ ରମେଶ୍ ରେଖାକୁ ଡ଼ାକିଲା ବେଳକୁ ସେ ତର ତର ପାଦ ପକାଇ ଗାଡ଼ି ଭିତରେ ପଶିଯାଇଥିଲା । ରମେଶ କାନ୍ଧରେ ମୁଣ୍ଡ ଦେଇ କହୁଥିଲା, 'ମୋତେ ଏକା ଛାଡ଼ି କେବେ ଯିବନି ।' ରମେଶ ହସି ହସି କହୁଥିଲେ, 'ତୁମେ ଏମିତି ଡ଼ରିଲେ କେମିତି ହେବ ?' ରେଖାର ମନରେ ତତ୍‌କ୍ଷଣାତ କୁମାରର ସେଇ ଏକା କଥା ମନେ ପଡୁଥିଲା, 'ତୁମେ ଏମିତି ଡ଼ରିଲେ କେମିତି ହେବ ?' ସେ ନିଜ କାନରେ ହାତ ଦେଇ ରମେଶକୁ ଜାବୁଡ଼ି ଧରିଲା ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ମୋ ଗାଁ ମୋ ମାଟି

ଅକ୍ଷୟ ରାଉତ (ନୂଆ ଦିଲ୍ଲୀ)

ଆଲାର୍ମର କ୍ରିଂ କ୍ରିଂ ଘଣ୍ଟି ସାଙ୍ଗକୁ ଶ୍ରୀମତିଙ୍କର ବିରକ୍ତିଭରା ସ୍ୱର ମନଟାକୁ ଖଟା କରିଦେଲା । ଆଜି ବି ମନେ ପଡ଼େ ଗାଁ କଥା, କାଉ ମାନଙ୍କର କା କା ସ୍ୱରରେ ସମସ୍ତ ଖଣ୍ଡ ମଣ୍ଡଳ ନିଦ୍ରା ତ୍ୟାଗ କରୁଥିଲେ । ସକାଳୁ ସକାଳୁ ବୋଉ ପବିତ୍ର ପାଣି (ଗୋବର ପାଣି) ପକାଇ ଦାଣ୍ଡ ଗୋଠରେ ଝାଡୁ ଲଗାଉ ଲଗାଉ ଭାଉଜଙ୍କୁ ଡ଼ାକନ୍ତି ଚାଉଳ ବାଟିବା ଲାଗି । ସକାଳ ଖିଆରେ କେହି କେହି ବିରି ଅରୁଆ ପିଠା ଖାଇବାକୁ ଭଲ ପାଆନ୍ତି ଆଉ କେହି କେହି ଦହି ପଖାଳ ସାଙ୍ଗକୁ ଶାଗଭଜା, ବଡ଼ିଚୁରା ଆଉ ଭେଣ୍ଡି ବାଇଗଣ ଗୋଟା ଭଜା ଖାଇବାକୁ ଭଲ ପାଆନ୍ତି । ସହରରେ ଏ ସବୁ ଦେଖିବାକୁ ମିଳେନି ବରଂ ଖାଦ୍ୟପେୟର ଆଧୁନିକୀକରଣକୁ ଅନୁକରଣ କରି ବ୍ରେଡ୍ ସହ ବଟର, କଦଳୀ, ଅଣ୍ଡା ଆଉ ତା' ସହ ଚାହା, କଫି ମିଳେ । ଯଦିଓ ସହରୀମାନଙ୍କର ଏକା ସନ୍ତୁଳିତ ଖାଦ୍ୟ ହେଲେ ଯେଉଁ ମଜା ଦହିପଖାଳ ଓ ବିରିପିଠାରେ ଅଛି ତାହା ଅନ୍ୟ କେଉଁଥିରେ ବି ନଥାଏ । ସନ୍ଧ୍ୟାରେ ତୁଳସୀ ଚଉରାମୂଳେ ଦୀପଜାଳି ଉଠୁଥିବା ବେଳେ ଗାଁ ମନ୍ଦିରରେ ସନ୍ଧ୍ୟାଘଣ୍ଟି ବାଜି ଉଠେ । ଗାଁ ମୁଣ୍ଡ କୋଠଘରେ ହରିବୋଲ ଧ୍ୱନି ସହିତ 'ବାଇମନରେ ବସି ହଂସକୁ ଖେଳା' ଗୀତ ସାଙ୍ଗକୁ ଖଞ୍ଜଣୀ ଓ ଢ଼ୋଲର ତାଳ ମନକୁ ପ୍ରଫୁଲ୍ଲିତ କରିଦିଏ ଯାହା ଓଡ଼ିଶା ବାହାରେ ରହୁଥିବା ଲୋକଙ୍କ ପାଇଁ ଦିବାସ୍ୱପ୍ନ କହିଲେ ଅତ୍ୟୁକ୍ତି ହେବନାହିଁ ।

ଶୀତ ଦିନରେ ରୋଷେଇଘରେ ପଶି ନିଆଁରେ ହାତ ସେକିବା ହେଉ ବା ଗରମ ଦିନରେ ଗାଁ ମୁଣ୍ଡ ନଦୀ, ପୋଖରୀରେ ମସ୍ତି କରିବା କିମ୍ବା ଜାଲ ପକାଇ ନଦୀ ପୋଖରୀରୁ ମାଛ ଧରିବା ହେଉ, ଗାଁ ମଜା ଅତୁଳନୀୟ । ଓଡ଼ିଶା ବାହାରେ ରହୁଥିବା ଲୋକେ ଏ ସବୁରୁ ବଞ୍ଚିତ ରହିଛନ୍ତି । ଗାଁରେ ବାହାଘରର ମଜା ସବୁଠୁ ନିଆରା । ଯୋଡ଼ିମହୁରୀ, ନାଗରା ସାଙ୍ଗକୁ ଘୋଡ଼ାନାଚ, ଷଣ୍ଢ ଲଢ଼େଇ କେବଳ ଆମ ଓଡ଼ିଶାରେ ହିଁ ଦେଖିବାକୁ ମିଳେ । ରଜ ପର୍ବର ଦୋଳି ଖେଳ ହେଉ ବା ଦୋଳପୂର୍ଣ୍ଣିମାର ଫଗୁ ଖେଳ ହେଉ କିମ୍ବା ଚଇତି ପୂର୍ଣ୍ଣିମାର ଘୋଡ଼ାନାଚ ହେଉ ପ୍ରତ୍ୟେକଟି ପର୍ବପର୍ବାଣୀ ଆମ କଳାସଂସ୍କୃତିର ଗୁଣଗାନ କରେ । ଯାହାକୁ ନେଇ ସମସ୍ତ ଓଡ଼ିଆ ଗର୍ବିତ । ଧନୁଯାତ୍ରାର ଐତିହାସିକ ପୃଷ୍ଠଭୂମି ଯେମିତି, ଢ଼େଙ୍କାନାଳର ଗଜଲକ୍ଷ୍ମୀ ପୂଜାର ପରମ୍ପରା ମଧ୍ୟ କିଛି କମ ନୁହେଁ, ସମସ୍ତ କଳା, ସଂସ୍କୃତି, ଐତିହ୍ୟ ପରମ୍ପରା ଏବଂ ଭକ୍ତି ଭାବର ସମାଗମ ହୁଏ ବଳିଆର ଭୂଜ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାରେ । ଓଡ଼ିଶାର ପ୍ରତ୍ୟେକଟି କୋଣ ଅନୁକୋଣରେ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ଭରି ରହିଛି କଳା ସଂସ୍କୃତିର ମାଧୂର୍ଯ୍ୟ । ଗାଁର ଯୁବକରୁ ବୁଢ଼ାଯାଏଁ ଏଠି ଚାନ୍ଦା ଆଦାୟ କରି ନାଟକ ପରିବେଷଣ କରନ୍ତି, ନିଜର କଳା ସଂସ୍କୃତିକୁ ବଞ୍ଚାଇ ରଖିବାପାଇଁ କଳାମାଧ୍ୟମରେ ଲୋକ ମାନଙ୍କ ମନୋରଞ୍ଜନ କରିବା ପାଇଁ । ପାଲା ଗାୟକ ଓ ଦାସ କାଠିଆ ଗାୟକ ଏଠି କେବଳ ପୁରାଣ ଇତିହାସର ଚର୍ଚ୍ଚା କରନ୍ତି ନାହିଁ ବରଂ ସାହିତ୍ୟର ରସ ସାଙ୍ଗକୁ ସେ ଗାଁର ମୁଲିଆ, ମଜୁରିଆଙ୍କ ନିକଟରେ ପହଞ୍ଚାଇଥାଏ । ଏହା ହିଁ ଓଡ଼ିଶାର ବାସ୍ତବିକ ସ୍ୱରୂପ ।

ମା ଏଠି ଯୁଡିଆ (ଦ୍ୱିତୀୟା) ଓଷା କରି ସ୍ୱାମୀ ଓ ସନ୍ତାନର ଦୀର୍ଘାୟୁ ପାଇଁ କାମନା କରିବା ସଙ୍ଗେ ସଙ୍ଗେ, ମା ଲକ୍ଷ୍ମୀ ପୂଜା, ସୁଦଶା ବ୍ରତ ଆଦି କରି ସମ୍ପୂର୍ଣ୍ଣ ପରିବାରର ସୁଖ ସମୃଦ୍ଧି ପାଇଁ ପ୍ରାର୍ଥନା କରେ । ପୁରୁଷ ଏଠି ଅକ୍ଷି ମୁଠିରୁ ଆରମ୍ଭ କରି ଗହ୍ମା ପୂର୍ଣ୍ଣିମାରେ ହଳ ଲଙ୍ଗଳ ପୂଜା କରେ । ଏଥିରେ କେବଳ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦିଆଯାଏନି ବରଂ ପରିବାର ପ୍ରତି ନିଜର କର୍ତ୍ତବ୍ୟନିଷ୍ଠାକୁ ପରିପ୍ରକାଶ କରାଯାଏ । କୁଆଁରୀ ଝିଅଟିଏ କେବଳ ଫୁଲ ବଉଳବେଣୀ ଗୀତ ଗାଇ ନିଜ ପାଇଁ ସୁନ୍ଦର ପୁରୁଷଟିଏ କାମନା କରେନି, ସେ ଖୁଦୁରୁକୁଣୀ ଓଷା ବ୍ରତ କରି ନିଜର ଭାଇ ବନ୍ଧୁ ଏବଂ ଜ୍ଞାତି କୁଟୁମ୍ବଙ୍କ ପାଇଁ ଦୀର୍ଘାୟୁ ଓ ମଙ୍ଗଳ କାମନା କରେ । ଏହା ହିଁ ଆମ ସଂସ୍କୃତି, ଏହା ହିଁ ଆମ ପରମ୍ପରା । ଏ କଥା ସତ୍ୟ ଯେ ପ୍ରବାସୀ ଓଡ଼ିଆ ମାନେ ସବୁ ସମୟରେ ସମସ୍ତ ପର୍ବପର୍ବାଣୀ କିମ୍ବା କାର୍ଯ୍ୟକ୍ରମରେ ଭାଗ ନେଇ ପାରନ୍ତି ନାହିଁ, ଏହା ନିଶ୍ଚିତ ରୂପେ କଷ୍ଟଦାୟକ କିନ୍ତୁ ସେ କେବେ ବି ତା'ର ମା'ମାଟିର ସଂସ୍କୃତିକୁ ଭୁଲି ପାରେନି କି ଭୁଲି ପାରିବ ନାହିଁ । ତା'ର ଶୀରାପ୍ରଶିରାରେ ପ୍ରବାହିତ ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରା । କେବଳ ଏ ଜନ୍ମ ନୁହେଁ ପ୍ରତ୍ୟେକଟି ଜନ୍ମରେ ମୁଁ ଓଡ଼ିଶାରେ ହିଁ ଜନ୍ମ ନେବାକୁ ଚାହେଁ... ମୋ ଓଡ଼ିଶା, ମୋ ଗାଁ, ମୋ ମାଟି ସବୁଠୁ ସୁନ୍ଦର... ମୁଁ ଓଡ଼ିଶାକୁ ପ୍ରାଣଭରି ଭଲପାଏ ।

ଜୟ ଓଡ଼ିଆ, ଜୟ ଓଡ଼ିଶା, ଜୟ ଜଗନ୍ନାଥ... ॥

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ଉତ୍କଳର ଓଷାବ୍ରତ

ଆଶାରାଣୀ ବେଉରା

ଉତ୍କୃଷ୍ଟ କଳାର ଦେଶ ବୋଲି ଆମ ଭୂଖଣ୍ଡର ନାମ ଉତ୍କଳ । ଏହାର ବୀରଗାଥା ଯେପରି ସୁଦୂରପ୍ରସାରୀ, କଳାକୃତି ଯେପରି ବିଶ୍ୱପ୍ରସିଦ୍ଧ, ଏହାର ପର୍ବପର୍ବାଣୀ ଗୁଡ଼ିକ ମଧ୍ୟ ତତୋଽଧିକ ଐତିହ୍ୟ ରଖିଛି । ଶାନ୍ତସରଳ ନିଷ୍କପଟ ଓଡ଼ିଆ, ଯାହାଙ୍କର ଆରାଧ୍ୟ ଦେବତା ପ୍ରଭୂ ଶ୍ରୀ ଜଗନ୍ନାଥ, ତାଙ୍କରି କରୁଣାରୁ ଓଡ଼ିଆମାନେ ଯେ ଧର୍ମପ୍ରାଣ ଓ ସେମାନଙ୍କର ସଂସ୍କୃତି ଜଗନ୍ନାଥମୟ, ଏହା ନିଃସନ୍ଦେହରେ କୁହାଯାଇପାରେ ।

ସେଇଥିପାଇଁ କଥିତ ଅଛି, 'ଓଡ଼ିଶାରେ ବାରମାସରେ ତେର ପର୍ବ'; ଦ୍ୱିତୀୟା ଓଷାଠାରୁ ଆରମ୍ଭ କରି ପ୍ରତ୍ୟେକ ପୂର୍ଣ୍ଣମୀ ଓ ଅମାବାସ୍ୟର ନିଜସ୍ୱନାମ ରହିଛି । ଯେପରି ଚନ୍ଦନ ପୂର୍ଣ୍ଣିମା, ଗହ୍ମା ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, ଅଭିଷେକ ପୂର୍ଣ୍ଣିମା, ସେହିପରି ତ୍ରିବେଣୀ ଅମାବାସ୍ୟା, ସାବିତ୍ରୀ ଅମାବାସ୍ୟା, ବଉଳ ଅମାବାସ୍ୟା ଇତ୍ୟାଦି ଏବଂ ପ୍ରତ୍ୟେକ ତିଥି ମଧ୍ୟ ଧାର୍ମିକ ଉତ୍ସବ ସହ ଜଡ଼ିତ ।

ଓଡ଼ିଶାର ମୁଖ୍ୟ ପର୍ବଗୁଡ଼ିକ ମଧ୍ୟରେ ରଥଯାତ୍ରା, ଦଶହରା, ଦୋଳଯାତ୍ରା, ଦିପାବଳୀ, ଜନ୍ମାଷ୍ଟମୀ, ଶିବରାତ୍ରୀ ଇତ୍ୟାଦି ଅନ୍ତର୍ଭୂକ୍ତ । ଏହାବାଦ୍ କେତେକ ଓଷାବ୍ରତ ମଧ୍ୟ ଆମର ଦୈନନ୍ଦିର ଜୀବନ ସହିତ ଏପରି ସାମିଲ୍ ହୋଇ ଯାଇଛି ଯେ, ଯାହା ଆମକୁ ମାନସିକ ସ୍ତରରେ ଶୁଦ୍ଧତା, ଶାନ୍ତି ଓ ତୃପ୍ତି ପ୍ରଦାନ କରୁଛି ଏବଂ ଏହାକୁ ବାଦ୍ ଦେଲେ ଆମର ସାମାଜିକ ଜୀବନଶୈଳୀ ବୋଧହୁଏ ଅପୂର୍ଣ୍ଣ ରହିଯିବ ।

ଏହି ଓଷା ଗୁଡ଼ିକ ମଧ୍ୟରୁ ଗୋଟିଏ ହେଲା ଖୁଦୁରୁକୁଣୀ ଓଷା । କୁମାରୀ ଝିଅମାନେ ଏକତ୍ରିତ ହୋଇ ଭାଦ୍ରବମାସର ପ୍ରତ୍ୟେକ ରବିବାର ଦିନ ମା ମଙ୍ଗଳାଙ୍କୁ ପୂଜା କରିଥାନ୍ତି । ଅତୀତ ଉତ୍କଳର ନୌବାଣିଜ୍ୟର ସ୍ମୃତି ଚାରଣ ଏହି ଖୁଦୁରୁକୁଣୀ ବହିରେ ବର୍ଣ୍ଣିତ । ଆମର ଉତ୍କଳର ସାଧବ ପୁଅ ମାନେ ଜାଭା, ବାଲି, ସୁମାତ୍ରା ଇତ୍ୟାଦି ଦ୍ୱୀପକୁ ଯାଇ ବାଣିଜ୍ୟ କରୁଥିଲେ । ଯାହାଦ୍ୱାରା ଦେଶର ସମୃଦ୍ଧି ହେଉଥିଲା । ବୋଇତରେ ଦରିଆ ମଝିରେ ଗଲାବେଳେ ସାଧବ ବୋହୁ ମାନେ ମା ମଙ୍ଗଳାଙ୍କୁ ଆବାହନ କରି ସ୍ୱାମୀ ଓ ପୁତ୍ରଙ୍କର ଶୁଭ ମନାସୁଥିଲେ ଓ ବୋଇତ ବନ୍ଦାଣ କରି ସାଧବ ମାନଙ୍କୁ ବିଦାୟ ଦେଉଥିଲେ । ସେଇଥି ପାଇଁ ତଅପୋଇ ଏହି ଓଷାକରି ଭାଇମାନଙ୍କ ସହିତ ପୁନର୍ମିଳିତ ହୋଇଥିବାରୁ କୁମାରୀ ଝିଅମାନେ ଭାଇମାନଙ୍କ

ମଙ୍ଗଳ ପାଇଁ ଏ ଓଷା କରିଥାନ୍ତି ।

କବିଙ୍କ ଭାଷାରେ;

‘ଏବେ ଏ ଓଷା ମୁଁ କରିବି

ଭାଇଙ୍କ ଶୁଭ ମନାସିବି

ଭୋ ଦେବୀ ମଙ୍ଗଳା ଗୋସାଇଁ

ଶୁଭେ ଆସନ୍ତୁ ସାତ ଭାଇ

ଏମନ୍ତ ବାଞ୍ଛା କରି କାଳୀ

ହସ୍ତେ ଘେନିଲା ଦୀପାବଳୀ’

ଏହି ଓଷା ଭାଇ ଭଉଣୀଙ୍କର ନୈସର୍ଗିକ ପ୍ରେମ ଓ ସ୍ନେହର ବାର୍ତ୍ତା ବହନ କରେ । ଆଉ ମଧ୍ୟ କୁମାରୀମାନେ ଏକାଠି ହୋଇ ଏ ପୂଜା କରୁଥିବାରୁ ସେମାନଙ୍କ ମଧ୍ୟରେ ସ୍ନେହ, ପ୍ରୀତି ଓ ବନ୍ଧୁତ୍ୱ ଦୃଢ଼ୀଭୂତ ହୋଇଥାଏ ।

କୁମାରୀ ଝିଅମାନେ ମେଳହୋଇ ଆଉ ଏକ ଓଷା ମଧ୍ୟ କରନ୍ତି । ତାହା ହେଉଛି ଜହ୍ନିଓଷା । ଏହା ଆଶ୍ୱିନମାସର ପ୍ରତିପଦାରୁ ଆରମ୍ଭ ହୋଇ କୁମାରପୂର୍ଣ୍ଣିମାରେ ଶେଷ ହୁଏ । ଜହ୍ନି ଓଷାରେ ବୃନ୍ଦାବତୀଙ୍କୁ ପୂଜା କରାଯାଏ । ଝିଅମାନେ ତୁଳସୀ ଚଉରା ଲିପାପୋଛା କରି ସନ୍ଧ୍ୟା ସମୟରେ ଜହ୍ନିଫୁଲ ଓ ଅନ୍ୟାନ୍ୟ ଫୁଲର ଚଉରା ଚାରି ପାଖରେ ସଜାଇ ଦିଅନ୍ତି । ଭୋଗରାଗ ଦେଇ ବୃନ୍ଦାବତୀଙ୍କୁ ପୂଜା କରନ୍ତି । ମାସ ସାରା ଜହ୍ନି ଓ ଆଇଁଷ ଦ୍ରବ୍ୟ ଖାଆନ୍ତି ନାହିଁ । ସମବେତ କିଶୋରୀମାନଙ୍କ କଣ୍ଠରୁ ଜହ୍ନିଓଷା ଗୀତ ସନ୍ଧ୍ୟାସମୟରେ ଉତ୍କଳୀୟ ବାତାବରଣକୁ ଆନ୍ଦୋଳିତ କରିଥାଏ;

‘କହନ୍ତି ମିତଣି ଶୁଣ ତୁଳସୀ

ଆଶ୍ୱିନ ମାସରେ ପଡ଼େ ଏ ଓଷା

ତିରିଶି ଦିନଯାଏ ମେଳ ହୋଇ

ଖଇ ଉଖୁଡ଼ା ଯେ ଯାହା ଆଣଇ’

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ବିବାହିତା ନାରୀମାନେ ମାର୍ଗଶୀର ମାସରେ ଲକ୍ଷ୍ମୀ ପୂଜା କରନ୍ତି । ଏହାକୁ ମାଣବସା ଗୁରୁବାର ପୂଜା ମଧ୍ୟ କୁହାଯାଏ । ମାର୍ଗଶୀର ମାସର ପ୍ରତ୍ୟେକ ଗୁରୁବାର ବଡ଼ି ଭୋରରୁ ଉଠି ନିତ୍ୟକର୍ମସାରି ଲକ୍ଷ୍ମୀ ପୂଜା କରାଯାଏ । ମା ଲକ୍ଷ୍ମୀଙ୍କର ଅନ୍ୟନାମ ଶ୍ରୀ । ସେ ଧନ ଓ ଐଶ୍ୱର୍ଯ୍ୟର ଦେବୀ ହୋଇଥିବାରୁ ନାରୀ ମାନେ ଗୃହର ମଙ୍ଗଳ ତଥା ସୁଖ ସମୃଦ୍ଧିର ବୃଦ୍ଧି ପାଇଁ ଏହି ଓଷା କରିଥାନ୍ତି ।

ଶେଷ ଗୁରୁବାର ପାଳିରେ (ସ୍ଥାନେ ସ୍ଥାନେ ପ୍ରଥମ ପାଳିରେ) ମାଣବସା ଯାଇ ପୂଜା କରାଯାଏ । ମାଣବସା ବହିର କାହାଣୀ ଅନୁସାରେ ନାରୀକୁ ହତାଦର କଲେ ପୁରୁଷମାନଙ୍କୁ କି ଦଶା ଭୋଗ କରିବାକୁ ପଡ଼େ, ଏହା ଦର୍ଶାଯାଇଛି । ଏଥିରେ ମଧ୍ୟ ଲକ୍ଷ୍ମୀ ଠାକୁରାଣୀ ଉପଦେଶ ଛଳରେ କିପରି ଶୁଦ୍ଧତା, ପବିତ୍ରତା ଓ ଶୁଚିମନ୍ତ ରହିଲେ ଗୃହର ସମୃଦ୍ଧି ହେବ, ଏହା କହିଛନ୍ତି । ନାରୀମାନେ କେଉଁ କେଉଁ ସୁଗୁଣର ଅଧିକାରୀ ହେବା କଥା ଓ କେଉଁ ଗୁଣକୁ ପରିତ୍ୟାଗ କରିବା କଥା ଦେବୀ ସାଧବାଣୀକୁ ବୁଝାଇ କହିଛନ୍ତି । ତାହା ଏପରି;

‘ କଳହୀ, ଅଳସୀ, ଅତି ଅପ୍ରିୟା, ସାହସୀ  
ଦେବ ବିପ୍ର ଅତିଥିରେ ନୁହଇଁ ବିଶ୍ୱାସୀ  
ଏପରି ନାରୀ ଯା ଗୃହେ ଥାଏ ସେ ଶ୍ମଶାନ  
ଲକ୍ଷ୍ମୀ ସେ ସ୍ଥାନକୁ ସଦା କରନ୍ତି ବର୍ଜନ...’  
‘ଯେଉଁ ନାରୀ ଭକ୍ତି ଚିତ୍ତେ ସେବଇ ସ୍ୱାମୀଙ୍କି  
ଯେହୁ ଜନ୍ମେ ଜନ୍ମେ ହୁଏ ପତି ଦୁଃଖେ ଦୁଃଖୀ  
ନିଜ ଅଙ୍ଗ ପରିଷ୍କାର କରି ଶୁଚି ହୁଏ  
ସାନବଡ଼ ସମସ୍ତଙ୍କୁ ସମଭାବେ ଚାହେଁ  
ଏପରି ନାରୀର ଗୃହ ଲକ୍ଷ୍ମୀ ନ ଛାଡ଼ନ୍ତି  
ତା’ର ଦୁଃଖ ନୟନରେ ଲବେ ନ ଦେଖନ୍ତି ।’

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ପୌଷମାସରେ ଦାଣ୍ଡପହଁରା ଓଷା ହୁଏ । ଏହାକୁ ଯମ ଦ୍ୱିତୀୟା ମଧ୍ୟ କୁହାଯାଏ । ଏହି ଓଷାରେ ବିଭିନ୍ନ ପ୍ରକାର ପିଠା ତିଆରି କରି ସନ୍ଧ୍ୟାବେଳେ ଯମ ଦେବତାଙ୍କ ଉଦ୍ଦେଶ୍ୟରେ ଦାଣ୍ଡରେ ଅର୍ପଣ କରାଯାଏ ଏବଂ ନାରୀମାନେ ବଜ୍ରମୂଳୀ ଗଛରେ ପ୍ରସ୍ତୁତ ପହଁରାରେ ପିଲାମାନଙ୍କୁ କାଖରେ ଧରି ଗାଁ ଦାଣ୍ଡ ଓଳେଇଥା'ନ୍ତି ।


ବୁଧେଇ ଓଷା ବା ବୁଧିବାମନ ଓଷା ମଧ୍ୟ ନାରୀମାନଙ୍କର ଆଉ ଏକ ପର୍ବ । ଏହା ଭାଦ୍ରବ ମାସର ପ୍ରତ୍ୟେକ ବୁଧବାର ପାଳନ କରାଯାଏ । ଏହି ପୂଜାରେ ବାମନଙ୍କୁ ପୂଜା କରାଯାଏ । ପ୍ରତ୍ୟେକ ସନ୍ତାନବତୀ ମହିଳା ସ୍ୱାମୀ, ପୁତ୍ରଙ୍କର ମଙ୍ଗଳ କାମନା କରି ନିଷ୍ଠାର ସହିତ ଏ ଓଷା କରିଥାନ୍ତି ।

ସେହିପରି ଆଶ୍ୱିନ ମାସର ପ୍ରତ୍ୟେକ ମଙ୍ଗଳବାର ରାତିରେ ନିଶା ମଙ୍ଗଳବାର ଓଷା କରାଯାଏ । ଏଥିରେ ଖୁଲଣା ସୁନ୍ଦରୀ ବହି ପଢ଼ାଯାଏ । ଓ ମଙ୍ଗଳା ଦେବୀଙ୍କୁ ଆବାହନ କରାଯାଏ । ଏ ମାସରେ ମଧ୍ୟ ଦ୍ୱିତୀୟା ଓଷା ପଡ଼େ । ଗୃହିଣୀମାନେ ଦିନସାରା ନିର୍ଜଳା ରହି ରାତିରେ ଓଷା ଉଦ୍‌ଯାପନ କରନ୍ତି । ତା'ପରଦିନ ସକାଳେ ସମସ୍ତେ ଏକତ୍ରିତ ହୋଇ ନଦୀରେ ଗାଧୋଇସାରି ଘରେ ଘାଣ୍ଟ ତରକାରୀ କରନ୍ତି । ଏ ଓଷା ପୁତ୍ରର ଦୀର୍ଘ ଜୀବନ ପାଇଁ କରାଯାଏ । ଏହି ଓଷା ବହିରେ 'ହରିହର କୁମର' କଥା ବଡ଼ ସୁନ୍ଦର ଓ ରୋଚକ ଭାବେ ଉପସ୍ଥାପନା କରାଯାଇଛି ।

ଏହିପରି ବିଭିନ୍ନ ପର୍ବପର୍ବାଣୀ ଓ ଓଷା ବ୍ରତ ଆମର ଓଡ଼ିଶାରେ ପ୍ରଚଳିତ । ଏହା ଜନଜୀବନକୁ ଶୃଙ୍ଖଳିତ କରେ ଓ କିଛି କିଛି ସମୟ ବ୍ୟବଧାନରେ ଉପବାସ କରିବା ଦ୍ୱାରା ଶରୀର ନିରୋଗ ରହେ । ଧର୍ମପ୍ରାଣ ଓଡ଼ିଆର ରକ୍ତରେ ଈଶ୍ୱର ବିଶ୍ୱାସ ଏତେ ଘନୀଭୂତ ଯେ, କେବେ କେବେ ମନେ ହୁଏ, ଏଇ ଦେବୀ ଦେବତା ମାନେ ତା ପରିବାର ଲୋକ । ତାର ନିହାତି ଅନ୍ତରଙ୍ଗ । ଏହି ବିଶ୍ୱାସ ଓ ଶ୍ରଦ୍ଧା ସବୁକାଳରେ ଓଡ଼ିଆଙ୍କୁ ଉଦ୍‌ବୁଦ୍ଧ କରୁ ଏହା ହିଁ କାମ୍ୟ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

# ଶ୍ରାବଣୀର ଲୁହ



ନିବେଦିତା ମିଶ୍ରଗୁରୁ

ଝିପ୍ ଝିପ୍ ବର୍ଷା ଧୀରେ ଧୀରେ ବଢ଼ିବାକୁ ଆରମ୍ଭ କଲାଣି । କୁକୁରଟାଏ ଭୁକିଉଠିଲା ଦୂରରୁ । କିଏ ଇଆଡେ ଆସିଲାଣି ବୋଧେ । ପଳେଇ ଆସ ......କାହ୍ନା ବୋଉ ଦୌଡିକି କାକ ଗଛ ପଛଆଡେ  ଲୁଚିଗଲା । ତା ପଛେ ପଛେ କାହ୍ନା ବାପା ବି ଦୌଡିଲା । "କେହି ନାହିଁ । ଚାଲିଲୁ ତୁ ଡରେଇ ଟା " । କାହ୍ନା ବାପା ବାହାରି ଆସି ପୁଣି ହାଣିବା ଆରମ୍ଭ କଲା । ଇଟାଗୁଡିକୁ ଏକାଠି କରି କାହ୍ନା ବୋଉ ଅଖାଟିରେ ସଜାଡି ରଖୁଚି । ଦୁହେଁ ମିଶିକି ବୋହି ନେବେ । ଅସୁବିଧା ହବନି । ବର୍ଷାଟା ବଢିଲାଣି । ପୁଣି ଘୋଉ ଅନ୍ଧାର ରାତି । ନିଶା ଗର୍ଜୁଚି । ଅମାସିଆ ମୋଟେ ଆଉ ତିନି ଦିନ ରହିଲା । କାହ୍ନା ବୋଉ ଛାତି ଡର ରେ ଧଡ ଧଡ ହଉଚି । ଏମିତିଆ ପାପ କାମ କିଏ କଣ କରେ ? ଦଇବ ସହିବନି । ହେଲେ ଏଡେ ଅମାନିଆ ଲୋକ ତା କଥା ଶୁଣିଲେ  ସିନା! କାକ ଗଛ ରୁ ପେଚାଟିଏ ଉହୁଁକି ଉଠିଲା । ଡରରେ କାହ୍ନା ବୋଉ ଦୌଡି ଯାଇ କାହ୍ନା ବାପା କୁ ମାଡି ବସିଲା । "ତୁମକୁ ନେହୁରା ହଉଚି । ଚାଲିଲ ତୁମେ । ମୋ ମନ ଜମା  ମାନୁନି । "

କାହ୍ନା ବାପା ବଳିଆ ଏଥର ପାଟି କରି ଉଠିଲା । "ଚୁପ୍ ବେ , ବେଶୀ ଢଂଗ ଦେଖାଉଚି । ତୋ ବୋପା କୁ ବେ କହୁନୁ ପଇସା ଦବ , ତୋ ପାଇଁ ମହଲାଟାଏ ଗଢିଦେବି । ଏତେ କଷ୍ଟ ମୁଁ କିଆଁ କରନ୍ତି ନ ହେଲେ ?" କାହ୍ନା ବୋଉ ତା ମସିଆ ସାତ ସିଆଁ କାନି ଖଣ୍ଡକରେ ମୁହଁ  ପୋଛିଲା । ସବୁ ସହିବ । ମଦ ପିଇ ରାତିରେ ବଳିଆ ବାଡେଇଲେ ବି ସେ ଉଁ ଚୁଁ କରେନି । ହେଲେ ଏ ଦିହ ଜଳା କଥା ଜମାରୁ ସାହି ପାରେନି ସେ । ତିନି ବର୍ଷ ଉପରେ ହେଲାଣି ବଳିଆ ହାତ ଧରିଲାଣି ସେ । ଏବେ ବି ସେ ତାର ମା ବାପା ନାଁ ରେ ଏମିତି ଛୁଞ୍ଚି ଫୋଡା କଥା ଜମା ସହି ପାରେନି । ଅଜାଣତ ରେ ଦୁଇ ଟୋପା ଲୁହ ଠପ୍ ଠପ୍ ଗଳି ପଡେ ।

ମୁହଁ ଟା ଖର ଖର ହେଲେ କଣ ହେଲା , ଏଇ କାହ୍ନା ବାପା ମଣିଷ ଟି ଭଲ । ମୁଲ ମଜୁରୀ କରି ବେଶ ଦୁଇ ପଇସା ଆଣୁ ଥିଲା । ପେଟ ପୁରେଇ ଦୁଇ ଗୁଣ୍ଡା ଖାଇ ପାରୁଥିଲେ ଦୁଇ ପ୍ରାଣୀ । ସେତେବେଳେ ଏମିତି ମଦ ବି ପିଉ ନ ଥିଲା । କେଡେ ସୁଖରେ ଥିଲେ । ବାହାଘର ପର ବର୍ଷ କାହ୍ନାର ଜନ୍ମ । ଖୁସି ରେ ବଳିଆର ଗୋଡ ତଳେ ଲାଗୁନଥିଲା । କେଡେ

ଆଦର ରେ ନାମରଖି ଥିଲା କାହ୍ନା । କେତେ ସ୍ୱପ୍ନ ତାର । କାହ୍ନା ମଣିଷ ହବ, ତା ପରି ଖଟିଖିଆ ହବନି । ପାଠ ପଢ଼ିବ । ବାବୁ ହବ । ହେଲେ ସେଥି ପାଇଁ ବି ପଇସା ଦରକାର । ଖାଲି ପେଟକୁ ଦୁଇ ମୁଠା ଯୋଗେଇଲେ କଣ ହବ ? ଭାରି ଚିନ୍ତା କରେ । ରାତି ରାତି ଶୋଇ ପାରେନି । କେମିତି କାହ୍ନା ପାଠ ପଢା ପାଇଁ କିଛି ସଂଚନ୍ତା । ଅଧ ରାତିରେ ଉଠି ଯାଇ ବରଗଛ ପିଣ୍ଡି ରେ ବସେ । କଳା କିଟି କିଟି ଆକାଶ ଟାକୁ କେମିତି ଏକ ଲୟରେ ଚାହିଁ ରହେ ।

କାହ୍ନା ବୋଉ ଡରି ଯାଏ । ତାକୁ ଭାରି ଚିନ୍ତା ହୁଏ ଏସବୁ ଦେଖିଲେ । ଉଠି ଯାଇ ପାଖରେ ବସେ । ମୁଣ୍ଡ ସାଉଁଳେଇ ଦେଇ କହେ- "ମା' ମଂଗଳା ଉପର ଭରଷା ରଖ ସବୁ ଠିକ ହେଇ ଯିବ । ଏଇମିତି ଆମେ ତ କେତେ ଭଲରେ ଅଛେ । ମୋ ରାଣ, ତୁମେ ଏମିତି ବ୍ୟସ୍ତ ହୁଅନି । " କାହ୍ନା ବାପା କିଛି କହେନି । ଉଦାସିଆ ହସଟିଏ ହସି ଦେଇ କାହ୍ନା ବୋଉ କୋଳରେ ମୁଣ୍ଡ ରଖେ । ତା'ପରେ ଆରମ୍ଭ ହେଇଗଲା ମଦ ପିଆ । ଢେର୍ ରାତି ଯାଏ ମଦ ନିଶାର ଆଡୁ ସାଡୁ ବକେ । କାହ୍ନା ବୋଉକୁ ମାରି ଗୋଡ଼ାଏ । କାହ୍ନା ଡରରେ ମା' ଛାତି ରେ ମୁଣ୍ଡ ଗୁଂଜି ଦିଏ । କାହ୍ନା ବୋଉକୁ ଭାରୀ ଡରମାଡେ । ଲୋକଟା କେମିତି ବଦଳି ଯାଉଚି । ଅବାଗିଆ ହେଇ ଯାଉଚି । କଣ ବା କରିବ ସେ ?

ଏଣିକି ବଳିଆ ବେଶୀ ବେଶୀ ପରିଶ୍ରମ କରିବାକୁ ଆରମ୍ଭ କଲା । ରାତିରେ ବି ଦିନେ ଦିନେ କୁଆଡେ ଯାଏ । ପଚାରିଲେ କିଛି କହେନା । ହେଲେ ଯେବେ ରାତିରେ ଯାଏ ଟଙ୍କା ବିଡାଟାଏ ଅଣ୍ଟାରେ ଖୋସିକି ଆସି ଥାଏ । କାହ୍ନା ବୋଉ ସବୁ ଦେଖି ଚୁପ୍ ରହେ । ସେ ଟଙ୍କା କୁଆଡୁ ଆଇଲା, କିଏ ଦେଲା କିଛି ପଚାରେନା ମନେ ମନେ ଧନ୍ଦି ହୁଏ । ମା' ମଂଗଳାଙ୍କୁ ଡାକେ । ତା ଜୀବନ ତା କେମିତି ଓଲଟା ପାଲଟା  ହେଇ ଯାଉଚି ।

ଏଇ କେତେ ମାସ ହବ, କାହ୍ନା ବାପାର ପେଟମରା ରୋଗଟା ଆରମ୍ଭ ହୋଇଚି । ଆଗ ପରି କାମକୁ ପାରୁନି । କେତେ ଦିନ ହବ କାମକୁ ଯାଇ ପାରୁନି । ବୋଝ ଉପରେ ନଳିତା ବିଡା ପରି କାହ୍ନା ପଛକୁ ଆଉ ଗୋଟାଏ ମଣିଷ ତାଂକ ଜୀବନରେ ଛନ୍ଦି ହେବାକୁ ବାହାରିଲାଣ । ଡରରେ ଏକଥା କାହ୍ନା ବାପାକୁ କେଇ ଦିନ ଲୁଚେଇ ରଖିଲା । ହେଲେ ଏ କଥା କଣ ଲୁଚେ ? ଚାରି ପ୍ରାଣୀ ଚଳିବେ କେମିତି କେଜାଣି ? କାହ୍ନା ବୋଉ ଆଖି ବୁଜି ମା' ମଂଗଳାକୁ ଡାକେ । ସେଇ ଏକା ବାଟ ବତାଇବେ, ତାର ଓଲଟା ପାଲଟା ଜୀବନ କୁ ସଜାଡି ଦେବେ  ।

ବର୍ଷା ଦିନ ଆସିଗଲାଣି । ଘର ତାରେ ପାଣି ଗଳୁଚି । କାନ୍ଥ ଠାଏ ଠାଏ ଫାଟି ଗଲାଣି । କାହ୍ନାଟାକୁ ଥଣ୍ଡା ଛାଡୁନି । ପଇସା ଯୋଗାଡ ବି ହେଇ ପାରୁନି । କାହ୍ନା ବୋଉ ଲୁଚିକି ଦୁଇ ଘର ବାସନ ମଜା କାମ ଧରିଲାଣି । ଯେତେ ହେଲେ ବି ସବୁ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ନିଆଣ୍ଟ । ଚିନ୍ତାରେ କାହ୍ନା ବାପାଟା କେମିତି ଦିଶିଲାଣି ।

ଆଜି ସନ୍ଧ୍ୟା ରେ ହଠାତ୍ ଝଡ ପରି ପଶି ଆସିଲା ଘର ଭିତରକୁ କାହ୍ନା ବାପା । ମୁଣ୍ଡରେ ଏମିତିକା ଅବାନ୍ତର କଥା କେମିତି ପଶିଲା କେଜାଣି ? ସେ ଭାତ ଗାଲିଲା ବେଳେ ପାଖରେ ବସିପଡି କହିଲା "ନୂଆ ପୋଖରୀ ସେପଟେ ଯେଉଁ ଖ୍ରୀଷ୍ଟିୟାନ୍ କବର୍ ଖାନା ଅଛି, ସେଥିରୁ କବରଟେ ହାଣି ଆଜି ଇଟା ନେଇ ଆସିବା । ଦୁହେଁ ମିଶି ଘର ମରାମତି କରିବା ।" କାହ୍ନା ବୋଉ ଗୋଡ ତଳୁ ସତେ ଅବା ମାଟି ଖସି ଗଲା । କେତେ କାକୁତି ମିନତି କଲା । ହେଲେ ତା କଥା ରହିଲାନି । କାହ୍ନା ଶୋଇବା ପରେ ଦୁହେଁ ବସି ରହିଲେ । ରାତି ବେଶୀ ହବା ପରେ ବଳିଆ ବାହାରୁ ଘେରେ ବୁଲି ଆସିଲା ।

"ଚାରି ଆଡ ଶୁନ୍ ଶାନ୍ ହେଇ ଗଲାଣି । ବେଗୀ ବେଗୀ ବାହାରି ପଡ ଅଖାଟାଏ ଧରି । ଇଟା ବୋହି ଆଣିବା ।" କୋଦାଳ ଟେ ଧରି ଦୁହେଁ ଚାଲିଲେ ସେ ଝିପି ଝିପି ବର୍ଷାରେ । ପୋଖରୀ ହୁଡାଟା ଭାରି କାଦୁଅ । କାହ୍ନା ବୋଉ ପାଦ ଚିପି ଚିପି ଚାଲି ଥାଏ ବଳିଆ ପଛେ ପଛେ । ସାତ ମାସ ହବାକୁ ବସିଲାଣି, କାଦୁଅରେ କଚଡେ ଖାଇଲେ ତା ସଂସାର ଉଜୁଡି ଯିବଟି । ବଳିଆ ପାଟି କଲା "ଆଲୋ ..ଶୀଘ୍ର ଚାଲେ । ଫେରିଲା ବେଳକୁ ଡେରି ହେଇଯିବ କାଳେ । " କାହ୍ନା ବୋଉ ମନ ମାନୁନି । ଛୁଆଟା ଏକୁଟିଆ ଘରେ ଶୋଇଚି । ତା ବାପା ଅଫିମ ଟିକେ ଚଟେଇ ଦେଇଚି ଉଠିବନି ବୋଲି । ଲଂଠନଟା ତେଜି ଦେଇ କବାଟଟା ବାହାରୁ ବନ୍ଦ କରି ଦେଇଚି । ହେ ମା' ମଂଗଳା ଛୁଆ  ଟା ତୁମକୁ ଲାଗିଲା ।

ଦୁହେଁ କବର୍ ଖାନା ସାମନାରେ ପହଞ୍ଚିଲେ । ଅନ୍ଧାରରେ ଚୁନ ଲିପା କବର ଗୁଡିକ ଜଳ ଜଳ ହେଇ ଦିଶୁଚନ୍ତି । ବିଲୁଆ ଟାଏ ଦୌଡି ଗଲା । କାହ୍ନା ବାପା ହାତକୁ ସେ ଚାପି ଧରିଲା, " ତୁମକୁ ଭୂତ ପ୍ରେତ ଡର ନାହିଁ ? ଏମିତି ପଥର କେମିତି ପାଲଟି ଗଲ ତୁମେ ?" ବଳିଆ ତା କଥାର ଉତ୍ତର ନ ଦେଇ କବର ଟେ ହାଣିବା  ଆରମ୍ଭ କଲା । ଭାଗ୍ୟକୁ ଆଜି ବର୍ଷା ହଉଚି । ଏମିତି ପାଗରେ କେହି ପଦାକୁ ଆସିବେନି । "ମୁଁ ହାଣୁଚି, ତୁ ଇଟାତକ ଅଖା ରେ ସଜାଡି ରଖ ।"

ବର୍ଷା ବଢିଲାଣି । କାହ୍ନା ବୋଉ ଆଉ ପାରୁନି । ଦେହର ଭାର ସଂଗକୁ ଏ ବର୍ଷା । ଗୋଟା ପଣ ଜୁଡୁ ବୁଡୁ ହେଇ ଗଲାଣି । କାହ୍ନା ବାପା ସାହାସ ଦେଲା । "ରାତିଟାଏ କଷ୍ଟ କରିଦେବା । ଆମ ଘରଟି ମରାମତ ହେଇଯିବ । ଆମେ ଆଉ ବର୍ଷାରେ ହଇରାଣ ହବାନି । ଆମ ଅଭାବ କଥା ତ ତୁ ଜାଣୁଚୁ । ଆଉ କଣ କରିବା କହିଲୁ ?" ତିନି ପା' ଖୋଲି ସାରିଲେଣି । ଅଖାଟା ପୁରା ହେଇ ଗଲାଣି । ଶେଷକୁ ଇଟା ଯୋଡି ହେଇ ଥିବା ବଡ ଖଣ୍ଡଟାଏ ବାହାରି ଆସିଲା । କାହ୍ନା ବାପା କହିଲା, "ମୁଁ ଏ ଖଣ୍ଡଟା ମୁଣ୍ଡେଇବି । ତୁ ଅଖା ଟା ବୋହିବୁ ।" କାହ୍ନା ବୋଉ ଡରି ଗଲା । ଏଡେ ବସ୍ତା ଟାଏ ସେ ନବ କେମିତି ଏ ଅବସ୍ଥା

ରେ ? ବଳିଆ ଆର ଖଣ୍ଡଟି ମୁଣ୍ଡରେ ଗାମୁଛା ବାନ୍ଧି ମୁଣ୍ଡେଇ ସାରିଲାଣି । କହିଲା ବେଗି ବେଗି ବାହାରି ପଡ । ପାହାନ୍ତା ହେଇଗଲେ କିଏ କାଳେ ଦେଖି ପକେଇବେ । ଏମିତି ଦି ଚାରି ଥର ନେଇ ଗଲେ ତ ଆମ ଘରଟା ପୁରା ସଜାଡି ହେଇଯା'ନ୍ତା, ନୁହେଁ ? "

କାହ୍ନା ବାପାର ମଳିନ ମୂଖମଣ୍ଡଳରୁ ଦୁଖଃର ବାଦଲ ସତେ ଯେମିତି ଧିରେ ଧିରେ ହଟିବାକୁ ଆରମ୍ଭ କରି ଦେଇଥିଲା । ତା ଭିତରୁ ସନ୍ତୋଷ ଭରା ସ୍ମିତ ହାସ୍ୟଟିଏ ଊଂକି ମାରି ଆସୁ ଥିଲା । କାହ୍ନାର କାନ୍ଦୁରା ମୁହଁ ଛଡା ତା ବୋଉକୁ କିଛି ଦିଶୁ ନ ଥିଲା । ଦୁହେଁ  ବଡ କଷ୍ଟରେ ବାହାରିଲେ । ବର୍ଷା ଅଜାଡି ହେଇ ପଡୁଚି ବଡ ଯୋର୍ ରେ । ବାଟଟା ଅତି ବେଶୀ ନୁହେଁ, ହେଲେ ବଡ କଷ୍ଟରେ କାନ୍ଧି କୁନ୍ଥେଇ ବସ୍ତାଟିକୁ ଘୋଷାରି ଘୋଷାରି କାଦୁଆ ରାସ୍ତାରେ ଚାଲିଲା ସେ । ଘରେ ପହଞ୍ଚିଲା ବେଳକୁ ଅଧା ପ୍ରାଣ ହେଇ ଗଲେଣି ଦୁହେଁ । ବସ୍ତାଟିକୁ ଦୁଆର ମୁହଁ ରେ ପକେଇ ଦେଇ କାହ୍ନା କୁ ଦେଖିବାକୁ ଧାଇଁଲା ସେ ।

କବାଟ ଟା ଖୋଲିଲା ବେଳକୁ ଘର ବର୍ଷା ପାଣିରେ ଭାସୁଚି । ଲଣ୍ଠନଟି ମିଞ୍ଜି ମିଞ୍ଜି ହେଇ ଜଳୁଛି ତେଲ ଅଭାବରୁ । ଇଏ କଣ ? ଖଟିଆରେ କ'ଣ କାହ୍ନା ନାହିଁ ? ତା ବିଛଣା ଟା ଜୁଡୁ ବୁଡୁ ଓଦା । ବିଛଣାରେ ପାଣି ପଡିବାରୁ ଆଉ କୋଉଠି ଶୋଇ ପଡିଥିବ । କାଇଁ ଆଉ କୋଉଠି ଦିଶୁନି ତ ? ଦୌଡି ଗଲା ରନ୍ଧାଶାଳକୁ । ସବୁ ଆଡ କିଟି କିଟି ଅନ୍ଧାର । କାହିଁ କାହ୍ନା ତ ଦିଶୁନି ? ତା ଛାତିଟା ଫାଟି ଗଲା ପରି ଲାଗିଲାଣି । ହଠାତ୍ ନଜର ପଡିଲା ଭାଡି ତଳେ କଣ ଗୋଟାଏ ଦିଶୁଚି । ଦୌଡି ଯାଇ କୋଳେଇ ନେଲା । କାହ୍ନା ର ଆଖି ଦିଟା ତରାଟି ହେଇ ଯାଇଚି । ଜିଭଟା ପଦାକୁ ବାହାରି ଆସିଚି । ଛାତିରେ ଚାପି ଧରିଲା ତାକୁ । ସତେ ଅବା କାଠ ଖଣ୍ଡଟିଏ । ଭୋ ଭୋ ହେଇ କାନ୍ଦି ଉଠିଲା ସେ । ମୋ ସଂସାର ଉଜୁଡି ଗଲା ଲୋ ...ମୋ ଧନ ....ମୁଁ କଣ କରିବି ଲୋ ......ମୋ ଧନମଣି ....କୁଆଡେ ଗଲୁ ରେ ବାପା .....କାହ୍ନା ବାପା  ହାଉଳି ଖାଇ  ଦୌଡି ଆସିଲା ।

ବାହାରେ ବର୍ଷା ଥମି ଗଲାଣି । ସିନ୍ଦୁରା ଫାଟି ଆସିଲାଣି । ଦୁହିଂକର ମିଳିତ କାନ୍ଦର ଏକ କରୁଣ ରାଗିଣୀ ନୁଆଣିଆ ଚାଳ ଘରକୁ ବିଦୀର୍ଣ କରି ଶୁନ୍ୟା ଆକାଶରେ ମର୍ମରିତ ହେଉ ଥିଲା ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ଉଦୟନ ସୂପକାର

୩ ଦିନ ତଳେ ଭାଉଜ ଆମର ଫୋନ୍ କରି ମୋତେ ଏହା ପ୍ରଶ୍ନ କରିଲେ
ଟିଭି ରେ କହିଲା ଭୂମିକମ୍ପ ପରା ଆସିଥିଲା ତୁମ ଭୁବନେଶ୍ୱରରେ ॥
ଭୂମିକମ୍ପ କଣ, କେତେବେଳେ ହେଲା ଏତେ କଥା ମୁଁ ଜାଣେ ନା
ହେଲେ ହୋଇଥିବ, ଆଗୋ ମୋ ଭାଉଜ ଜମାରୁ ତୁମେ ସେ ଚିନ୍ତା କରନା ॥
କି ବିଚିତ୍ର ଲୋକ ତୁମେ ହେ ଦିଅର, ଝଟକା ତୁମକୁ ଲାଗେ କି ନାହିଁ
ସବୁ ଆଡ଼େ ହୁରି ପଡ଼ିଛି, କହୁଛ ତୁମକୁ କିଛି ଜଣା ହିଁ ନାହିଁ ??
କହିଲି ମୁଁ ଶୁଣ, ଭୋଟର ବାପୁଡ଼ା ମୁଁ ପରା ଭାରତ ଦେଶର ମୋର
ଦେହ ସୁହା ମୋର ହୋଇ ତ ଗଲାଣି ଝଟକା ଯା ସହିଛି ମୋର ଶରୀର ॥
ପ୍ରତି ସପ୍ତାହରେ ମୂଲ୍ୟବୃଦ୍ଧି ସହ ଅଘଟଣ ଦେଇ ଯାଏ ଝଟକା
ଭୂମିକମ୍ପ କାହୁଁ ଦେଇ ଯେ ପାରିବ ସରକାର ଯେତେ ଦିଏ ଝଟକା ॥

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ଏକ ସ୍ୱାଗତିକା : ବସନ୍ତ ଉଦ୍ଦେଶ୍ୟରେ

କରୁଣାକର ପାଟଶାଣୀ

ବସନ୍ତ ଆସିଛି...

ସେ ଉତୁରି ଆସିଛି ହଳଦୀବସନ୍ତ ଡ଼େଣାରେ, ବଉଳ ଫୁଲର ବାସ୍ନାରେ, କୋଇଲିର ସୁମଧୁର ପଞ୍ଚମ ତାନରେ, ଗୁଣୁଗୁଣୁ ହେଉଥିବା ମହୁମାଛିର ସଭାରେ, ରଙ୍ଗ ବେରଙ୍ଗ ଫୁଲର ଫସଲରେ, ସ୍ୱପ୍ନ ବାଣ୍ଟୁଥିବା ପ୍ରଜାପତିର ଚିତ୍ରିତ ଡ଼େଣାରେ, କବି-ଭାବୁକର ଆନମନା ରଫ୍ ଖାତାରେ... କବିତା ଆସରରେ । କିଶୋରୀ ଆଖିରେ ଯୌବନର ଛଟା ହୋଇ ବସନ୍ତ ଆସିଛି । ବସନ୍ତ ଏଠି ମଶାଣିର କଳା ତୁଳସୀ ବୃକ୍ଷ ପରି ଅପରିଚିତ, ଅପାଙ୍‌କ୍ତେୟ ନୁହେଁ; ସେ ଆସିଛି ଜଡ଼ତାକୁ ପାଦେ ଦଳି ଊଷର, ଧୂସର, ଥୁଣ୍ଟା ଡ଼ାଳରେ ଆତ୍ମପ୍ରତ୍ୟୟର ନୀଳ ନୀଳ ପତ୍ରର ସମ୍ଭାର ନେଇ । ବସନ୍ତ ଆସିଛି ଗୁଡ଼ି ଉଡ଼ାଉଥିବା ଗାଉଁଲି ପିଲାଟି ପରି ସୁଖ ସ୍ୱପ୍ନକୁ ଉଡ଼େଇ ଉଡ଼େଇ । ହେ ଋତୁରାଜ! ଆମେ ଆପଣଙ୍କୁ ସ୍ୱାଗତ କରୁଛୁ, ସ୍ୱାଗତଂ... ସ୍ୱାଗତଂ... ସ୍ୱାଗତଂ... ।

ଜୀବନର ଏକ ଅଧ୍ୟାୟ ଯୌବନ ନୁହେଁ; କି ଋତୁଚକ୍ରର ଏକ କ୍ରମିକ ପର୍ବ ବସନ୍ତ ନୁହେଁ । ଗୋଟିଏ ବୀଜର ଦୁଇଟି ଶାଖାପତ୍ର ପରି ଯୌବନ ଓ ବସନ୍ତର ବନ୍ଧୁତ୍ୱ ଅନ୍ତରଙ୍ଗ । ଗୋଟିଏ ଚେତନାର ଦୁଇଟି ଭିନ୍ନ ରୂପ । ଗୋତ୍ର କିନ୍ତୁ ସମାନ । ସୁତରାଂ ଯୌବନ ବସନ୍ତର ପୂଜାରୀ ନୁହେଁ । ଉଭୟେ ନିବେଦିତ ପୂଜାଫୁଲ ସୌନ୍ଦର୍ଯ୍ୟ ଦେବୀଙ୍କର ପାଦପଦ୍ମରେ । (ମନକୁ ସ୍ୱତଃ ପ୍ରଶ୍ନ ଆସେ- ପୂଜାରୀ କିଏ ?) ଯୌବନ ଓ ବସନ୍ତକୁ ଏକ ସୂତ୍ରରେ ମାଳା ଗୁନ୍ଥି ପାରିଥିବା ସ୍ୱର୍ଗୀୟ ସତ୍ତା (ଜୀବନ) ହିଁ ସୌନ୍ଦର୍ଯ୍ୟଦେବୀଙ୍କର ପ୍ରକୃତ ଉପାସକ ।

କୋଇଲି ବସନ୍ତର ବାବଦୁକ ପରି କୈଶୋର ହିଁ ଯୌବନର ସୂଚୀପତ୍ର । ଯୌବନ ବସନ୍ତ ନୁହେଁ; ଅଥଚ ବସନ୍ତ । ଚିର ବସନ୍ତର ଲୀଳାଭୂମି ଯୌବନ । ଯୌବନ ଇଲାକାରେ ଉଡ଼ିବୁଲେ ପ୍ରୀତି ଫଗୁଣର ରଙ୍ଗ ଅବିର, ସଞ୍ଚରିଯାଏ ଚଇତାଳି କାଠଚମ୍ପାର ମହମହ ବାସ୍ନା । ସେଠି ଉଚ୍ଚାରିତ ହୁଏ ପ୍ରେମ-ପ୍ରଣୟ ସ୍ୱପ୍ନର ପର୍ସିଆନ୍ ଗଜଲ୍ ସବୁ । ଯୌବନ ଓ ବସନ୍ତର ପୀନବଦ୍ଧ ଆଶ୍ଳେଷ ଭିତରେ ସ୍ୱର୍ଗରୁ ଓହ୍ଲାଇ ଆସେ ଛଳ ଛଳ ଜାହ୍ନବୀର ଧାରା । ଜୀବନ ପାଲଟେ ପାରିଜାତର ଉଦ୍ୟାନ । କଳ୍ପନାର ପକ୍ଷମେଲି ମନ ଉଡ଼ିଯାଏ ଦେହରୁ ଦୂରକୁ... ସୁଦୂର ପରୀ ରାଇଜକୁ । ଅନ୍ନଦାଶଙ୍କରଙ୍କ କବିତା ପରି ଚେତନା ହୁଏ ଚିରସବୁଜ । ପ୍ରେମ-ପ୍ରଣୟ, ସ୍ୱପ୍ନ-ସୌନ୍ଦର୍ଯ୍ୟର ଯଜ୍ଞବେଦୀ ଉପରେ ଯୌବନ ଓ ବସନ୍ତର ଚାଲିଛି ସତତ ମନ୍ତ୍ରପାଠ । ସେ ଉଚ୍ଚାରଣ, 'Escape from Life' ପାଇଁ ନୁହେଁ; 'Escape to Life' ପାଇଁ । ଯୌବନ ଏକ ହୁଲିଡ଼ଙ୍ଗା ନୁହେଁ, ଚୁନି ଚୁନି ସ୍ୱପ୍ନିଳ ନୀଳ ଲହରୀ ଉପରେ ନାଚି ନାଚି ଯିବାପାଇଁ; ସେ ଏକ ଆଶ୍ଚର୍ଯ୍ୟ ବସନ୍ତ, ଆଗାମୀ ବୈଶାଖୀର ଝଞ୍ଜାକୁ ସହଜରେ ଅତିକ୍ରମ କରିଯିବାପାଇଁ । ସେ ଏକ ପର୍ବ... ପ୍ରସ୍ତୁତିର ପର୍ବ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ବିଭୁ ପ୍ରଧାନ

# ସ୍ୱପ୍ନ

ପ୍ରଥମ ପ୍ରହର ସ୍ୱପ୍ନ

ତାରାଭରା ଆକାଶ ଜହ୍ନର

ଉଜ୍ଜ୍ୱଳ କୋମଳ ବିଚ୍ଛୁରଣ

ହରା ଭରା ଧାନକ୍ଷେତରେ

ସବୁଜିମାର ଢେଉ

ନିସ୍ତବ୍ଧ ଗହନ ବନରେ

ସୁ' ସୁ' ପବନର ସ୍ୱର

ଅନ୍ଧାକାରର କାଳିମାକୁ ଭେଦି

ସ୍ମୃତିର ଏକ କ୍ଷୀଣ ଶିହରଣ

ସ୍ୱପ୍ନ ଦେଖିବାପାଇଁ

ନା' ଲୋଡ଼ା ଆଖି ନା' ରାତି

ଲୋଡ଼ା କେବଳ କଅଁଳ ଛନ ଛନ ମନ

କୋମଳ କଳିକା ପରି ଛାତି ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ଶଂକର୍ଷଣ ପରିଡ଼ା

# ଅନ୍ଧ ଉପାଖ୍ୟାନ

ଏକଦା ଜଣେ ଅପରୂପା ସୁନ୍ଦରୀ ତରୁଣୀର
ପ୍ରଶଂସାମୁଖର ହୋଇ ଆୟୁଷ୍ମାନ ଅନ୍ଧ ଜଣେ କହିଲା
ତମେ ସୌନ୍ଦର୍ଯ୍ୟ ଓ ଗୁଣବତ୍ତାର ଗୋଟେ ନିଖୁଣା ନାରୀ ॥
ଆଶ୍ଚର୍ଯ୍ୟ ଚକିତ ଭାବରେ ସୁନ୍ଦରୀ ତରୁଣୀ ଜଣକ ପ୍ରଶ୍ନ କଲା
ତମେ ଚକ୍ଷୁଷ୍ମାନ ହେଲ କେମିତି ?
ଅନ୍ଧ ଉତ୍ତର ଦେଲା ସୌନ୍ଦର୍ଯ୍ୟ କେବଳ ଆଖିର
ଉଚ୍ଚତାରେ ନୁହେଁ ହୃଦୟର ଗଭୀରତାରେ ବି ମାପି ହୁଏ ।
ସୁନ୍ଦରୀ ତରୁଣୀଟି ଥତମତ ହେଲା ଓ ଅନ୍ଧ ଜଣନ କହିବାର
ଶୁଣାଗଲା ତମେ କଣ କେବେ ଦର୍ପଣର ବିନା ସାହାଯ୍ୟରେ
ନିଜ ଆଖିରେ ନିଜ ମୁହଁ ନିରେଖି ଦେଖିବାର ସୁଯୋଗ ପାଇଛ ?
ତରୁଣୀଟି ଭାବିବାକୁ ଚେଷ୍ଟା କଲା ଓ ଏତେକାଳ ନିଜ ଆଖିରେ
ନିଜମୁହଁ ଦେଖି ନ ପାରିଥିବାର ଦୁଃଖରେ ଭାଙ୍ଗି ପଡ଼ିଲା ।
ଏଥର ଅନ୍ଧ ଜଣକ ପୁନଶ୍ଚ ପ୍ରଶ୍ନ କଲା ଏବେ କୁହ ତ ଦେଖି
ସୌନ୍ଦର୍ଯ୍ୟ ଦୃଷ୍ଟିବୋଧର ବିସ୍ତାର ନା ଅନୁଭବର ବ୍ୟାପ୍ତି ??

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

# ଭକ୍ତର ଭଗବାନ (ମୃଣାଳ)



ସବିତାରାଣୀ ସାମଲ

ଭକ୍ତ – ହାଲୋ ଓ ଓ । କିଏ କହୁଛ ?

ଭଗବାନ – ମୁଁ ଭଗବାନ କହୁଛି ।

ଭକ୍ତ – ଓହ ଭଗବାନ (ଭକ୍ତଙ୍କ ଭଣଜାଙ୍କ ନାମଟି ଭଗବାନ), କଣ ତୋ ଦେହ ଭଲ ନାହିଁ କି ? କଣ୍ଠଟା କଣ ଅଲଗା ଅଲଗା ଶୁଭୁଛି ?

ଭଗବାନ – ତୁମେ ଯାହାକୁ ଭାବୁଛ ମୁଁ ସିଏ ନୁହେଁ । ମୁଁ ସତସତିକା ଭଗବାନ ।

ଭକ୍ତ – ଇଏ ମାଲୋ (ଜିଭ କାମୁଡ଼ି ଦେଇ) ମୁଣ୍ଡିଆ ମାରୁଛି ପ୍ରଭୁ । କି ବେଷ୍ଟ୍ ଟେକ୍ନୋଲୋଜି ବ୍ୟବହାର କରୁଛ ? ଆଇ ଫୋନକୁ ଫାଇଭକୁ ବି କାଟି ପକେଇଲ । ଖାଲି ମାଇଣ୍ଡ୍‌ରେ ଭାବିଦେଲେ ହିଁ ନମ୍ବର ଡ଼ାଏଲ୍ ହୋଇଯାଉଛି ।

ଭଗବାନ – ଏଇଟା ଟେଲିପାଥି । ମୋତେ କଣ ତୁମେ ମାନେ ସବୁ ବଳେଇ ଯିବ ନା କଣ ? ହଉ କଣ ପାଇଁ ମୋତେ ବଡ଼ ଜୋରରେ ଖୋଜୁଥିଲ ?

ଭକ୍ତ – ସବୁ ଚଢ଼ାଦାମ ହେଲାଣି । ଗୋଟେ ଭଲ ଫ୍ଲାଟ୍‌ଟିଏ ଯୋଗାଡ଼ କରି ଦେଇଥାନ୍ତ ଯଦି ଭଲ ହେଇଥା'ନ୍ତା । କିନ୍ତୁ ଟିକେ ନାମିଦାମି ବିଲ୍‌ଡ଼ରଠୁ, ନ ହେଲେ ପାଞ୍ଚଥର ବିକ୍ରୀ ହୋଇଯାଇଥିବ ତା'ପରେ ଭଗବାନ ଆସିଲେ ବି କୋର୍ଟ କଚେରୀରେ କେହି ଶୁଣିବେନି । ଆଉ ଗାଡ଼ିଟିଏ ତା' ସଙ୍ଗକୁ ଦେବ ଯଦି ଫୁଲ୍ ପ୍ରେଷ୍ଟିଜ୍ । ଆଉ କିଛି ମାଗିବିନି ପ୍ରଭୁ ।

ଭଗବାନ – ସବୁବେଳେ ସେଇ ଏକା କଥା କହୁଛ । ଭଲ ପାଠ, ଚାକିରୀ, ସ୍ୱାମୀ, ପିଲାଛୁଆ ଇତ୍ୟାଦି ଇତ୍ୟାଦି... । ଆର ବର୍ଷ ତମ ସାଙ୍ଗକୁ ଗୋଟେ ଫ୍ଲାଟ୍ ଦେଇଥିଲି । ପୁଣି ଏ ବର୍ଷ କହିଲାଣି ଆଉ ଗୋଟେ ଦରକାର । ଯାହା ଦେଉଛି ସେଥିରେ ସନ୍ତୁଷ୍ଟ ହେଉନାହଁ କାହିଁକି ?

ଭକ୍ତ – (ଆଜି ଦେବା ଭଳି ମୁଡ୍‌ରେ ନାହାନ୍ତି ପ୍ରଭୁ ଆଉ ଅନ୍ୟ କଥା ପଚାରିବା) ହଉ ପ୍ରଭୁ ଦେବାନେବା କଥା ଥାଉ, କୁହ ତ ତମେ ଦେଖିବାକୁ କେମିତି ? ସମସ୍ତ ଭକ୍ତଙ୍କୁ ଦେଖାଦେଲ ମୋତେ କାହିଁକି ଦେଖା ଦେଲନି ?

ଭଗବାନ – ମୋତେ ଯେମିତି ରୂପରେ ଚାହିଁବ ମୁଁ ତୁମକୁ ସେମିତି ରୂପରେ ଦେଖାଦେବି । ଦିବ୍ୟଚକ୍ଷୁକୁ ବ୍ୟବହାର କଲେ ସିନା ହେବ ! ସେଇଟା ନ କରି କି କମ୍ପିଟିସନ୍ ଆରମ୍ଭ କରିଦେଲ । କେବେ ସାଙ୍ଗ ସାଥୀଙ୍କ ସଙ୍ଗେ ତ ଆଉ କେବେ ଜା'ନଣନ୍ଦଙ୍କ ସାଙ୍ଗରେ, କେବେ ସହକର୍ମୀ ତ ଆଉ କେବେ ସାହିପଡ଼ିଶାଙ୍କ ସାଙ୍ଗରେ । ଏବେ ଭକ୍ତଙ୍କୁ ବି ଛାଡ଼ିଲ ନାହିଁ । କମ୍ପିଟିସନ୍ ଖରାପ ନୁହେଁ, ଆଗକୁ ବଢ଼ ।

ହେଲେ ଇର୍ଷ୍ୟା କରନ୍ତି କି କଙ୍କଡ଼ା ଭଳି ଗୋଡ଼ ଭିଡ଼ନି ।

ଭକ୍ତ – ସଦାକାଳେ ତୁମେ ଥିଲ ମୁଁ ଥିଲି । କିନ୍ତୁ ଆଗ ଜନ୍ମ କଥା ଟିକେ ବି ମନେ ପଡୁନି ? ମାୟାରେ କାହିଁକି ମୁଁ ବାୟା ହେଉଛି ପ୍ରଭୁ ?

ଭଗବାନ – ସପ୍ତାହର ପାଞ୍ଚଦିନ ଯାକ ସିରିଏଲ୍ । ତା'ପରେ ଦୁଇ ଦିନ ସିନେମା । କେତେ ବଢ଼ିଆ ଲାଗୁଛି । ସେମିତି ମୁଁ ଏତେ ବଡ଼ ସିନେମା କରିଛି । ସେଥିରେ କଣ କିଛି ସସ୍‌ପେନ୍ସ, ଆକ୍ସନ୍, ଥ୍ରୀଲର୍, କମେଡ଼ି ରହିବ କି ନାହିଁ ?

ଭକ୍ତ – କାମ କର ଫଳର ଆଶା ନ କର । ଫଳ ନଥାଇ କଣ କାମ କରିବାକୁ ଇଚ୍ଛା ହେବ ?

ଭଗବାନ – କଳି କାଳର ମଣିଷ ତୁମେ । କାମ କରି ଫଳରେ ଆଶା କଲେ ତ ଗୋଟେ କଥା । କାମ ନ କରି ବଡ଼ ବଡ଼ ଫଳରେ ଆଶା ରଖୁଚ । ସେଥିଲାଗି ମୋତେ ଲାଞ୍ଚ ଦେବାକୁ ବି ପଛାଉନ । ଦେଖୁନ ତୁମର ଲମ୍ବା ଲିଷ୍ଟ୍ କୋଉଠି ୧୦୮ ବେଲ ପତ୍ର ଚଢ଼େଇବ ମାନସିକ କରିଛ ଆଉ କୋଉଠି ନଡ଼ିଆ ବାଡ଼େଇବ । କେଉଁଠି ଅଭିଷେକ କରିବ ତ କେଉଁଠି ଦର୍ଶନୀ ଦେବ ଇତ୍ୟାଦି ଇତ୍ୟାଦି । ଯାହା ତୁମର ପ୍ରାପ୍ୟ କେବଳ ତାହା ହିଁ ତୁମେ ପାଇବ । ଏଇଟା କହିଦେଲି ବୋଲି କାଲି ସକାଳେ ଜ୍ୟୋତିଷ ପାଖରେ ହାଜିରା ଦେବ ନି ? ମୋ ହାତଟା ଟିକେ ଦେଖିକି କହିଦେ କଣ ପ୍ରାପ୍ୟରେ ଅଛି ? ଚେଷ୍ଟା ନ କଲେ କିଛି ମିଳିବନି ରେ ଧନ ।

ଭକ୍ତ – କିଏ କହୁଛି ଏଇଟା ହିଁ ସ୍ୱର୍ଗ ଆଉ ନର୍କ । ଯାହା କରିବୁ ଏଇଠି ଭୋଗିକି ଯିବୁ । ଆଉ କିଏ କହୁଛନ୍ତି ମଲାପରେ ସ୍ୱର୍ଗ ଦେଖିବୁ ନ ହେଲେ ନର୍କ । ବହୁତ ଗୋଳମାଳ କଥା ପ୍ରଭୁ ।

ଭଗବାନ – କନ୍‌ଫ୍ୟୁଜନର ଏକ ମାତ୍ର ଅବ୍ୟର୍ଥ ଔଷଧ ହେଉଛି ମେଡ଼ିଟେସନ । ମନ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ । ତାକୁ ଶାନ୍ତ କରି ପାରିଲେ ସବୁର ଉତ୍ତର ପାଇପାରିବ । ସମସ୍ତଙ୍କ କଥା ବୁଝିବାକୁ ପଡ଼ିବ । ରାଉଣ୍ଡ ରବିନ୍ ମେଥଡ଼ରେ ତୁମ ନମ୍ବର ପୁଣି ଆସିବ । ଆଜି ପାଇଁ ବିଦାୟ ।

ଭକ୍ତ – ବାଏ ବାଏ ।

'ପଖାଳ ଗଣ୍ଡେ ପକେଇ ଦେଇ ଖରାବେଳଟାରେ ଶୋଇ ଶୋଇ କାହାକୁ ବାଏ ବାଏ କହୁଛ...' ଶୁଣି ହଠାତ୍ ନିଦଟା ଭାଙ୍ଗିଗଲା । ଦେଖିଲା ବେଳକୁ ସେଇ ଭଡ଼ାଦିଆ ଗୋଟିଏ ବଖରା ଆପାର୍ଟମେଣ୍ଟରେ ତଳେ ଗଡୁଥିଲା ରମେଶ । ପାଖରେ ପ୍ରଶ୍ନବାଚୀ ଆଖିରେ ଦେଖୁଥିଲା ତା ସ୍ତ୍ରୀ ରିନା ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ରୋଜି ମଲ୍ଲିକ

# ମା'ର ଡ଼ାକ

(ମୂଳ ହିନ୍ଦୀ – ପ୍ରୀତି ଗାନ୍ଧୀ)

ପିଲାମାନେ, ଘରକୁ କେବେ ଆସିବ ?
କେବେ ଫେରାଇବ ବାସ୍ନା, ମୋ ଶୂନ୍ୟ ବଗିଚାର ?
କେବେ ଫେରାଇବ ଶୋଭା ମୋ ଅଗଣାର ?
କାନରେ ମୋର ଗୁଞ୍ଜୁଛି ଏବେ ବି
ତୁମ ମାନଙ୍କର କୋଳାହଳ,
ସେ ମିଠା କଥା, ଆଉ ଖିଲି ଖିଲି ହସର କଲ୍ଲୋଳ ।
ତୁମ ପୁରୁଣା ସ୍ମୃତିରେ ଆସିଯାଏ ସତେଜତା,
ଦେଖେ ଯେବେ ତୁମ ମାନଙ୍କର ଛବି,
ଲାଗେ, ଯେମିତି ଏଇ ଗତ କାଲିର କଥା...
ତୁମେ ଉଚ୍ଚରିଥିଲ ତୁମର ପ୍ରଥମ ଶବ୍ଦ,
ବିଞ୍ଛି ଦେଇଥିଲ ତୁମ ପ୍ରଥମ ହସ,
ଆଉ ଉଠାଇଥିଲ ତୁମ ପ୍ରଥମ ପାଦ ।
ତାପରେ ଯେମିତି କି ତୁମ ପାଦ
ଅଟକିବାର ନାଁ ନେଇ ନାହିଁ
ବାସ ବଢ଼ି ବଢ଼ି ଚାଲିଲ
ଲଗାମ ବିହୀନ ହୋଇ
ସଫଳତାର ସିଢ଼ି ଚଢ଼ି ଚାଲିଲ ।
ଏବେ ତ ଏମିତି ଅବସ୍ଥା,
ତୁମ ଜୀବନରେ କେବଳ ବ୍ୟସ୍ତତା,
ଆଗେ ଆଗେ ଦୌଡୁଚି ସମୟ
ଆଉ ଧାଉଁଛ ତୁମେ ବି
ତା ପଛରେ ଅନବରତ ।
କହିଦିଅ ଥରେ, ଯଦି ସମ୍ଭବ...
ପିଲାମାନେ, ଘରକୁ କେବେ ଆସିବ...?

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ଅପେକ୍ଷାରେ ରହିଲି

ରଶ୍ମୀ ରଞ୍ଜନ କର

ମୁହଁ ତୋର ହସ ହସ ଓଠ ନାଲି ନାଲି
କାନେ ତୋର କାନଫୁଲ ମଥାରେ ଟିକିଲି
ପାଣିରେ ଯେମିତି ଜ୍ୟୋସ୍ନା ଦିଶେ ଝିଲି ମିଲି
ସେଇ ଜହ୍ନପରି ଚେହେରା ତୋ ଦିଶୁଥାଏ ଖାଲି
ପାଉଁଜି ତୋ ରୁଣୁ ଝୁଣୁ ହରିଣୀ ତୋ ଚାଲି
ଗଭାରେ ତୋ ମହକୁଛି ଫୁଲ ମଲ୍ଲୀ ମଲ୍ଲୀ
କହୁଛି ମୋ ମନକଥା ତୋତେ ଭଲ ପାଏ ବୋଲି
ଆସିବୁ ମୋ ଜୀବନେ ତୁ କେବେ ଅପେକ୍ଷାରେ ରହିଲି ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ଲୋପାମୁଦ୍ରା ପଣ୍ଡା

# ଏଇଟା ହିଁ ପ୍ରେମ

ଯାହାକୁ ମୁଁ ଭଲପାଏ, ତା'କୁ ବା ଭୁଲିବି କେମିତି

ଅନ୍ଧାରକୁ ଡ଼ରି ଡ଼ରି ଆଖିବୁଜିବି ବା କେମିତି

ଜହ୍ନ ତା ଜୋଛନାରେ ଭରିଦିଏ ଶିଥିଳତା

ତାକୁ ବା ଭୁଲିବି କେମିତି...

ପୂର୍ଣ୍ଣମୀର ଚାନ୍ଦ ଯେ କୁଆଁରୀ ମନରେ ଭରିଦିଏ ପୁଲକତା

ତାକୁ ବା ଭୁଲିବି କେମିତି...

ଆଖିବୁଜି ଖୋଲି ଦେଲି ସପନ ତ ଥିଲା ଏମିତି

ପ୍ରତିଛବି ଟିଏ ଆଙ୍କି ହୋଇଗଲା ଯେମିତି

ପ୍ରତିଛବି ନଥିଲା ସେ ଥିଲା ଏକ ମରିଚିକା

କାଲି ବି ଚାଲୁଥିଲି ଏକା ଆଉ ଆଜିବି ଚାଲିବି ଏକା

କିଛି କହିବାର ମନୋବୃତ୍ତି ଜାଗିଥିଲା ସେହି କ୍ଷଣି

କିଛି କହିବା ପୂର୍ବରୁ ଚାଲିଗଲ କୁଆଡ଼େ କେଜାଣି

ନଥିଲା ସେଠି କେହି, ଥିଲା ସେ ତ ମନର ହିଁ ଭ୍ରମ

କେହିବି କିଛି କୁହନ୍ତୁ, କିନ୍ତୁ ମୁଁ କହିବି ଏଇଟା ହିଁ ପ୍ରେମ ॥

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ଡ଼ା ମେଜର ଗୌରୀ ପ୍ରସାଦ ମହାପାତ୍ର

# ଲୁଚକାଳି

ମୋ ଆଖିର ନିରାଶାର ଛାଇ ତଳେ
ଆଶା ଦୀପ ଜଳୁଥିଲା
ଦପ୍ ଦପ୍ କରି...
ତୁମେ ଭଲପାଅ, ଅବା ପାଅ ନାହିଁ
ଜାଣିବାର ପାଇଁ...
ତୁମ ଓଠ ହସର ବିଜୁଳିରେ
ଝଲସି ଯାଉଥିଲା ମନ,
ଥରୁଥିଲି ବର୍ଷାରେ ଭିଜିଗଲା ପରି...
ମୋ ମନର କେଉଁ
ଏକ ଗାଧୁଆ ତୁଠରେ
ତୁମେ ମୋତେ ଚାହିଁଥିଲ
ଲଜ୍ଜାର ଜଳେ...
ସ୍ୱପ୍ନ ସବୁ ପବନରେ ଉଡ଼ିଗଲା ପରେ
ତୁମ ସ୍ମୃତି ମୋ ମନରୁ ହଜିଯିବା ପଥେ
ତୁମେ ବଧୁବେଶେ
ଚାଲିଗଲ ସବୁଦିନ ପାଇଁ...
ତୁମେ ଥିଲ ମୋ ପାଇଁ କବିତା
ଅଭିନେତ୍ରୀ, ପ୍ରେକ୍ଷାଳୟ
ମୋ ହୃଦକନ୍ଦରେ
ପୂର୍ଣ୍ଣମୀର ଜହ୍ନ
ମେଘ ଭରା ଆକାଶରେ...
ଲୁଚକାଳି ଖେଳୁଥିଲ
ଶୁଷ୍କକରି ମନ...
ମନେ ପଡ଼େ ବେଳେ ବେଳେ
ଜୀବନ ପଥରେ...

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

# ବୋଉ



ବିଜୟଲକ୍ଷ୍ମୀ ବେହେରା

ବୋଉ ! ମୁଁ ଅବିକଳ ଦେଖିବାଉ ତୋ'ରି ପରି
ସେ'କଥା ଆଇନା କୁହେ ।
ତୋ' ବୁଦ୍ଧିକୁ ନେଇଛି ଚୋରେଇ ବୋଲି
ଲୋକେ କୁହନ୍ତି- କିନ୍ତୁ ମୁଁ କେବେ କରିନି ଅନୁଭବ ।
ତୁ' ତ ସବୁବେଳେ କରୁ ଅଭିନୟ
ଲୁହକୁ ତୋ ଚିରା ପଣତରେ ଲୁଚେଇ
ସେ'ବି ଲୁଚିଯାଏ ସତ ସତୁକା ସମସ୍ତଙ୍କ ଆଖି ଆଗରୁ ।
ତୋ' କୋହକୁ ଦୀର୍ଘଶ୍ୱାସ ସହିତ ବାଣ୍ଟି ବାଣ୍ଟି
ହାଲିଆ ହେଲେ ବି କେହି ତା'ର ସନ୍ଧାନ ପାଆନ୍ତି ନି
ଆଉ ତୋ'ର ଅଭାବକୁ ଅଦେଖା କରାଇ
ସାମ୍ନାରେ ଝଲସୁ ଥାଉ ଦେବୀ ପରି ।
ମୁଁ ତ ଏ ସବୁ ପାରେନି- କାଣିଚାଏ ଦୁଃଖକୁ ବି
ସହିବାକୁ କଷ୍ଟ ହୋଇଯାଏ
ଜୀବନ ବି ବୋଝ ପାଲଟି ଯାଏ
ମୋ' ଲୁହ ଝରଣା ପରି ଯାଏ ଝରି
କେବଳ ମୁଁ ଦେଖିବାକୁ ତୋ' ପରି ॥

ଆହ୍ୱାନ ୱେବ୍ ସାଇଟ୍ : www.aahwaan.com/ebook

ଫେସ୍‌ବୁକ୍‌ରେ ଆହ୍ୱାନ, କଥା ଓ କବିତା, ପ୍ରେମକବିତା, ଆମ ପିଲାଦିନ ଏବଂ ଆହ୍ୱାନ ପୃଷ୍ଠାଭାବରେ ଉପଲବ୍ଧ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ମଧ୍ୟମ ବର୍ଗ ସେଇ ଯିଏ

ମଧ୍ୟମବର୍ଗ ସେହି ଯିଏ ଫସି ଯାଏ
ତେଲ ଲୁଣର ହିସାବରେ
ଟିଭିରେ ଦେଖାଉଥିବା ଶାଶୁ ବୋହୁର ଗଣ୍ଡଗୋଳରେ
ସାହିରେ ହେଉଥିବା ଯାତ୍ରା, ପୂଜା ଆଉ ହରିବୋଲରେ
ପାର୍ଲିଆମେଣ୍ଟରୁ ବାହାରୁଥିବା ବଜେଟ୍‌ର ଧମକରେ
ନୂଆ ନୂଆ ନାନୋ କାର ଚଲାଇବାର ଚମକରେ
ଦେଢ଼ଶହ ଟଙ୍କା ଦେଇ ମାଛ ମୁଣ୍ଡ ଖାଇବାରେ
ଧାଡ଼ିରେ ଠିଆ ହୋଇ ସିନେମା ଟିକେଟ୍ ପାଇବାରେ
ବିସ୍କୁଟ ଦେଇ ପୁଅର ସ୍କୁଲ୍ ଟିଫିନ୍ ବାକ୍‌ସରେ
ଦିନୁ ଦିନ ବଢୁଥିବା ସ୍କୁଲ୍ ଫିଜ୍ ଟାକ୍‌ସରେ
ରାସ୍ତାରେ ଯାଉଥିବା ଅଭଦ୍ର ଟୋକାଙ୍କ କମେଣ୍ଟରେ
ଆଶା ବାନ୍ଧି ମୁଣ୍ଡ ପିଟା ମନ୍ଦିର ପାହାଚର ସିମେଣ୍ଟରେ
ରେଷ୍ଟୁରାଣ୍ଟରେ ଡ଼ିନର୍ କହି ରାସ୍ତାକଡ଼ ହୋଟେଲ୍‌ରେ
ଥ୍ରୀ ଷ୍ଟାର୍ ରାତ୍ରୀ ଯାପନ ପାଏ ଶସ୍ତା ମୋଟେଲ୍‌ରେ
ସୁନା ରେଟ୍ ଶୁଣିଦେଇ ଇମିଟେସନ୍ କିଣିବାରେ
ଡ଼ାଇମଣ୍ଡ ବଦଳରେ ଫୁଲ ଦେଇ ମନ ଜିଣିବାରେ
ଆଖିରେ ଆଖିଏ ସ୍ୱପ୍ନକୁ ଲୁଚେଇ ହସିବାରେ
ଅନ୍ଧାର ରାତିରେ ବସି କାଲି ପାଇଁ ହିସାବ କସିବାରେ
ମାସ ଶେଷ ହେବା ପୂର୍ବରୁ ଆକାଉଣ୍ଟ୍ ଖାଲି କରିବାରେ
ପଖାଳ ଖାଇ ନିଶରେ ଘିଅ ଲଗାଇ ବୁଲିବାରେ
ସାହି ପଡ଼ିଶାରେ ଅପମାନିତ ହେବା ଆଶଙ୍କା କରିବାରେ
ଘର ଭଡ଼ା, ଇଲେକ୍ଟ୍ରି ବିଲ୍, ପେଟ୍ରୋଲ୍ ରେଟ୍‌କୁ ଡ଼ରିବାରେ
ମଧ୍ୟମବର୍ଗ ସେହି ଯିଏ ଫସି ଯାଏ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ମୋ ପାଇଁ ଲେଖନ୍ତ ନି କବିତା ଟିଏ

ଜୁଲୀ ବେହେରା

ଏମିତି ଥରେ କହୁ କହୁ କହିଦେଲି
ଏତେ ତ କବିତା ଲେଖୁଛ
ଜହ୍ନ ତାରା ,ଆକାଶ ପାହାଡ
ଏଇ ନିର୍ଜିବ ଜଗତ କୁ ନେଇ
ମୋ ପାଇଁ ବି ଥରେ ଲେଖନ୍ତ ନି କବିତା ଟିଏ....
ମୋ ସଜ୍ଜଳ କଜ୍ଜଳ ଆଖି କୁ ନେଇ
ମୋ ଗୋଲାପ ପାଖୁଡା ପରି ଓଠ କୁ ନେଇ
ମୋ ରୁଣୁଝୁଣୁ ପାଉଁଜି କୁ ନେଇ
କି ମୋ ହାତ ର କଙ୍କଣ କୁ ନେଇ
ଯଦି ନଲେଖି ପାରିଲ ମତେ ନେଇ କବିତା ଟିଏ
କଣ ବା ଲାଭ ମୋର ସ୍ୱାମୀ ଭାବେ ଜଣେ କବି ଙ୍କୁ ପାଇ ?
ତମେ ବି ଚିଡେଇବାକୁ ଯାଇ କହିଦେଲ
ତମେ କଣ ନଈ ନା ଝରଣା
ଜହ୍ନ ନା ଜୋଛନା ନା ମୋର ପ୍ରେମିକା ଯେ
ତମ କୁ ନେଇ ଲେଖିବି ମୁଁ କବିତା...........?

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ହେଲେ ବୁଝିପାରୁନି ଆଜି.... କାହିଁ
କାଗଜ କଲମ ଧରି ବସିଯାଇଛ ମୋ ପାଖେ ?
ଚିତ୍ରକର ଟେ ପରି ପ୍ରତିଥର ମୋ ମୁହଁ କୁ ଚାହିଁ
ଗାରେଇ ଦେଉଛ କଣ ଦି'ପଦ ତମ କାଗଜ ରେ
ଆଜି ତ ମୁଁ କହିନଥିଲି ମୋ ପାଇଁ କବିତା ଟେ ଲେଖ ବୋଲି
ତେବେ....... ?

କେଜାଣି କଣ ଲେଖୁଥିବ ତମେ ?
ମୋ ଆଖି ମୋ ଓଠ ର ବର୍ଣ୍ଣନା କରୁଥିବ କି
ମନରେ ଥିବା କିଛି ରାଗ କୁ କବିତା ର ରୂପ ଦେଉଥିବ ?
ମୋର ନିନ୍ଦା ହେଉ କି ପ୍ରସଂଶା ଜାଣିଛି ତୁମେ ଯାହା ବି ଲେଖିଥିବ
ତମ କୁ କିନ୍ତୁ ମିଳିଯିବ ଖୁବ ପ୍ରସଂଶା ,ଖୁବ ବାଃ ବାଃ ......
ମୁଁ ଯାହା ଖାଲି ଏଠି ଛଟପଟ ହେଉଥିବି ଦେଖିବାକୁ ,ହେଲେ ପାରୁନଥିବି ଦେଖି
କେମିତି ଦେଖିବି କହିଲ ମୋର କି ଆଉ ବଳ ଅଛି
ମଜବୁତ ଏ କାଚ ଫ୍ରେମ କୁ ଭାଙ୍ଗି ,ତୁମେ ଦେଇଥିବା
ଫୁଲ ମାଳ ଟା ବେକରୁ କାଢି
ପହଞ୍ଚି ପାରିବି ତୁମ ଡାଏରୀ ପାଖରେ ........... ?
ଜାଣି ନଥିଲି ତୁମ କବିତା ରେ ସ୍ଥାନ ପାଇବାକୁ ହେଲେ
ମତେ ବି ପାଲଟିବାକୁ ହେବ ଆକାଶ,
ପାହାଡ ଜହ୍ନ ତାରା ପରି ନିର୍ଜିବ ବସ୍ତୁ ଟେ.................

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

# ନାଁ ଅଟେ ଯା'ର ଉତ୍କଳ



ଜୂଲୀ ବେହେରା

ପ୍ରତିଦିନ ଯହିଁ ସୂର୍ଯ୍ୟ ଆସେ ଉଇଁ ...
କୋଣାର୍କ ର ମଥା ଛୁଇଁବା ପାଇଁ
ସେଇ ମାଟି ର ସନ୍ତାନ ଆମେ
ନାଁ ଅଟେ ଯା'ର ଉତ୍କଳ .................

ଜଗନ୍ନାଥ ପରା ଦିଅଁ ଅଛନ୍ତି ଯହିଁ
ଭକ୍ତ ର ଦୁଃଖ ଦେଖିବା ପାଇଁ
ସେଇ ମାଟିର ସନ୍ତାନ ଆମେ
ନାଁ ଅଟେ ଯା'ର ଉତ୍କଳ .........................

ଯେଉଁ ଓଡିଶୀ ନୃତ୍ୟ ର ପ୍ରତିଟି ମୁଦ୍ରା ରେ
ବିଭୋର ହୁଏ ସାରା ଜଗତ
ସେଇ ମାଟିର ସନ୍ତାନ ଆମେ
ନାଁ ଅଟେ ଯା'ର ଉତ୍କଳ .................

ଯହିଁ ଜଙ୍ଗଲ ପାହାଡ ଯାଅନ୍ତି ନାଚି
ଶୁଣି ନଈ ,ଝରଣା ର ମଧୁର ଗୀତି
ସେଇ ମାଟି ର ସନ୍ତାନ ଆମେ
ନାଁ ଅଟେ ଯା'ର ଉତ୍କଳ .................

ଯେଉଁ ନୀଳାମ୍ବୁ ଚିଲିକା ର
ଚିତ୍ରପଟ ରେ ହଜି ଯାଉଥାଏ ପର୍ଯ୍ୟଟକ
ସେଇ ମାଟି ର ସନ୍ତାନ ଆମେ
ନାଁ ଅଟେ ଯା'ର ଉତ୍କଳ .................

ଯେଉଁ ମାଟି ର କଳା ସ୍ଥାପତ୍ୟ ରେ
ମୁଗ୍ଧ ହୋଇଉଠେ ଦର୍ଶକ ପ୍ରାଣ
ସେଇ ମାଟି ର ସନ୍ତାନ ଆମେ
ନାଁ ଅଟେ ଯା'ର ଉତ୍କଳ .................

ଯେଉଁ ମାଟିର ମହାପୁରୁ ମାନେ
ସ୍ଵାଧୀନତା ପାଇଁ
ଢାଳିଦେଇଗଲେ ନିଜ ଦେହ ର ରକ୍ତ
ସେଇ ମାଟି ର ସନ୍ତାନ ଆମେ
ନାଁ ଅଟେ ଯା'ର ଉତ୍କଳ .................

ଏଇ ଉତ୍କଳ ମାଟି ରେ ନେଇ ଜନମ
ଧନ୍ୟ ହୋଇଲା ଜୀବନ ଆମ
ତା ଯଶ କିର୍ତୀ କୁ କାନ୍ଧରେ ବୋହି
ରହିଥିବୁ ଆମେ ସଦା ଗର୍ବିତ............
ରହିଥିବୁ ଆମେ ସଦା ଗର୍ବିତ............

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ସୁଧୀର ନାୟକ

ସୀମିତ ଏ ଖେଳର ଦୁନିଆ
ଏକ୍ଷୁଡ଼ିରୁ ଜୁଇ ଦୁଇ ନିଆଁ
ନିଃଶ୍ୱାସକୁ ନଥାଏ ବିଶ୍ୱାସ
ଅହରହ ଚାଲିଥାଏ ଦିନ ମାସ ବର୍ଷ ॥

କେହି କିଛି ଆଣିନାହିଁ
କିଛି କେହି ନିଏ ନାହିଁ ଧରି
କେତେ କାଳର ରହଣୀ
ଗଲେ ଚାଲି ଆସେ ନାହିଁ ଫେରି
ସୁଖ ଦୁଃଖ ହସ କାନ୍ଦ
ଖେଳ ଖେଳି ହସିଥାଏ କାଳ
ସମୟର ତତଲା ବାଲିରେ
ପାଦ ଥାପି ଚାଲିବାର ବେଳ

ଏ ଜୀବନ ଚାହୁଁ ଚାହୁଁ
ଆସୁଥାଏ ସରି
ବୟସ ବି ବାଢୁଥାଏ
ମୃତ୍ୟୁର କାଲ ପାଖେଇଲା ପରି

ସମୟର ବେଳାଭୂମିରେ ଚାଲୁ ଚାଲୁ
ରହିଯାଏ କେତେ ଯେ ପାଦ ଚିହ୍ନ
ଲିଭେ ନାହିଁ ତାହା କେବେ ସମୟ ବାଲିରୁ
ଦୁନିଆରେ ସ୍ମୃତି ହୋଇ ରହେ ବର୍ଷମାସ ଦିନ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ରାମ ଚନ୍ଦ୍ର ସାହୁ

# ଶୂନ୍ୟ ଦେଉଳ

ବର୍ଷସାରା ତୁମ
ମନକୁ ନେଇ ଆଶା ବାନ୍ଧେ ଆଉ
ପ୍ରତିମା ଗଢ଼େ
ପ୍ରତିମା ଗଢୁ ଗଢୁ
ବାରମାସ କଟିଯାଏ ସିନା
ହେଲେ ତମକୁ ତ ଗଢ଼ି ହୁଏ ନି
ବରଂ ତୁମ ଛାୟାର ଆଶକ୍ତିରେ
ଇନ୍ଦ୍ରିୟମାନେ ଜୀବନ ମାଗନ୍ତି
ଅତି ସନ୍ତର୍ପଣରେ
ତମ ସାମନାରେ ॥

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ସ୍ୱପ୍ନଲତା ମିଶ୍ର

# ନିରବତାର ସ୍ୱର

ତୁମେ ଜୋତାର ଫିତା ବାନ୍ଧୁଥିଲ
ମୁଁ ଚାହିଁଥିଲି ତୁମ ପାଦକୁ
ବାରମ୍ବାର ଖୋଲୁଥିଲ
ବାରମ୍ବାର ବାନ୍ଧୁଥିଲ
ମନେ ମନେ ପଚାରୁଥିଲି
ନ ଗଲେ ହୁଅନ୍ତା ନି,
ଯିବା କ'ଣ ନିହାତି ଦରକାର...
ତୁମ ନିରବତା
କହିବ କହିବ ହେଇ
କହିଦେଲା..
ଏଠି ଥାଇ ବି
ଯିଏ ଏଠି ନାହିଁ
ତା'କୁ ବାନ୍ଧି ରଖି
କେଉଁ ପ୍ରପିତ୍ର ତୃପ୍ତି
ପାଇବୁ ତୁ...
ମନେ ପଡ଼ିଗଲା,
ସତରେ ତ
ଏଇ କିଛି କ୍ଷଣ ତଳେ
ତୁମକୁ ଛୁଇଁବାକୁ ଯାଇ

ମୁଁ ଛୁଇଁଥିଲି ମୁଠାଏ ଶୂନ୍ୟତା
ଏକ ଅନାହୁତ ଶୀତଳତା
ଭିଜେଇ ଦେଉଥିଲା
ମୋର ସମଗ୍ର ସତ୍ତା...
ଦେହ ଥିଲା, ଦହନ ନଥିଲା
ତେବେ କଣ ସତରେ ତୁମେ
ଯାଇ ସାରିଥିଲ ଅନେକ ଆଗରୁ
ଏମିତି କଣ ଯାଇହୁଏ...
ସବୁ କିଛି ଛାଡ଼ି ଛୁଡ଼ି ଦେଇ
ମୁଁ ତୁମକୁ ଚାହିଁଲି...
ନୀରବତା କହିଦେଲା
ଫେରି ଆସିବାପାଇଁ ତ ଯିବାକୁ ହୁଏ...
ସେଠି ଥାଇ, ଏଠି ଥାଏ
ଏଠି ଥାଇ, ସେଠି ଥାଏ
ସବୁଠି ଥାଏ ପୁଣି କୋଉଠି ନଥାଏ
ନା ରହି ହୁଏ ନା ଯାଇ ହୁଏ
ତଥାପି ପ୍ରବାସୀକୁ ଯିବାକୁ ହିଁ ହୁଏ...
ଜୋତାରଅ ଫିତା ବାହାନାରେ
ଆଉଥରେ ଫେରିବାର
ସ୍ୱପ୍ନଟିଏ
ବାରମ୍ବାର ମନ ବାନ୍ଧୁଥାଏ...
ତୁମ ହାତ ମୋ ମଥା ଆଉଁସିଲା

ଏ ଆଖିରୁ ଦୁଇଟୋପା ଲୁହ ଆପେ ଝରିଗଲା..
ନୀରବତା ଆଉଥରେ କାନରେ କହିଲା
ହସ ଟିକେ ଦେ...
ପ୍ରବାସୀ ସେ, ତା ମୁହଁରେ ହସ ଟିକେ ଥାଉ !
ହସିବାର ପ୍ରୟାସ କରିଲି,
ତୁମ ହସର ଚମକ ଦେଖି
ମୁଁ ଚମକି ପଡ଼ିଲି...
ନୀରବତା ଆସ୍ତେ କହିଲା
ବିଦାୟର ବେଳ ଆସିଗଲା
ତୁମେ ଜୋତାର ଫିତା ବାନ୍ଧି ସାରିଥିଲ !!!

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ହେମଲତା ସାହୁ

ବସନ୍ତ ଆସେ ବୋଲି, ଗାଁ ଦାଣ୍ଡର ଧୂଳି ବି
ଅଲଗା ବାସେ, ଚଇତି ପବନ...
ଚିର ଚଇତାଳି ମନ ଆନମନା ହୁଏ,
ମା ମଙ୍ଗଳା ପିଢ଼ାରେ କିଛି ଝୁମୁରି ଝୁମୁରି,
ଝଙ୍କୃତ ହୁଅ,
ବସନ୍ତ ଆସେ ବୋଲି ମା ମୋର ବାସନ୍ତୀ ପାଟ ପିନ୍ଧି
ଓଠ ଚାପି ଚାପି ହସେ,
ନିଦାଘ ଗ୍ରୀଷ୍ମର ବସନ୍ତର
ସ୍ୱର୍ଶ ସଭିଙ୍କୁ ତୃପ୍ତ କରାଏ,
ଆସ ବସନ୍ତ ତୁମ ପାଇଁ
ସଭିଏଁ ଅପେକ୍ଷିତ... ତୁମର ସ୍ୱାଗତ ॥

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ବବି ଅନସୂୟା

ଆଜି ମୁଁ ଜଳୁଛି...
ଅନୁତାପର ଜ୍ୱାଳାରେ
ଜାଣି ମୁଁ ପାରୁନି
ଭୁଲ୍ ନ କରି ବି ଦୋଷ କେଉଁଥିରେ...

ଦୁନିଆକୁ ବୋଧେ ଭଲ ଲାଗେ
ଅପରାଧି କରି ସଜେଇବା ପାଇଁ
କେହି ଖୁଶି ହେଲେ ତା ଓଠରୁ
ହସ ଛଡ଼େଇନେବା ପାଇଁ

କଠିନ ଲାଗେ ମୋତେ ରାସ୍ତା ଏଠି
ଚାଲିବାଉ ହେଉଛି ମୁନିଆ ପଥରରେ
ଭ୍ରୂକ୍ଷେପ ନାହିଁ ମୋ ତା ପ୍ରତି
ଚାଲିଥିବା ଶେଷ ରକ୍ତ ବିନ୍ଦୁ ଯାଏଁ...

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ସୌମ୍ୟ ରଞ୍ଜନ

ସପନ ର ରାଇଜ ରେ ମନ ଗୋଟେ ଚଢେଇ
ସେ ଚଢେଇ ଧିରେ ଧିରେ ନିଦ ନେଲା ଛଡେଇ
ନିଦରୁ ଉଠିଲା ପରେ ଆଖି ତତେ ଖୋଜିଲା
ଖୋଜି ଖୋଜି ନିରୋଳ ରେ ତୋ ପାଖରେ ବସିଲା
ବସି ବସି ତୋ କଣ ରେ କହି ଦେଇ ଗଲା
ପ୍ରେମର ଫଗୁଣ ମତେ ଛୁଇଁଲ

ଜୀବନରେ ଆସିଥିଲୁ ପରି ଟିଏ ହୋଇ
ଧିରେ ଧିରେ ସପନ କୁ ଦେଲୁ ତୁ ରଂଗେଇ
ମିଠା ମିଠା ସୁରରେ ନିଦ ଦେଲୁ ହଜେଇ
ତୋ ମିଠ ସୁରରେ ହୃଦୟ ମୋ ହେଇଗଲା ସୁରିଲା
ପ୍ରେମର ଫଗୁଣ ମତେ ଛୁଇଁଲା

ଭଲ ପାଇବାର ମାନେ ମୁ ଯେ ଜାଣି ତ ନଥିଲି
ତତେ ଭଲ ପାଇ ମୁ ଯେ ପ୍ରେମ ଗୀତ ଲେଖିଲି
ପ୍ରେମର ଏ ଗୀତ ସତେ କୁହୁକ ଭାରିଲା
ସେ କୁହୁକ ମନ ରେ ମୋ ପ୍ରେମ ଗାର ତନିଲ
ପ୍ରେମର ଫଗୁଣ ମତେ ଛୁଇଁଲା...........

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ପ୍ରଦୀପ ପଣ୍ଡା

# ସୃଷ୍ଟି

ଏକ ବିରାଟ କାୟ
କଳା ମିଚମିଚ ମୁଗୁନି ପଥରଖଣ୍ଡ ରେ
ବନ୍ଦୀ ମୋର ଶରୀର ଓ ଆତ୍ମା
ପଡି ରହିଛି ସେଇମିତି କଳ୍ପ କଳ୍ପାନ୍ତର ରୁ
ଅପେକ୍ଷାରେ ........
କେବେ ଆସିବ ମୋ ମୁକ୍ତିଦାତା
ଜୀବନ ସଞ୍ଚାରୀ ଦେବ ମୋ ଭିତରେ
ତାର ହାତୁଡି ଆଉ ନିହାଣ ମୁନରେ ....
କେବେ ମୁକ୍ତ ହବ ମୋର ସୁକୋମଳ ତନୁ
ଆଉ ମୋ ଶରୀର ର
କୋଉ ନିଭୃତ କୋଣ ରେ
ବଞ୍ଚି ରହି ଥିବା
ବନ୍ଦୀ ସେଇ ଜୀବନ ସତ୍ତାଟି ....

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ପ୍ରତୀକ୍ଷା ଜେନା


ରାସ୍ତା ଚାଲୁଛି,
ତୋ ପାଦ ଚିହ୍ନ ଚିହ୍ନି ଚିହ୍ନି;
ଯେମିତି ତୁ ମୋର ପ୍ରତିବିମ୍ବ
ମୋ ଜୀବନର ପ୍ରତିଟି ପୃଷ୍ଠାରେ
ପ୍ରତିଫଳିତ ତୋ ହସ, କାନ୍ଦ';
ଏତେ ପରେ ବି କାହିଁ ମୁଁ ମା ଟିଏ
ହୋଇପାରେ ???
ସକାଳରୁ ରାତି ର ବିଛଣା ଯାଏଁ
ସବୁଠି ମୋ କର୍ତ୍ତବ୍ୟବୋଧର
ଅବହେଳା
ମୋ ଅନୁଶାସନର ଦୁର୍ବଳତା
ପୁଣି, ଅମ୍ଳାନ ମମତାର
ଦୃଢ଼ ମାନସିକତା
ସବୁଠି ହାର୍ ମାନେ
ସବୁଠି ଭୁଲ୍ ହୋଇଯାଏ...
ତୋ ପରି ସ୍ନେହରେ ନା ଭିଜେଇପାରେ
ନା ଗୀତ ଗାଇ ଗାଇ
ମଥା ଥାପିପାରେ ???
ଖାଲିଯାହା ପାଦଚିହ୍ନରେ ପାଦ ରଖି
ଡ଼େଇଁ ଡ଼େଇଁ ରାସ୍ତା ପାର ହୁଏ,
ନହେଲେ ମୁଁ
ମା ଟିଏ କୋଉଠି ହୋଇପାରେ...

ନା ଶଙ୍ଖା, ସିନ୍ଦୁର ପୁଣି
ପ୍ରତିଜ୍ଞାରେ ସଜା ସ୍ତ୍ରୀ ହୋଇପାରେ???
ସବୁ ଅନାବନା, ଅସଜଡ଼ା ସୂତାପରି,
ଗୋଳେଇ ଘାଣ୍ଟି ହୁଏ ।
କୋଉଠି ମୁଁ ସ୍ୱାମୀର ଶୋଇବା ପରେ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ଶୋଇପାରେ, ସ୍ୱାମୀର ଉଠିବା ଆଗରୁ
ଉଠିପାରେ,
କୋଉଠି ମୁଁ ସବୁ ହଁ ' ରେ
ହଁ ଭରିପାରେ ???
ବେଳେ ବେଳେ ଗଣିଥିବା
ସବୁ ତାରା ହଜିଯାଏ,
ଭୁଲ୍ ହୁଏ ପ୍ରତିଟି ହିସାବ...
ମୋ ଘରର କବାଟ ଝରକା
ମୋ ଅଗଣାର ଯେତେ ଫୁଲ ଗଛ
ତୋ ପରି ଧୌର୍ଯ୍ୟ ବି କାହିଁ ଯେ
ଆଉଥରେ ଗଣିବି...
ତଥାପି ମୁଁ
ଅସୁମାରି ଆଶା ର ସ୍ୱପ୍ନ ରେଣୁ
ବୁଣେ,
ତଥାପି ମୁଁ ଚାଲିଛି ଓ
ଚାଲୁଥିବି ଶେଷ ବତୀଖୁଣ୍ଟ
ଯାଏ...
ମା,
ମୁଁ ବି ନାରୀଟିଏ...
ତୋ ପରି, ଠିକ୍ ତୋ ଛାଇ
ପରି,
ଝରୁଥିବି, ଝୁରୁଥିବି
କଥା ତ ଦେଇଛି ସେ ଜନ୍ମ ମୁହୂର୍ତ୍ତରୁ
ଅଦୃଶ୍ୟ ସ୍ରଷ୍ଟାକୁ ମୋର
ମାଟିର ପିତୁଳାରେ ଯିଏ
ପ୍ରାଣ ଭରି, ନାରୀ ବୋଲି
ନାଁ ଦେଇଥାଏ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ଅକ୍ଷୟ ରାଉତ

ପବିତ୍ର ମହିଳା ଦିବସ ଉପଲକ୍ଷେ ସମସ୍ତ ନାରୀ ସମାଜକୁ ସାଦର ଅଭିନନ୍ଦନ

ନାରୀ – ଯେ ପୁରୁଷ ସମାଜକୁ ନର୍କରୁ ଉଦ୍ଧାର କରେ

ନାରୀ – ଯେ ମଦ ଠାରୁ ଅଧିକ ଉନ୍ମାଦନା ଭରି ଦିଏ

ନାରୀ – ଯେ ସୃଷ୍ଟିକାରିଣୀ ଓ ସଂହାର କାରିଣୀ

ନାରୀ – ଯାହା ଲାଗି ଆମେ ଏ ଧରିତ୍ରୀ ପୃଷ୍ଠରେ ବିଦ୍ୟମାନ

ନାରୀ – ଯାହାର ପୂଜା ଯୁଗେ ଯୁଗେ

ନାରୀ – ଗାର୍ଗୀ, ଲୋପାମୁଦ୍ରା, ଘୋଷା, ସୁଲଭା ଭଳି ନାରୀମାନେ ନିଜର ଅବଦାନ ପଣେ ଯୁଗେ ଯୁଗେ ଅମର

ନାରୀ – ଭାରତ ମା'ର କୋଳରେ ଯିଏ, ମା' ସୀତା, ସତ୍ୟଭାମା, ସାବିତ୍ରୀ ଓ ସତୀ ଅନୁସୂୟା ରୂପେ ବିଦ୍ୟମାନ...

ନାରୀ – ରାଣୀ ଲକ୍ଷ୍ମୀବାଇ ଭଳି ନାରୀମାନେ ନିଜର ଦେଶପ୍ରେମ, ସାହସିକତା ଓ ପ୍ରଜାବତ୍ସଳତା ର ଏକ ନିଆରା ଉଦାହରଣ

ସମୟ ଆସିଛି ସେଇ ନାରୀକୁ ସୁପ୍ତ ଅବସ୍ଥାରୁ ପୁଣି ଥରେ ଜାଗ୍ରତ ହେବାକୁ ହେବ, ଦେଖାଇବାକୁ ହେବ, ତା'ର ମହନୀୟତା, ଦେଖାଇବାକୁ ହେବ ତା'ର ନିଷ୍ଠାପରତା, ଦେଖାଇବାକୁ ହେବ ତା'ର ସହନଶୀଳତା, ତା'ର ତ୍ୟାଗ ଓ ବଳିଦାନ ଓ ସମାଜ ପ୍ରତି ତା'ର କର୍ତ୍ତବ୍ୟ କୁ...

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ପୁନମ୍ ଚୌଧୁରୀ

( ପ୍ରଥମ କବିତା )

କେମିତି କହିବି ମନ କଥା ମୋର,
ତୁ ଏକ ଅବୁଝା ନଈ,
ବହିଯାଉଥାଉ ଅମାନିଆ ହୋଇ ॥
ତୁ ବି ଜାଣିଛୁ ମୁଁ ବି ଜାଣିଛି
ଭଲ ମୁଁ ପାଉଛି ତୋତେ,
ଭଲ ପାଇବାକୁ ମାପି ହୁଏ ନାହିଁ
କେମିତି କହିବି ତୋତେ...

( ଦ୍ୱିତୀୟ କବିତା )

ପ୍ରେମ କରି ଯଦି ମରିବାକୁ ହୁଏ,
ତ୍ୟାଗ କରି ଯଦି ଜଳିବାକୁ ହୁଏ,
ସ୍ୱପ୍ନ ଦେଖି ଯଦି ଭାଙ୍ଗିବାକୁ ହୁଏ,
ଏକା ଏକା ଯଦି ବଞ୍ଚିବାକୁ ହୁଏ,
ତେବେ ମୁଁ କହିବି,
'ହଁ ମୁଁ ତୁମକୁ ଭଲପାଏ' ॥ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ଉର୍ମିଳା ମିଶ୍ର

# ନିରବତାର ସ୍ୱର

(ମୋ ସ୍ୱାମୀଙ୍କ ଉଦ୍ଦେଶ୍ୟରେ)
ମୁଁ ଜାଣିଛି ତୁମେ
ଆସିବ ଆଉ ତୁମ
ପ୍ରତୀକ୍ଷିତ ଆଖି ଦୁଇଟା
ବୁଲେଇ ନେବ ଗୋଟେ ମୁହୂର୍ତ୍ତରେ
ମୋ ଉପରେ
ତା ପରେ ସବୁ ପୁଣି
ଚୁପ୍ ଚାପ୍... ଫୋନ୍‌ରେ
ସେ ସବୁ ପ୍ରଗଲ୍ଭ କଥା
ଗାମ୍ଭୀର୍ଯ୍ୟର ରୂପ ନେବ
ତୁମେ ବହୁତ୍ କିଛି କହିବାକୁ
ଚାହିଁ ବି କହି ପାରିବନି
ଏମିତି ତ ତୁମେ ସବୁ ବେଳେ
କର ଯେତେବେଳେ
ବାହାରକୁ ଯାଅ... ତୁମ
ପ୍ରଶ୍ନବାଚୀ ଆଖି
କିନ୍ତୁ ବାରମ୍ବାର ମୋ ଉପରେ
ଘୁରୁଥାଏ ଏବଂ
ଏତେ ଦିନ ବିଚ୍ଛେଦର
ପାଉଣା ସବୁକୁ
ସୁଧ ମୂଳ କରି
କଷୁଥାଏ... ମୁଁ ବି ବହୁତ
କିଛି କହିବି ବୋଲି
ଭାବେ ଆଉ କିଛି

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ବି କହିପାରେନି.. ମୁଁ
କିନ୍ତୁ ଦେଖିପାରେ
ମୋ ବିଚ୍ଛେଦର କଷ୍ଟ
ତୁମ ଆଖିରେ,
ତୁମ ଭଲପାଇବାର
ବଳୟ ଭିତରେ
ନିଜକୁ ହଜାଇ ଦେବାକୁ
ଚେଷ୍ଟା କରେ
ମୋ ମନକୁ ତୁମ
ପାଖେ ଖୋଲି ଦେବାକୁ
ଅନେକ ଭାବେ
କିନ୍ତୁ କିଛି ବି କରି ପାରେନି
ସେଇଟା ହୁଏତ ମୋ ପ୍ରକୃତି
ଭଗବାନ୍ ଦତ୍ତ
କିମ୍ବା
ଏମିତି ହୋଇପାରେ
ପ୍ରେମର ଗଭୀରତ୍ୱ
ଭିତରେ ନିରବତା ହିଁ
ସବୁ କିଛି କହିଦିଏ...

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ବିଭୂତି ରଥ

# ପ୍ରିୟା ମୋର ମନେ ପଡ଼େ...

(ଦୟାକରି ଗୀତ ରୂପେ ପାଠ କରନ୍ତୁ, କବିତା ନୁହେଁ)
ଖରା ଦିନିଆ ପବନ
ମୋ ଦେହକୁ ଛୁଇଁ ଦେଲେ
ମୋ ପ୍ରିୟା ମନେ ପଡ଼େ
ଯେତେ ବି କଷ୍ଟ ହେଲେ,...
ମୁଁ ଭାବିଯାଏ,.. ମୁଁ ଭାବିଯାଏ...
ପ୍ରିୟା ମୋର ଦେଖିନିଏ
ମୋ ଆଖିରେ,
ଥରେ ଥରେ ଏମିତି ହୁଏ
ପ୍ରିୟା ମୋର ମନେ ପଡ଼େ
ଲାଗେ ମତେ,
ହାତ ଠାରି ସେ ଡ଼ାକି ଦିଏ
ଖରା ଦିନିଆ ପବନରେ
ପ୍ରିୟା ମୋର ଲୁଚିଥାଏ
ଦେଖା ହୁଏ ତା ସାଥେ
ସବୁଦିନ ସବୁ ରାସ୍ତାରେ...

ପ୍ରିୟା ମୋର ମନେ ପଡ଼େ
ଦେଖିଲେ ଝିଅଙ୍କୁ

ତା'ଭଳି କାହାକୁ
କେଉଁଠି କେତେବେଳେ
ପ୍ରିୟା ମୋର ଡ଼ାକିନିଏ
ସେ ଝିଅ ପଛରେ
ମୁଁ ଫେରିଲେ ପ୍ରିୟା ପାଖକୁ
ମନେ ପଡ଼େ ମୋର
ମୁଁ କିଏ କେଉଁଠି ଅଛି ରାସ୍ତାରେ
ପ୍ରିୟା ମୋର ମନେ ପଡ଼େ
ଭାବିନିଏ ମୁଁ ମୋ ପ୍ରିୟା କୁ
ଯେତେ ବି କଷ୍ଟ ହେଲେ
ଦେଖିନିଏ ତାକୁ, ତା' ମୁହଁକୁ
ଆଖିରୁ ଲୁହ ବି ତଳେ ପଡ଼ିଲେ
ପ୍ରିୟା ମୋର ଏକି କଲ
ଭଲ ପାଇ ମୋତେ ତୁମେ ଭୁଲିଗଲ... ଭୁଲିଗଲ...

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ଆଶୁ ନାୟକ

( ପ୍ରଥମ କବିତା )

ସୁନେଲି ସୂରୁଜ କିରଣ ଗୋ ଆଜି
ହସି ଉଠେ ନାହିଁ ଫୁଲମାନେ
ବିଜନତା ଆଜି ବିଜନ ବନେ,
ସେଇ ବିଜନଗୋ ବନର ପ୍ରାନ୍ତେ
ମୋହ ପ୍ରିୟାର କତିରେ ନିତି
ସନ୍ଧ୍ୟାରେ ମୁହିଁ, ପ୍ରତି ସନ୍ଧ୍ୟାରେ,
ଢ଼ାଳିଦିଏ ତହିଁ କେତେ ପୀରତି,
ପରାଣ କେତେ ବେଦନା ରାଜି ଗୋ ବିଷାଦ ଭରେ,
କେତେ ଲୁହ ନିତି ଦିଏ ଢ଼ାଳି ସେଇ ସମାଧି ପରେ...
ନିତି ନିତି କେତେ ଅଶ୍ରୁ ଗଡ଼ାଏ ପ୍ରିୟତମା ର ସ୍ମୃତି ପାଇଁ.....

( ଦ୍ୱିତୀୟ କବିତା )

ଦିନେ ମୋ ଶ୍ରୀମତି କହିଲେ ଆକଟି, ନ ଲେଖିବା ପାଇଁ କବିତା,
କାଗଜ କଲମ ଧରି ବସିଗଲେ, ମୁଁ କାଳେ ଭୁଲିଯାଏ ସଂସାରର କଥା,
ଘର ପରିବାରେ ନାହିଁ ତୁମ ମନ, ଦି ଦିନ ହେଲାଣି ସରିଛି ଘରେ ଲୁଣ,
ଘର ବୁଡ଼ି ଆଣ୍ଠୁଏ ହେଲାଣି, ବୁଝୁ ନାହିଁ ତୁମ କବିର ମନ ?

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

( ତୃତୀୟ କବିତା )

ବନ୍ଧୁ ତୁମେ ମୋର ଅତି ଆପଣାର,
ସଖା ତୁମେ ମୋ ଅବୁଝା ପଣର,
ପ୍ରେମିକା ମୋ ଏକାକି ମନର,
ତୁମ ବିନା ଅସମ୍ପୂର୍ଣ୍ଣ ଏଇ ଜୀବନ ମୋର
'ମୁଁ ତୁମର' ଭାବି ଭାବି ବଞ୍ଚିଥିବି ନିତି
ମୁଁ ତୁମର ଚିରଦିନ ଆହ୍ଲାଦିନି ଶକ୍ତି...

( ଚତୁର୍ଥ କବିତା )

ଜୀବନ ପକ୍ଷୀ ମୋ ଯୌବନ ପକ୍ଷରେ,
ଉଡ଼ିଲା ଯେଉଁଦିନ ଆକାଶ ବକ୍ଷରେ,
ଖୋଜିଲା ନୀଡ଼ କେଉ ରଚିବ,
ଚାହିଁଲା ସାଥୀ ତାର ବାଛିବ,
ନୀଡ଼ ରହିଲା ସେହି ବାଛିଲା ସାଥୀ
ପରାଣେ କେତେ ଆଶା ଜାଗିଲା...
ବୃଥା ଏ ଯୌବନ କେତେ ଆଶାର, ହୀନ
ଜୀବନେ ଉର୍ଦ୍ଧ୍ୱଗତି ନାହିଁକି ?
ଆଶାରେ ସରା ମଣି ସବୁତ ଜାଣିଶୁଣି,
ଏତିକି ଭୁଲ କଲି କାହିଁ କି?

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ହିମାଂଶୁ ପରିଡ଼ା

# ଶବ୍ଦ

ମୋତେ ମାଗିଲା ସେ ଶବ୍ଦ
ମୁଁ କହିଲି ଶବ୍ଦ ଦେବି,
କହିବି ଶବ୍ଦ ର ଭେଦ ।
ସେ କହିଲା ; ମୋର ଦରକାର ଏପରି ଶବ୍ଦ
ଯେ ଶବ୍ଦ ଆଜି ପର୍ଯ୍ୟନ୍ତ ହୋଇ ନ ଥିବ ଉଚ୍ଚାରଣ
କାହାର ଶ୍ରବଣେ ହୋଇ ନ ଥିବ ସେ ଶବ୍ଦ ର ଏ ପର୍ଯ୍ୟନ୍ତ ଗୁଞ୍ଜନ ।
ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଓ ଦ୍ୟାବା ପୃଥିବୀ
କେଉଁଠି ବି ହୋଇ ନ ଥିବ ଏହାର ବର୍ଣ୍ଣନ ,
ହୁଏ ତ ଏହାର ପରିକଳ୍ପନା କେଉଁ କବି କରିନଥିବ
ହୋଇ ନ ଥିବ ଏ ପର୍ଯ୍ୟନ୍ତ ଏହାର ଜନ୍ମ ।
ସେ ଶବ୍ଦ ଅତୀବ ଅନନ୍ୟ
କହି ପାରିବ ଭାବ ର ଗହନ ପ୍ରସଙ୍ଗ ।
ଏତେ ଏତେ ଶବ୍ଦ ଶୁଣି ଲୋକଙ୍କର ଶବ୍ଦ ରେ ଭରସା ତୁଟିଛି
ସମସ୍ତଙ୍କର ଇଚ୍ଛା ଯେ ;
ଏମିତି ଏକ ଶବ୍ଦ ସୃଷ୍ଟି ହେଉ ଯେଉଁ ଶବ୍ଦ ରେ
ଭାବ କୁ ଧରିଲା ଭଳି ଭାଷା ର ସୃଷ୍ଟି ।
ସେ ଶବ୍ଦ ଏମିତି ସୃଷ୍ଟି
ଯାହାର ଶ୍ରବଣେ ଭାବ ର ବୃଷ୍ଟି
ସେ ଭାବ କୁ ପୁଣି ସେ ଶବ୍ଦ ଧାରଣ କରି
ସୃଷ୍ଟି କରେ ସହସ୍ର ଶବ୍ଦ ର ଉତ୍ପତ୍ତି ।
ସେଶବ୍ଦ ରେ ଏଇମିତି ଭାବର ଆରମ୍ଭ
ପୁଣି ଭାବ ସମୁଦ୍ର ହୋଇଥାଏ ଲୀନ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ଭିନ୍ନ କୋଣାରକ

ଅସିତ୍ କୁମାର ପଣ୍ଡା

ମୋ ମାଟି ଭାସ୍କର୍ଯ୍ୟ ଜନ୍ମ ଦେଇଛି କେତେ ଯେ ଧରମା କେତେ ବିଶୁ ମହାରଣା
ନଥିଲା ଏଠାରେ ଆତ୍ମପ୍ରବଞ୍ଚନା ଜୁଲୁମ୍ ଜାହିର, ଛଳନା ବା ପ୍ରତାରଣା ॥
ଦଧିନଉତିର ଚୂଳା ନ ମରିଲା ବଢ଼େଇ ପ୍ରାଣରେ ଉଠେ ମୃତ୍ୟୁଦଣ୍ଡର ଭୟ,
ଅନେକଙ୍କ ପାଇଁ ନିଜ ଆତ୍ମହୁତି, ତ୍ୟାଗ ଓ ଏକତା ଓଡ଼ିଆର ପରିଚୟ ॥
ଜୀବନ ମୂଲ୍ୟରେ ଜୀବନ ପାଇଛି କୋଣାର୍କର ସେ ନିର୍ଜୀବ କଳେବର
ପଥର ଗାଉଚି ପୂର୍ବ କିର୍ତ୍ତୀରାଜି, ଗୌରବ ମଣ୍ଡିତ ଇତିହାସ ଓଡ଼ିଶାର ॥
ବିଶ୍ୱଚକିତ ଦେଖି ଓଡ଼ିଆଙ୍କ ନିହଣ, ହାତୁଡ଼ି ଖେଳ ପାଷାଣ ଦେହରେ
ଭଗ୍ନଶିଳାର ସ୍ତୁପ ପାଲଟିଛି, ତଥାପି ଆଜି ବି ଆଖି ଲାଖେ ସେ ପଥରେ ॥
କଳ୍ପନାରେ ଯିଏ କଳିପାରେ ଥରେ, ପୂର୍ଣ୍ଣ ଅବୟବ ନିଖୁଣ ଏ କୋଣାର୍କକୁ
ଶତଧନ୍ୟ କହେ, ଆହା କି ଉପାୟେ ଏ ମାଟିର ପୁଅ ଗଢ଼ିଲେ ଶିଳାପଦ୍ମକୁ ॥
କେତେ ସପନର, କେତେ କଷଣର ମୂକସାକ୍ଷୀ ସାଜି ନିରବେ ଛିଡ଼ା ସେ ଆଜି
ନିରବେ ଆହ୍ୱାନେ 'ହେ ଓଡ଼ିଆ ଜାତି, ପୂର୍ବ ଐତିହ୍ୟ ମନରୁ ଗଲାକି ହଜି ॥
ଏ ଜାତି ଗଢ଼ିଛି ବିଶ୍ୱପାଇଁ କେତେ ଶ୍ରେଷ୍ଠ ଭାସ୍କର୍ଯ୍ୟ, କଳା ଆଉ କଳାକାର
ହରାଉଛ କିଆଁ ଆତ୍ମବିଶ୍ୱାସ ? ଆଜି ବି ଅନେକ ପ୍ରତିଭା ଏଠି ଦୁନିଆକୁ ଜିଣିବାର ॥
ଜାଗ୍ରତ କର ହୃତ କଉଶଳ, କଳା ଓ ବିଜ୍ଞାନ ପୁଣି ହୋଇଯାଉ ଏକ
ଏକ କରି ଜାତି, ପୁଣି ଉଠ ମାତି, ଗଢ଼ି ତୋଳିବାକୁ ଭିନ୍ନ ଏକ କୋଣାରକ ॥

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ଦିପ୍ତିରଞ୍ଜନବେହେରା

# ରକ୍ତଦାନ

ଆସ ଆସ ସର୍ବେ ଆଜି ଆସ ହେବା ହରି
ଦୀପକାଳେ ଲିଭିଯିବ ହୋଇଯିବ ଡେରି !!

ଜୀବନ ମାଗୁଛି ଭିକ କେଇବୁନ୍ଦା ଜୀଇଁବାର ଯୁ
ପୀଡିତ ବ୍ୟଥିତ ପ୍ରାଣେ କିଛି ନୂଆ ସପନର ଢେଉ ଖେଳିଯାଉ !!

ସଜଫୁଟାଫୁଲ ପରି ପବନରେ ବାସ୍ନା ବୁଣିଦେଇ
ଦାନର ମହିମା ଗାଉଦାନପାଇଁ ମଣିଷକୁ ସଧ୍ୟରେ ଚେତାଇ !!

ଦେଶପାଇଁ ଜାତିପାଇଁ ସୈନିକ ଯେ ରକ୍ତଦିଏ ଢାଳି
ଶ୍ରମିକ କୃଷକ ପୁଣି କେତେ ଫୁଲ କେତେ ପୁଣି କଳି !!

ଅସମର୍ଥ ଅସହାୟ କେତେ କେତେ ପୁଣି ଦିନଦୁଃଖୀ
କେତେ ମା କେତେ ପୁଅ କେତେ କେତେ ଲୁହଭିଜା ଆଖି !!

ଦାନରେ ରହିବ ପ୍ରାଣ ରକତରେ ଥିବ ତୁମନାଆଁ
ସତରେ ରକତଦାନ କି ପବିତ୍ର କି ମହାନ ଆହା !!

ଏ ରକ୍ତ ଗାଇବ ବେଦମାନବ ଓ ମାନବିକତାର
ରକତଦାନରେ ସଦା ଶୁଭୁଥିବ ସୃଷ୍ଟିର ଓଁ କାର !!

ଆହ୍ୱାନ ୱେବ୍ ସାଇଟ୍ : www.aahwaan.com/ebook

ଫେସ୍‌ବୁକ୍‌ରେ ଆହ୍ୱାନ, କଥା ଓ କବିତା, ପ୍ରେମକବିତା, ଆମ ପିଲାଦିନ ଏବଂ ଆହ୍ୱାନ ପୃଷ୍ଠାଭାବରେ ଉପଲବ୍ଧ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ବିନୟ ମୋହନ ଦାସ

# ସମାଜ ଏବେ କଏଦୀ

(ରାଗ – ଚୋଖୀ)

ସମାଜ ଅବସ୍ଥା ଏବେ
କେହି କି ପରଖେ କେବେ
କହିବ କାହାକୁ ଯେବେ
ହେବ ଓଲଟା,
ମୂଳରୁ ଚୂଳ ପର୍ଯ୍ୟନ୍ତ
ସମସ୍ତେ ଯେ ହନ୍ତ ସନ୍ତ
ସଭିଁଙ୍କୁ କର ସ୍ୱାଗତ
ନୁଆଇଁ ମଥା,
ଯଦି ଇଚ୍ଛା ବଞ୍ଚିବା ପାଇଁ
ମୁଣ୍ଡପାତି ସହିଯାଅ ସମସ୍ତ ଭାଇ ।୧।
ଅତୀତର ସ୍ମୃତି ଭୁଲ
କରନାହିଁ ସମତୁଲ
ରାମରାଜ୍ୟ ନାହିଁ ଆଉ
ଆମରି ପାଖେ,
ଅଗାବଗା ରାଜନେତା
କରିଲେ ରାଜ କ୍ଷମତା
ବାହୁବଳେ ନିରନ୍ତର
ରହିଲେ ସୁଖେ,
ନ୍ୟାୟ ଆଉ ଜଗତେ ନାହିଁ
ନ୍ୟାୟ ପାଇଁ ଲଢ଼ି କିଛି ଲାଭ କି ଭାଇ ? ।୨।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ଦେବାକୁ ସ୍ୱାଧୀନ ସ୍ୱାଦ
କେତେ ଯେ ହେଲେ ଶହୀଦ
ଶୃଙ୍ଖଳିତ ମାତୃପାଦ
ମୁକ୍ତ କରିଲେ,
ଉତ୍ସର୍ଗିଲେ ନିଜ ପ୍ରାଣ
କିମ୍ପାଇ ହେଲେ ମହାନ
ଶୂନ୍ୟ ଶବ୍ଦ ଧନ୍ୟ ଧନ୍ୟ
କି ଦେଲା ଫଳ ?
ସ୍ୱପ୍ନ କି ସାକାର ହୋଇଲା ?
ସମାଜକୁ କଳୁଷିତ କଏଦୀ କଲା ।୩।

ଅର୍ଥ ହେଲା ସମୁଜ୍ୱଳ
ମୁର୍ଖ ଲଙ୍ଘେ ଦୁଇ କୂଳ
ବିଦ୍ୱାନୀ ହେଲେ ବିଭସ୍ୱ
ଅଭାବ ଗ୍ରାସେ,
କିଂକର୍ତ୍ତବ୍ୟବିମୂଢ଼ ସେ
ଗ୍ଲାନି ତାକୁ ସଦା ଗ୍ରାସେ
ଦାରିଦ୍ର୍ୟତା ଅତି କୋଷେ
ଦାରୁଣ ବେଶେ,
ଅସ୍ଥିର କରାଏ ଜୀବନ
ମାତ୍ରାଧିକ ବ୍ୟଭିଚାର କରେ ଲୁଣ୍ଠନ ।୪।

ବିନା ଅସ୍ତ୍ରେ ସେ ସୈନିକ
ରଣାଙ୍ଗନେ ପଳାତକ
ସ୍ୱୀକୃତି ତା ପରାଜୟ
ଜିତେ ଅନ୍ୟାୟ,

ସମାଜେ ନାରୀ ଲାଞ୍ଛିତା
ଚରିତ୍ର ତା ଅପହୃତା
ସମ୍ପୂର୍ଣ୍ଣ ସେ ଭୟଭୀତା
ହୁଏ ଅଥୟ,
ଅନ୍ୟାୟୀର ବଢ଼େ ସମ୍ମାନ
ଚକ୍ରବ୍ୟୁହେ ନ୍ୟାୟ ଆଜି କରେ ରୋଦନ ।୫।

ପଇସା ଖେଳୁଛି ଖେଳ
ତା' ସାଙ୍ଗକୁ ବାହୁବଳ
ତୋଷାମଦକାରୀ ସାଥୀ
ଦିଏ ସପକ୍ଷ,
ସମାଜ କାନ୍ଦୁଛି ରକ୍ତ
ନେତ୍ର ଦୁଇ ତା'ର ସିକ୍ତ
ନେହୁରା ହେବ କାହାକୁ
ହାରିଛି ଦକ୍ଷ,
ଜନ୍ମଭୂମି କରୁଛି ଦୁଃଖ
କଏଦୀ ଜୀବନେ କେବେ ଆସିବ ସୁଖ ? ।୬।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ବିଷ୍ଣୁ ପ୍ରସାଦ ଚୌଧୁରୀ

# ଛୋଟ ମୋର ଗାଁଟି...

ସୁଖଦୁଃଖ ଭରା ଗ୍ରାମ ଜୀବନ,
ସଦା ଝୁରିବ ଏ ଉଦାସ ମନ ।
ଗାଁ ଛାଡ଼ି ମୁଁ ସହର ଗଲି,
ସହର ପବନ ପାଇ ସୁଧା କେବେ
ଗାଁର ସ୍ୱାଦକୁ ପାରେନି ଭୁଲି ।
ମନେ ପଡ଼େ ଆଜି ସେହି ଗାଁ କଥା,
ଭାବ ବିହ୍ୱଳ ତା ଜୀବନ ଗାଥା ।
ଗାଁର ଉନ୍ନତି ଦେଶର ମାନ,
କୃଷକ ମାନେ ହିଁ ଗାଁର ଧନ ।
ଗ୍ରୀଷ୍ମଋତୁରେ ସେ ପ୍ରଚଣ୍ଡ ଖରା,
ଫାଟିଯାଏ ସହି ନପାରି ଧରା
ତଥାପି କୃଷକ ସହି ନେଇଯାଏ
ଆଗାମୀ ବର୍ଷାକୁ ଚାହିଁ ରହିଥାଏ ।
ହାଡ଼ ଭଙ୍ଗା ଶୀତ ଭାରି କଠିନ,
କିନ୍ତୁ, ଭାଙ୍ଗିପାରେନା ସେ କୃଷକମନ ।
ସଭିଁ ଯେତେବେଳେ ରେଜେଇ ତଳେ
କମ୍ପୁଥାନ୍ତି ହାଡ଼ଭଙ୍ଗା ଶୀତରେ,
ବଡ଼ି ଭୋରୁ ଉଠି କୃଷକ ଟିଏ,

ଖଟୁଥାଏ ନିଜ ଜମି ଭିତରେ ।
କୃଷକ ଭାଇ ଯେ ଦେଶର ମାନ,
ତେଣୁ କୁହ ଭାଇ, 'ଜୟ କିଷାନ' ।
ସେହିପରି ଥାଏ ମୂଲିଆ ଭାଇ,
ଖରାକୁ ନଡ଼ରି ଯାଏ ସେ ଧାଇଁ ।
ବର୍ଷା ଶୀତ ତାକୁ ଛୁଇଁ ନ ପାରେ,
ତା ସରି କେହି ଯେ ହୋଇନପାରେ ।
ଗାଁରେ ପିଲାଏ ପଢ଼ନ୍ତି ପାଠ,
ଛୋଟ ବିଦ୍ୟାଳୟ ଦେଖାଏ ବାଟ ।
ଗାଁରେ ସମ୍ପର୍କ ଭାରୀ ମଧୁର,
ସମସ୍ତେ ଏଠି ଯେ ସତେ ଆପଣାର ।
ଗାଁ ନଦନଦୀ ଗାଁ ବନାନୀ,
ତାକୁ କେହି କେବେ ଭୁଲିପାରେନି ।
ସବୁଜ ସରସ ପରିବେଶ ତାର,
ଦେଖାଯାଉଥାଏ ଆଖିକୁ ସୁନ୍ଦର ।
ଛୋଟ ମୋର ଗାଁଟି,
ମନ ଭରିଯାଏ ଦୁଃଖ ସରିଯାଏ
ଶୁଣିଲେ ତା'ର ନାଁଟି...

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

# କାହିଁ

ଚିତ୍ତରଞ୍ଜନ ସାମଲ

ଆମ ଗାଁଆର କଳାବାଦଲ୍
ମେଘ ହୋଇ ତୁମ ଗାଁରେ ବରଷି ଯାଏ,
ଆମ ଗାଁର ସୁଲୁସୁଲିଆ ପବନ,
ଆମ ଗାଁ ଛାଡି ତୁମ ଗାଁ ଆଡ଼େ ବହେ,
ବୋଧହୁଏ ମୋ ମନର କଥା
ତୁମକୁ କହିବା ପାଇଁ....

କାହିଁ
ଆମ ଗାଁର ନଦୀର ପାଣି
ତୁମ ଗାଁ ଦେଇ ବହେ,
ଆମ ଗାଁର କୋଇଲି
ତୁମ ଗାଁରେ ଯାଇ ଗୀତ ଗାଏ,
ବୋଧହୁଏ ମୋ ହୃଦୟର ଗୀତ
ତୁମକୁ ଶୁଣାଇବା ପାଇଁ...

କାହିଁ
ଆମ ଗାଁର ଝାଞ୍ଜିଖରାର ଛାଇ
ତୁମ ଗାଁରେ ଯାଇ ପଡ଼େ,
ଆମ ଗାଁ ପୁନେଇଁର ଜହ୍ନ
ତୁମ ଗାଁର କଇଁ ଫୁଲକୁ ଲୋଡ଼େ,
ବୋଧହୁଏ ପ୍ରକୃତିର ଏ ଛୋଟ ପ୍ରୟାସ
ତୁମକୁ ମୋତେ ସାଥିରେ ଦେଖିବା ପାଇଁ...
କାହିଁ...

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

# ପ୍ରାର୍ଥନା ହେ ପ୍ରଭୁ

ଚିତ୍ତରଞ୍ଜନ ସାମଲ

ଜୀବନ ପଛରେ ଦଉଡ଼ି ଦଉଡ଼ି, ପହଞ୍ଚିଛି ଶେଷ ବେଳେ,
ଶେଷ ଦରଶନ ଦିଅ ହେ ପ୍ରଭୁ, ପ୍ରାଣ ଯାଉ ତୁମ ପାଦତଳେ,
ଶୁଣିଥିଲି ପ୍ରଭୁ ତୁମେ ଦୟାର ସାଗର, ସଭିଙ୍କୁ ନିଅ କୋଳେଇ
ସ୍ୱର୍ଗ ଦୁଆର ବେଶୀ ଦୂର ହେବନାହିଁ, ତୁମେ ଦରଶନ ଦେଲେ
ଜୀବନ ପଛରେ ଦଉଡ଼ି ଦଉଡ଼ି, ପହଞ୍ଚିଛି ଶେଷ ବେଳେ... ।୧।

ବାଲି ଖେଳୁ ଖେଳୁ ଚାଲିଗଲା ମୋର ବାଳୁତ ପିଲା ଦିନ,
ସଂସାର ଭିତରେ ପିଲାଛୁଆ ମେଳେ କଟିଗଲା ଯୌବନ,
ସହର ମାଟିରେ ବାଟ ଚାଲୁ ଚାଲୁ ତୁମକୁ ଗଲି ମୁଁ ଭୁଲି,
ଚକ୍ରଧର ମୋତେ କ୍ଷମାକର, ଡ଼ାକୁଛି ଶେଷ ମୋ କାଳେ,
ଜୀବନ ପଛରେ ଦଉଡ଼ି ଦଉଡ଼ି, ପହଞ୍ଚିଛି ଶେଷ ବେଳେ... ।୨।

ମନକଥା କେତେ କହିବାକୁ ଥିଲା କିଛି ପାରିଲିନି କହି,
ଦୁଃଖ ଲାଗେ ପ୍ରଭୁ ଯାଉଛି ମୁଁ ଚାଲି ତୁମ ପରି ବନ୍ଧୁ ପାଇ,
ଇଚ୍ଛା ହୁଏ ଆଉ ଥରେ ବଡ଼ଦାଣ୍ଡେ ବଡ଼ ରଥେ ଦେଖିବାକୁ,
ଶୋଷ ମରିଯିବା ରଙ୍କ ତୋରାଣୀ ଦିମୁନ୍ଦା ମିଳିଗଲେ,
ଜୀବନ ପଛରେ ଦଉଡ଼ି ଦଉଡ଼ି, ପହଞ୍ଚିଛି ଶେଷ ବେଳେ... ।୩।

କେବେ ବି କେମିତି ଡ଼ାକିଛି ମାଗିବାକୁ ଭୁଲିନାହିଁ,
ଶେଷଥର ପାଇଁ ମାଗୁଛି ମନା କରିଦେବ ନାହିଁ,
ଆରଜନମରେ ଦାସ ବନାଇବ ତୁମର ଏ ନୀଳାଚଳେ,
ଜୀବନ ପଛରେ ଦଉଡ଼ି ଦଉଡ଼ି, ପହଞ୍ଚିଛି ଶେଷ ବେଳେ... ।୪।

ଆହ୍ୱାନ ୱେବ୍ ସାଇଟ୍ : www.aahwaan.com/ebook

ଆହ୍ବାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ମାନିନୀ ପ୍ରିୟା

ମୋନାଜ କୁମାର ମୁଦୁଲି

ଫୁଲେ ଫୁଲେ ବୁଲୁଥିଲି, ତୁମ ଗନ୍ଧ ପାଇ,
ଖୋଜି ଖୋଜି ଆସିଲିଣି ବଗିଚାଟା ସାରା,
ମନେଇ ତୋ ମତାଣିଆ ଗନ୍ଧର ଆଭାସେ,
ବିଭୋର ମୁଁ ନୁହେଁ ଖାଲି,
ଶୋଇନାହିଁ ଫଗୁଣର ଜ୍ୟୋତ୍ସ୍ନା ରାତି ସାରା...

ନିଦ୍ରାର ଘନ ଅନ୍ଧାରେ ବୁଡ଼ିବାକୁ ଇଚ୍ଛା,
ଏବେ କାହିଁ ମନେପଡ଼େ ତୁମ ହସ ମୁଖ,
ତୁମ ପ୍ରୀତିମାଦକରେ ମତୁଆଲା ହୋଇ;
ଯାଇଛି ନିଜକୁ ଭୁଲି,
କେମିତି କାଟିବି ବେଳ ତୁମେ ନାହଁ ପରା ?...

ତୁମ ଜ୍ୟୋତି ଆଲୋକରେ ହସୁଥିଲା ମହୀ,
ରାତିର ଅନ୍ଧାର କଥା ଯାଇଥିଲି ଭୁଲି,
ଦେହରେ ମୋ ବାଜିଥିଲା ତୁମ ଅଙ୍ଗରସ;
ଆଭାସେ ତ ଚମକିଛି ସତ,
ଶରୀରରେ ମେଲିଥିଲା ଖୁସିର ପସରା...

ତୁମ ଜବା ଓଠ କଥା କହିବିନି ଆଜି,
କାଳେ କିଏ ଲୋଭ ଖୋର କରିନେବ ଚୋରି,
ମଝିରେ ଦିଶଇ ସେଇ ଛୋଟ କଳାତିଳ,
ଅବୁଝା ମାନିନୀ ମୋର,
ଉଡ଼ିବୁଲ ସ୍ୱପ୍ନ ଦେଶେ, ନ ଦିଅଗୋ ଧରା...

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

# ଟଙ୍କାର ଟୋକେଇ ଭିତରେ ।

ହିମାଂଶୁ ଶେଖର ବିଶ୍ୱାଳ

ନିଶ୍ଚୟ ଆରମ୍ଭ ହେବ... ... ...
କାହିଁକି ନା
'ଅରୁଣି'ମାନେ ଏଠି ଅପେକ୍ଷାରତ
'ଧୌମ୍ୟ'ଙ୍କ ଆଗମନକୁ, ଆଦେଶକୁ
ନିଷ୍ଠାର ନିପୁଣତା ପ୍ରତିପାଦନ କରିବାକୁ;
ଏବେ ବି ତ
'ଏକଲବ୍ୟ'ମାନେ ଏକାକୀ
ଲୁଚି ଶିଖନ୍ତି 'ଦ୍ରୋଣ'ଙ୍କ ଠାରୁ
ମୁକୁଳିବାକୁ ଚେଷ୍ଟା କରନ୍ତି
ଦାରିଦ୍ର୍ୟତା, ଅସ୍ପୃଶ୍ୟତାର ଆବରଣରୁ
ଶେଷରେ
'ଚନ୍ଦ୍ରଗୁପ୍ତ'ମାନେ ବି ଚାହିଁ ବସିଛନ୍ତି
'ଚାଣକ୍ୟ'ଙ୍କ ଆହ୍ୱାନକୁ
ଆଉ ଏକ ଯୁଦ୍ଧର ଆହ୍ୱାନ
'ଶିକ୍ଷା ବଞ୍ଚାଅ'ର ଆହ୍ୱାନ
ଶିକ୍ଷିତ ରାକ୍ଷସ ମାନଙ୍କ ପାଖରୁ
ଅର୍ଥଲୋଭୀ ପିଶାଚଙ୍କ କବଳରୁ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ଆଦିତ୍ୟ ସାହୁ

# କବି ହେବାର ନିଶା

କେତେ ଥର ମୁହିଁ ନିରୋଳାରେ ବସି
ଭାବିଛି ଲେଖିବି କବିତାଧାରା
କାଗଜ ପାଖରେ କଲମ ନେଇଛି
ହଜାଇ ଦେଇଛି ଭାବ ପସରା

ଭାବିଥିଲି ମୁଁ କବିହେବା ପାଇଁ
ଦେଖିଲି କଲମ ଚାଲିଲା ନାହିଁ
ଭାବୁକ ହେବାକୁ ମନ ବଳାଇଲି
ଭାବଟା ମନରେ ଫୁଟିଲା ନାହିଁ

ଭାବେ ଲେଖିବାକୁ ଛୋଟ ଉପନ୍ୟାସ
ସେଥି ପାଇଁ ଜ୍ଞାନ ମୋ ନିମ୍ନସ୍ତର
ଗଳ୍ପ ଲେଖିବାକୁ ମନ ବଳିଲେ
ବିନା କାଳିରେ କି କଲମ ଗାର

ଆଖି ଆଗେ ନାଚେ ଗାଁ ରାଜନୀତି
ମନ ହୁଏ କିଛି ଲେଖି ଦେବାକୁ
ପ୍ରଥମେ ଆରମ୍ଭ ସମାପ୍ତ କୋଉଠି
କଲମ କାମୁଡ଼ି ଭାବେ ମନକୁ

ବାରମ୍ବାର ମୁହିଁ ଶତଚେଷ୍ଟା କରି
ସର୍ବଶେଷେ ହୋଇଗଲି ନିରସ
ଜଗନ୍ନାଥଙ୍କର ବିନା କରୁଣାରେ
କାହାକୁ ଅବା ମିଳିଛି ଯଶ ?

ତାଙ୍କ ପାଦେ ପୁଣି ନତ କରି ଶିର
ଗୁହାରି ହେଲି ମୁଁ ଜଗତ୍ ନାଥଙ୍କୁ
ଅଧମକୁ ଟିକେ କରୁଣା କରନ୍ତୁ
ଲେଖିବାକୁ ଟିକେ ହେବି ସମର୍ଥ...

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ବର୍ଷା, ଗୋଲାପ, ମଳୟ, ଜହ୍ନ ଓ ତମେ

ରଞ୍ଜନ କୁମାର ପାଣିଗ୍ରାହୀ

ବର୍ଷା, ତମେ ହୁଏତ
ଦେଖାଇପାର ପୃଥିବୀ ପାଇଁ ଭଲପାଇବା
ଟୋପା ଟୋପା ଜଳରେ,
ହେଲେ ମୋ ପ୍ରିୟତମା
ଆଖିର ଭାଷାଠୁ
କଣ ତମେ ଅଧିକ ଦେଖାଇପାରିବ!

ଗୋଲାପ, ତମେ ହୁଏତ
ମନ କିଣିପାର ପ୍ରେମୀ ଯୁଗଳଙ୍କର
ତମ ସୌନ୍ଦର୍ଯ୍ୟରେ,
ହେଲେ ମୋ ପ୍ରିୟତମା
ଓଠର ହସଠୁ
କଣ ତମେ ଅଧିକ ସୁନ୍ଦର!

ମଳୟ, ତମେ ହୁଏତ
ବିଞ୍ଚି ଦେଇପାର ଅପୂର୍ବ ସୁବାସ
ଏ ସଂସାର ବକ୍ଷରେ,
ହେଲେ ମୋ ପ୍ରିୟତମା
କେଶର ବାସ୍ନାଠୁ
କଣ ତମେ ଅଧିକ ସୁଗନ୍ଧିତ!

ଜହ୍ନ, ତମେ ହୁଏତ
ଢାଳି ଦେଇପାର ଅସରନ୍ତି କୋମଳତା
ସଭିଙ୍କ ମନରେ,
ହେଲେ ମୋ ପ୍ରିୟତମା
ଦେହର ସ୍ପର୍ଶଠୁ
କଣ ତମେ ଅଧିକ କୋମଳ!

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

# ଚିତ୍ରକର



ମାନସ ରଞ୍ଜନ ଦାସ

ମୁଁ ରଙ୍ଗତୁଳୀ ଧରି ଛବି ଆଙ୍କିଦେବି ସତ
ତୁମେ ଦେଖି ପାରିବ ତ ?
ଧଳା କାନ୍‌ଭାସ ଉପରେ ଟନା ଅଙ୍କାବଙ୍କା ଗାର
ଶଇତାନ ଭଳି ମୁହଁ ଆଉଅ ନୃଶଂସ ଶରୀର
ଆଙ୍କି ସାରି ଯେବେ ତାକୁ ମୁଁ ତୁମ ନାଁ ଦେବି
ତୁମେ ସହି ପାରିବ ତ ?
କେବେ ଚିତ୍କାର କରିବ, କେବେ କେବେ ହାହାକାର
କରିବ ସେ ତୁମ ପାପପୂଣ୍ୟର ବିଚାର
ମୁହଁ ଉପରେ ସେ ଯେବେ ତୁମ ନିନ୍ଦା ଗାଇଯିବ
ତୁମେ ଶୁଣିପାରିବ ତ ?
ବିଦ୍ରୋହରେ ଜର୍ଜରିତ ଦେହେ ଶତ ଅହଂକାର
ସଜେଇବ ମତେ ରକ୍ତଭିକା ଗୋଟେ ଲାଲ ଚିତ୍ରକର
ଯେବେ ଲହୁରେ ଲେଖିବି ତୁମ ଅନ୍ୟାୟର ଗାଥା
ତୁମେ ପଢ଼ିପାରିବ ତ ?

ଆହ୍ବାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ମୁଁ ସୁରେଶ

# ମୁଁ ଆଉ ଆସିବିନି

ତୁମରି ସ୍ୱପ୍ନରେ...ତୁମରି ମନରେ....
ତୁମରି ଜୀବନେ...ତୁମରି ପାଇଁ....
ମୁଁ ଆଉ ଆସିବିନି....!!

ଆସି ଦେଖି ଯାଅ ତୁମେ ଥରେ....
କଥା ଅଛି ଯଦି କିଛି କହି ଯାଅ ତୁମେ ଥରେ...
ମୁଁ ଆଉ ବଞ୍ଚିପାରିବିନି ତୁମ ବିନା....
ଯଦି ପାରୁଛ ମନେ ରଖିବ ମୋତେ...
ମୁଁ ଆଉ ଆସିବିନି....!!

ମୋ କଥା କେବେ ଭାବିବନି...
ମୋ ପ୍ରେମକୁ କେବେ ନିନ୍ଦିବନି...
ମୁଁ ଯାଉଛି ଚାଲି ଅନେକ ଦୂରକୁ...
ମୋ ରାଣ ରହିଲା ମୋତେ କେବେ ଡାକିବନି...
ମୁଁ ଆଉ ଆସିବିନି....!!

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ନିହାର ରଞ୍ଜନ

# ଲୁହ

ଥରେ କିଏ ଦେଖିଛ କି ତାକୁ
ଲୁଣିଆ ବୁନ୍ଦାଟିଏ,
ଗଙ୍ଗାପରି ପବିତ୍ର ସେ
କେତେ ସ୍ୱଚ୍ଛ
କେତେ ନିରୀହ,
କେତେ ନିର୍ମଳ ତା ମନ;
କେବେ ସୁଖରେ
ତ ପୁଣି କେବେ ଦୁଃଖରେ,
ବିଚରା ସବୁବେଳେ ଆମ ସାଥେ ଥାଏ,
ପିଠିରେ ହାତ ଥାପୁଡ଼େଇ
ସାହାସର ବାର୍ତ୍ତାଦେଇ
ସତେ ଯେମିତି କହିଯାଏ
ଭାଙ୍ଗିପଡ଼ନାହିଁ ସାଥି,
ମୁଁ ଅଛିପରା...............
ମୁଁ ଅଛିପରା ତମ ସାଥିରେ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ମୋ ମାଟିର କଥା ମୋ ଭାଷାର ଗାଥା

ରଶ୍ମୀ ରଞ୍ଜନ ଦାଶ (ବାପୁ)

ଓଡ଼ିଆ ପୁଅ ମୁଁ ଓଡ଼ିଆ ମୋ ଭାଷା ଓଡ଼ିଶା ଜନମ ଭୁଇଁ
ମୋ ମାଟି କୁ ସାହା ଜଗତରନାଥ ବେନି ଭୁଜ ଟେକି ଦେଇ
ମୋ ଭାଷା ଆଜିଯେ ଲଭି ଅଛି ଜାଣ ଅନେକ ଉଚ୍ଚ ଆସନ
ବହୁ ଦିନ ଆଗୁଁ ଏହିପରି କିନ୍ତୁ ନଥିଲା ଭାଇଏ ଜାଣ
ଚକ୍ରାନ୍ତକାରୀ ଙ୍କ ହୀନ ଚକ୍ରାନ୍ତ ଯେ ମଥା ଚଢି ନାଚୁଥିଲା
ଓଡ଼ିଆ ଭାଷା ର ନାମ ଛୋଟ ହୋଇ "ଉଡେ"ବୋଲିପ୍ରକଟିଲା
"ଉଡ଼େଏକ୍ଟାଭାଷାନୟଁ".ଓଡ଼ିଆନୁହଁଏକଭାଷା
ଏହିପରିକହିଭାଷାଶତୃମାନେକରୁଥିଲେଲୋକହସା
କୂଳବୃଦ୍ଧ ମଧୁସୂଦନେ ଏକଥା ବିଷ ସମ ମନେ ହେଲା
ଦିନରାତି ତାଙ୍କୁ ଓଡ଼ିଆ ଭାଷା ର ଚିନ୍ତା ଯେ ଖାଲି ଘାରିଲା
ତହୁଁ ସେ ଉଠିଲେ ଆହ୍ୱାନ କରିଲେ ଆସ ମାଟି ମା' ର ସନ୍ତାନ
ଏବେ ନଆସିଲେ ମାତୃଭାଷା ଆମ ହୋଇବ ଜାଣ ବିଲୀନ
ମୟୂରଭଞ୍ଜର ଯୋଗ୍ୟତମ ସୂତ ରାମଚନ୍ଦ୍ର ନରପତି
ଶୁଣି ସେ ଆହ୍ୱାନ ତକ୍ଷଣେ ମିଳିଲେ ମଧୁବାବୁ ଙ୍କର କତି
ଉତ୍କଳ ମଣି ଗୋପବନ୍ଧୁ ଦାଶ ମାଟିର ପରମ ପ୍ରିୟ
ସବୁ କାମ ଛାଡ଼ି ଭାଷା ସଂସ୍ଥାପନେ ଲଗାଇଲେ ସବୁ ଲୟ
ପାରଳା ରାଜନ ପ୍ରଜାବତ୍ସଳ ସେ କୃଷ୍ଣଚନ୍ଦ୍ର ଗଜପତି
ଭାଷା ଆନ୍ଦୋଳନେ ଆସି ଯୋଗ ଦେଲେ ଧନ୍ୟ ସେ ଭାଷା ପିରତୀ

ବ୍ୟାସକବି ସେଯେ ଫକୀରମୋହନ ସତେ ଭାଷା ସେନାପତି
ଲେଖନୀ ଚଳାଇ ଭାଷା ଆନ୍ଦୋଳନକୁ ଦେଲେ ପୁଣି ବେଗ ଅତି
ଏପରି ଅନେକ ମାତୃଭାଷା ପ୍ରେମୀ ଏକତ୍ରିତ ହୋଇଗଲେ
ଭାଷା କୁ ନିଶ୍ଚୟେଁ ଉପଯୁକ୍ତ ସ୍ଥାନ ଦେବାକୁ ଶପଥ କଲେ
ଶ୍ରୀରାମଚନ୍ଦ୍ର ଙ୍କ ନେତୃତ୍ୱରେ ତହୁଁ ହେଲା ଏକ ସମ୍ମିଳନୀ
ଉତ୍କଳ ସମ୍ମିଳନୀ ବୋଲି ତାହାକୁ ଯେ ନାମ ଦେଲେ ସବୁ ଗୁଣୀ
ସେ ସମ୍ମିଳନୀର ସାରଥୀ ସାଜିଣ ଉତ୍କଳଗୌରବ ଆମ
କରିଦେଲେ ତାକୁ ଜାତିପ୍ରାଣ ସିନ୍ଧୁ ଓଡ଼ିଶାର ଆତ୍ମାସମ
ଘର୍ଘର ନାଦରେ ଭାଷା ନନ୍ଦୀଘୋଷ ଆଗକୁ ଗଡ଼ି ଚାଲିଲା
୧୯୩୬ –ଏପ୍ରିଲ ଏକ ରେ ସ୍ୱତନ୍ତ୍ର ଓଡ଼ିଶା ଜନମ ନେଲା
ଭାଷା ଲଭିଲାତା ଯୋଗ୍ୟ ଆସନ ଅବଶୋଷ ମେଣ୍ଟିଗଲା
ଉତ୍କଳ ଜନନୀ ପୂର୍ଣତା ଲଭିଣ ଆଶିଷ ବରଷା କଲା
ଧନ୍ୟ ମଧୁବାବୁ ଧନ୍ୟ ରାମଚନ୍ଦ୍ର ଗୋପବନ୍ଧୁ କୃଷ୍ଣଚନ୍ଦ୍ର
ଧନ୍ୟ ତୁମ୍ଭ ଚେଷ୍ଟା ଧନ୍ୟ ତୁମ୍ଭ ନୀଷ୍ଠା ଧନ୍ୟ ତୁମ୍ଭେ ମହାଭାଗ
ତୁମ୍ଭ ଯୋଗୁଁ ଆଜି ମୁଁ ବୋଲାଏ ଓଡ଼ିଆ କଥା ହୁଏ ଓଡ଼ିଆରେ
ଶତଜନ୍ମ ନେଲେ ଏଇ ଋଣ ସତେ କିଏ କିବା ସୁଝି ପାରେ
ତୁମ୍ଭ ସଭିଙ୍କୁ ଯେ ଏଇ ଜାତି ମୋର ସବୁଦିନ ଭାବୁଥିବ
ଏ ମାଟି ଏ ଭାଷା ରକ୍ଷଣେ ଜୀବନ ହସି ହସି ଦେଇ ଦେବ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ଆସ ହେବା ଆମେ ଜଗତଜିତା

ରଶ୍ମୀ ରଞ୍ଜନ ଦାଶ (ବାପୁ)

ମଧୁ ଗୋପବନ୍ଧୁ ଶ୍ରୀରାମ ଉପେନ୍ଦ୍ର ସୁଯୋଗ୍ୟ ଦାୟାଦ ଆମେ
ବ୍ୟାସ କବିଙ୍କ ର ଅମର ଲେଖନୀ ରହିଛି ଓଡିଶା ଧାମେ
ପଲ୍ଲୀକବି ନନ୍ଦ ଗାଆଁ ର ଆନନ୍ଦ ସଚିରାଉତରା ଜାଣ
ମୋହରି ମାଟିରେ ଜନମ ଲଭିଣ ମୋ ଭାଷା କୁ କଲେ ଟାଣ
ପ୍ରତିଭା ରାୟଙ୍କ ଯାଜ୍ଞସେନୀ ଅଟେ ଆମ ଭାଷା ର ଗରବ
ବଳରାମ ଙ୍କର ଦାଣ୍ଡୀ ରାମାୟଣେ ସଭିଙ୍କର ଶ୍ରଦ୍ଧା ଭାବ
ଜଗନ୍ନାଥ ଙ୍କର ଭାଗବତ କଥା ଓଡିଆ ଜାତିର ପ୍ରାଣ
ଉଡ଼ିଗଲା ବେଳେ ପ୍ରାଣପକ୍ଷୀ ତା'ର ଲୋଡ଼ା ହେଇଥାଏ ଜାଣ
ସାରଳା ଦାସ ଙ୍କ ମହାଭାରତର ସୁଆଦ ସତେ ନିଆରା
ପ୍ରତି ଟି ଧାଡ଼ିରେ ଦେଖା ଯାଉଥାଏ ଓଡ଼ିଆ ଶୈଳୀ ଯେ ପରା
ଗଙ୍ଗାଧର ଙ୍କର କବିତା ଗଙ୍ଗାରେ ଆମ ଜାତି ସ୍ନାନକରେ
ରାଧାନାଥ ଙ୍କର କାବ୍ୟ ଚାତୁରି କୁ କିଏ ଅବା ନିନ୍ଦୀ ପାରେ
ଭକ୍ତ କବି ମଧୁସୂଦନ ଭକତି (ପ୍ରତି) ଶିଶୁ ରେ ସଂସ୍କାର ଦିଏ
ବୀରକିଶୋରଙ୍କ ଜାତିପ୍ରିତି ଧାରା କୋଟି ଜନମନ ମୋହେ
ସନ୍ଥ କବି ଭୀମ କବିକୂଳ ଦ୍ରୁମ ସମର୍ପଣ ଶିଖାଇଲେ

ଆଖି ନଥାଇବି କୋଟି ଜନତା ଙ୍କୁ ଜ୍ଞାନ ଚକ୍ଷୁ ଦେଇଗଲେ
କୃଷ୍ଣ ପାଣିଗ୍ରାହୀ ମାୟାଧର ମାନସିଂ ଆଦି ଯେତେ ଭାଷାବୀର
ସାମନ୍ତସିଂହାର ଅଭିମନ୍ୟୁ ସେଯେ ଟେକିଲେ ଭାଷାର ଶିର
କୂଳବୃଦ୍ଧ ମଧୁ ଶିଖାଇଯେ ଗଲେ ସ୍ୱାଭିମାନେ ବଞ୍ଚିବାକୁ
ନିଜ ମହତ କୁ ନିଜେ ସଦା ରଖି ଖାଣ୍ଟି ଓଡ଼ିଆ ହେବାକୁ
ଗୋପବନ୍ଧୁ ତ୍ୟାଗ କିଏବା କରିବ ଉତ୍କଳ ର ମଣୀ ସେହି
ତାଙ୍କ ଦିଗ୍‌ଦର୍ଶନ ଆଜିବି ତ ଲୋଡ଼ା ଏଇ ଓଡ଼ିଆଙ୍କ ପାଇଁ
ରମାଦେବୀ ନୁହଁ ସ୍ୱୟମ ରମା ସେ ଯେ ଏଇ ମାଟିର ଗରବ
ସବୁ ନାରୀ ପାଇଁ ସିଏଯେ ଆଦର୍ଶ ଧନ୍ୟ ସେ ସାହସୀ ଭାବ
ସତ୍ୟର ପୂଜାରୀ ସେଯେ ହରିହର ଲେଖିଲେ ଜ୍ଞାନମଣ୍ଡଳ
ଦୁସ୍ଥ ନିଷ୍ପେସିତ ସେବା ହିଁ ତ ଥିଲା ତାଙ୍କର ବଡ଼ ସମ୍ବଳ
କେତେ ଅବା ଆଉ କହିବିଯେ ମୁହିଁ ଏ ମାଟି ସନ୍ତାନ କଥା
ସଭିଏଁ ତ ଏଠି ଅମୂଲ୍ୟ ରତନ ନୁଏଁ ତାଙ୍କ ପାଦେ ମଥା
ଏଇଠି ଜନମି ଯଦି ଆମେ ହେବା ହୀନ ଲୋଭୀ ସ୍ୱାର୍ଥୀ ଜାଣ
ସ୍ୱର୍ଗ ପୂରେ ଥାଇ କାନ୍ଦିବ ନିଶ୍ଚୟ ସେହି ମନିଷୀ ଙ୍କ ପ୍ରାଣ
ଏଇ କଥା ହେଜି ଆସ ଆମେ ଆଜି ତେଜିବା ହୀନମନ୍ୟତା
ମାଟି ମା' ସେବାରେ ଲଗାଇ ଜୀବନ ହୋଇବା ଜଗତଜିତା

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ନମିତା ପାଇକରାୟ

# ଉତ୍କଳ

ଉଠରେ ଓଡ଼ିଆ ଜାଗ୍ରତ ହୁଅ
ଆଜି ପୁଣି ବେଳ ଆସିଲାଣି
ଯେଉଁ ଭାଷା ନେଇ ଗର୍ବ କରୁଛେ
ଆଜି ସେଇ ଭାଷା ଶୁଖିଲାଣି
ବରପୁତ୍ରମାନେ ଭାଷା ଅସ୍ତ୍ରଧରି
ଓଡ଼ିଶାକୁ ଏକ କରିଥିଲେ
ଭାଷାରେ ଭାଷାରେ ଓଡ଼ିଆଙ୍କୁ ଖୋଜି
ରାଜ୍ୟକୁ ରୂପ ଦେଇଥିଲେ
ଆସ ଆମେ ସବୁ ସାଇତି ରଖିବା
କଳା ସଂସ୍କୃତି ଓଡ଼ିଶାର

ପ୍ରଚାର ପ୍ରସାର କରିବା ଆସରେ
ଯେତେ ଝିଅପୁଅ ଓଡ଼ିଶାର
ଜାଣୁ ଏ ଜଗତ ଗୌରବଗାଥା
ଏଇ ଉତ୍କଳ ମାଟି ମା'ର
ସମ ସ୍ୱରେ ଆସ ସଙ୍ଗୀତ ଗାଇବା
ଆମେ ଏ ଉତ୍କୃଷ୍ଟ ଉତ୍କଳର
ପ୍ରଚାର ପ୍ରସାର କରିବା ଆସ ହେ
ଆମ ଜନ୍ମଦାତ୍ରୀ ଓଡ଼ିଶାର...

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

# ମନ ଏକ ପକ୍ଷୀ

ସୁଶାନ୍ତ କୁମାର ବିନାକର

ବାନ୍ଧ ନାହିଁ ମୋତେ
ମମତା ର ଶିକୁଳି ରେ,
ବାନ୍ଧ ନାହିଁ ମୋତେ
ପ୍ରେମ ର ଜଞ୍ଜୀରରେ.
ଉଡିବାକୁ ମୋର ଜନ୍ମ
ଉଡିବାକୁ ଦିଅ
ବାନ୍ଧି ରଖ ନାହି ମୋତେ
ଲୁହାର ପଞ୍ଜୁରୀରେ ........

ମନ ହୁଏ ମୋର
ଉଡ଼ି ଚାଲିଯିବା ପାଇଁ
ଅନେକ ଦୂର କୁ
ଯେଉଁଠି ନଥିବ ଏଇ
ପ୍ରତାରଣା
ସେପରି ଏକ ରାଇଜ ର
ଅନ୍ୱେଷଣ ରେ ଅଛି ,
ନେଇ ହୃଦୟ ରେ
ଅନେକ ଯନ୍ତ୍ରଣା...................

ଆହ୍ୱାନ ୱେବ୍ ସାଇଟ୍ : www.aahwaan.com/ebook

ଫେସ୍‌ବୁକ୍‌ରେ ଆହ୍ୱାନ, କଥା ଓ କବିତା, ପ୍ରେମକବିତା, ଆମ ପିଲାଦିନ ଏବଂ ଆହ୍ୱାନ ପୃଷ୍ଠାଭାବରେ ଉପଲବ୍ଧ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



କମଳ କୁମାର ଦାଶ

# ପ୍ରୀତି ଏକ ଜହ୍ନରାତି

ପ୍ରୀତି ଏକ ମତୁଆଲା ଜହ୍ନରାତି
କେବେ ସେ ହସାଏ କେବେ ସେ ଜଳାଏ
କେବେ ମୋ ମନରେ ଭରେ ସେ ତାତି
ପ୍ରୀତି ଏକ ଅମାନିଆଁ ଜହ୍ନ ରାତି
ପ୍ରୀତି ଏକ ମତୁଆଲା ଜହ୍ନରାତି ... ।୧।
ପ୍ରୀତି ଏକ ମତୁଆଲା ଜହ୍ନରାତି
କେବେ ସେ ନଚାଏ କେବେ ସେ ପିଆଏ
କେବେ ବା କୋହରେ ଫଟାଏ ଛାତି
ପ୍ରୀତି ଏକ ଅମାନିଆଁ ଜହ୍ନ ରାତି
ପ୍ରୀତି ଏକ ମତୁଆଲା ଜହ୍ନରାତି ... ।୨।
ପ୍ରୀତି ଏକ ମତୁଆଲା ଜହ୍ନରାତି
କେବେ ତୁମେ କରେ ସପନର ପରୀ
ଆଉ କେବେ କରେ ଜୀବନସାଥୀ
ପ୍ରୀତି ଏକ ଅମାନିଆଁ ଜହ୍ନ ରାତି
ପ୍ରୀତି ଏକ ମତୁଆଲା ଜହ୍ନରାତି ... ।୩।
ପ୍ରୀତି ଏକ ମତୁଆଲା ଜହ୍ନରାତି
ଏଇ ଆମ ଜୀବନର ମଧୁର ଗୀତି
ତୁମ ସାଥେ ଚାଚି ଝୁମି ଯାଉଗୋ ବିତି
ପ୍ରୀତି ଏକ ଅମାନିଆଁ ଜହ୍ନ ରାତି
ପ୍ରୀତି ଏକ ମତୁଆଲା ଜହ୍ନରାତି ... ।୪।
ପ୍ରୀତି ଏକ ମତୁଆଲା ଜହ୍ନରାତି

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ଅନୁସୂୟା ପ୍ରିୟଦର୍ଶିନୀ ପ୍ରଧାନ

# ମୁଁ କନ୍ୟା

ଶୀତୁଆ ସକାଳେ, ସୁନେଲି କିରଣେ
ଗୋଲାପୀ ସନ୍ଧ୍ୟାରେ ଓ ପୂର୍ଣ୍ଣମୀ ରାତ୍ରୀରେ
ପୁଣି କାକଳି ସ୍ୱରରେ ତ ଶେଫାଳୀ ଗନ୍ଧରେ
ଭାବନାର ଫାଙ୍କା ଫର୍ଦ୍ଦ
ପୁରିଯାଏ ସ୍ୱପ୍ନ କବିତାରେ ।

ମୁଁ କନ୍ୟା... ମୁଁ ମୋର ନୁହେଁ
ନା ଏ ଦେହ, ନା ମୋର ମନ, ନା ମୋର ସ୍ୱପ୍ନ
କିଛି ବି ମୋର ନୁହେଁ
ମୁଁ ସୀତା, ମୁଁ ସାବିତ୍ରୀ
ମୁଁ ଦ୍ରୌପଦୀ, ମୁଁ ହିଁ ଅହଲ୍ୟା
ମୁଁ କନ୍ୟା ॥

ମୁଁ ଧରଣୀ, ମୁଁ ହିଁ ଜନନୀ
ମୁଁ ପତ୍ନୀ, ଆଉ ମୁଁ ହିଁ ଭଗିନୀ
ବୁକୁରୁ ମୋ ଲହୁଧାର ଝରୁଥିଲା
ଆଜି ବହୁଅଛି ଲୁହଧାର ।
ଇତିହାସ ଠାରୁ ଆଜିଯାଏଁ
ମୁଁ ଅଗ୍ନିପରୀକ୍ଷା ଦେଇ ଚାଲିଛି
ନୂଆ ରୂପ, ଭିନ୍ନ ପରିପ୍ରେକ୍ଷୀରେ
ମୋ ଲୁହ ବହି ଚାଲିଛି ॥

ମୋର ଚଞ୍ଚଳ ମନ ହଜିଯାଏ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

କେଉଁ ଅତଳ ସାଗର ଭିତରେ ତ
କଳୁଷିତ ସମାଜ ଗର୍ଭରେ
ମହାକାଶର ଅନ୍ଧକାରରେ ତ,
ମେଘର ଉହାଡ଼ରେ ।
ଭାଙ୍ଗିଯାଏ ସ୍ୱପ୍ନ ମୋର
ଦୁନିଆର କଟୁବାକ୍ୟରେ ॥

ମେଘ ମହ୍ଲାରରେ ଇଚ୍ଛା ହୁଏ ନାଚିବାକୁ
ମନଇଚ୍ଛା ଗାଇବାକୁ
ନୀଳକଣ୍ଠ ତାଳରେ
ଅନାବନା କାକଳିରେ
ହେଲେ, ଏ ସବୁ ମୋ ଭାଗ୍ୟରେ କାହିଁ ॥

ମୁଁ କନ୍ୟା ବୋଲି କ'ଣ
ଚିରକାଳ ସର୍ବସଂହା ହୋଇ ରହିଥିବି
ଦୁନିଆ ଗଢ଼ିଥିବା ଅଲିଖିତ ସମ୍ବିଧାନ
ଏମିତି ନାଚୁଥିବି ??
ଯୁଗ ଯୁଗ ଯାଏ
ଶୁନ୍ ଶାନ୍ ଚିତ୍କାର କରୁଥିବି
ମୋତେ ଟିକେ ଜିଇଁବାକୁ ଦିଅ ବୋଲି ॥

ମନ ମୋର ଚାହେଁ
ରଙ୍ଗବୋଳା କାନ୍ତରେ
ହେବାପାଇଁ ବିହଙ୍ଗମ, କିନ୍ତୁ
ସ୍ୱପ୍ନ, ସତ୍ୟର ରୂପନିଏ
ଅକାଟ୍ୟ ବାସ୍ତବତାରେ

ମୁଁ ହୋଇଯାଏ ସଭିଙ୍କ ନଜରବନ୍ଦୀ ॥

ଆରେ !
କୁରୁସଭା ତଳେ ପାଞ୍ଚାଳୀ ଦେହରୁ
ଶାଢ଼ୀଟାଣିଥିଲା ବୋଲି
ଭୀମ ଓପାଡ଼ି ଦେଇଥିଲା
ଦୁଃଶାସନର ହାତ
ଆଜି କେତେକେତେ ଦ୍ରୌପଦୀ
ବଳାତ୍କାରିତା, ଲାଞ୍ଛିତା, ଅପମାନିତା
କାହିଁ, ଆଜି କେଉଁଠି ତ ନାହିଁ
ଜଣେ କେହି କୁନ୍ତୀର ନନ୍ଦନ !!

ସୀତା ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣବୋଲି
ତାଙ୍କୁ ସତୀର ମାନ୍ୟତା ମିଳିଥିଲା
ହେଲେ, ଆଜି କେତେ ସୀତା
ଯୌତୁକ ଜୁଇରେ ସମାଧିସ୍ଥା
ତା'ହେଲେ ସେମାନଙ୍କ ନାହିଁ ପବିତ୍ରତା ???

ମହନୀୟା କନ୍ୟାଟିଏ ହୋଇ
ଧରିତ୍ରୀ ବିଦୀର୍ଣ୍ଣ ହେବାଯାଏ
ସ୍ନେହ, ପ୍ରେମ ଢ଼ାଳିଚାଲିଥିବି
ସବୁ ଯନ୍ତ୍ରଣା ସହି ସହି ।
ପ୍ରତୀକ୍ଷା କରିଛି ସେହି ଦିନକୁ
ଯେବେ ହେବି ମୁଁ ଉତ୍ତୀର୍ଣ୍ଣ ଅଗ୍ନିପରୀକ୍ଷାରେ
ପୃଥିବୀ କନ୍ୟା ବୋଲି ପାଇବି ସମ୍ମାନ
କନ୍ୟା ନିର୍ଯ୍ୟାତନା ପର୍ବ ହେବ ସମାପନ ॥

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ବେଶ୍ୟା

ସନ୍ତୋଷ ମହାରଣା

ନାରୀର ବିଭିନ୍ନ ରୂପ ଯଥା ମା, ଭଗିନୀ, ପ୍ରେମିକା, ପତ୍ନୀ, ବାନ୍ଧବୀ ଓ ବେଶ୍ୟା । ବେଶ୍ୟା ଏପରି ଏକ ଶବ୍ଦ ଯାହା ଯୁଗେ ଯୁଗେ ନାରୀ ପାଇଁ କଳଙ୍କ ହୋଇ ଆସିଛି । ସମାଜରେ ନାରୀ ଯେଉଁଠି ମା, ଭଉଣୀ ପତ୍ନୀ ହୋଇ ସର୍ବୋଚ୍ଚ ସମ୍ମାନର ଅଧିକାରିଣୀ ହୁଏ, ସେଠି ବେଶ୍ୟା ତା ପାଇଁ ଏକ ଘୃଣ୍ୟ ସ୍ଥାନଟିଏ ବାଛି ନେଇଥାଏ । ପ୍ରକୃତରେ ବେଶ୍ୟା କିଏ ? ନାରୀର ଇଏ କେଉଁ ରୂପ ? ସମାଜରେ ନାରୀଟିଏ କାହିଁକି ବେଶ୍ୟା ହେବାପାଇଁ ବାଧ୍ୟ ହୋଇଥାଏ ? ଏଥିପାଇଁ ଦାୟୀ କିଏ ? ବେଳେ ବେଳେ ଆମେ ଆମ ନିଜ ଭିତରେ ଥିବା କାମନା ବାସନାକୁ ପୁରଣ କରିବା ପାଇଁ ତାକୁ ବେଶ୍ୟା ବନିବାକୁ ବାଧ୍ୟକରୁ ଓ ତା'ପାଇଁ ସମାଜରେ ଗୋଟିଏ ଅନାବଶ୍ୟକ ଓ ଘୃଣ୍ୟ ଯାଗାଟିଏ ଛାଡ଼ିଦେଉ । ଆମେ ଆମର ବାସନାର ସନ୍ତୁଷ୍ଟି ପାଇଁ ପ୍ରତ୍ୟେକ ନାରୀ ଭିତରେ ଏକ ବେଶ୍ୟାକୁ ଖୋଜୁ । ଘରର ଡ଼ଷ୍ଟବିନ୍ ଯେପରି ସବୁ ମଇଳା ଆବର୍ଜନାକୁ ନିଜ ଭିତରେ ଧରି ମଧ୍ୟ ଘର ଭିତରେ ଜାଗାଟିଏ ପାଏନାହିଁ, ଠିକ୍ ସେହିପରି ଆମର ଘୃଣ୍ୟ ବାସନାକୁ ଚରିତାର୍ଥ କରି ମଧ୍ୟ ସେ ସମାଜ ଭିତରେ ସ୍ଥାନଟିଏ ପାଏନାହିଁ । ଏ ସମାଜରେ ତା'ପାଇଁ କୌଣସି ସ୍ଥାନ ନାହିଁ, ଥାଏ ତ କେବଳ ନିନ୍ଦା, ଅପମାନ ଆଉ ତିରସ୍କାର ।

ଗୋଟିଏ ବେଶ୍ୟାପାଇଁ ଦିନର ମହତ୍ତ୍ୱ ଅପେକ୍ଷା ରାତ୍ରୀର ମହତ୍ତ୍ୱ ଅଧିକ ଥାଏ । ଯେଉଁ ସମୟରେ ସେ ନିଜକୁ ବଧୁବେଶରେ ଉପସ୍ଥାପନ କରିଥାଏ । ପ୍ରତ୍ୟେକ ରାତି ସାଜିଥାଏ ତା'ପାଇଁ ଏକ ଚଉଠି ରାତି । ଦୀପର ସଳିତାଟିଏ ନିଜକୁ ତିଳ ତିଳ କରି ଜାଳି ଆଲୋକିତ କଲାଭଳି, ସେ ନିଜକୁ ଅନ୍ୟର କାମାଗ୍ନିରେ ଜାଳି ତା ଜୀବନରେ ଆଲୋକ ଆଣିଥାଏ । ଦିନର ଆଲୋକରେ ଯେଉଁମାନେ ତାକୁ ନିନ୍ଦା ଅପବାଦ ଦେଇଥାନ୍ତି, ରାତ୍ରୀର ଅନ୍ଧକାରରେ ସେମାନେ ତା ପାଦତଳେ ସ୍ୱର୍ଗର ତଲାସ୍ କରିଥା'ନ୍ତି । ସେ ଜାଣିଥାଏ ଏମାନେ ସବୁ ହେଉଛନ୍ତି ତା'ର ଗୋଟିଏ ରାତ୍ରୀର ପ୍ରେମିକ, ତଥାପି ତା'ର ଅମାନିଆ ମନ ଏ ସମସ୍ତଙ୍କ ଭିତରେ ଗୋଟିଏ ସଚ୍ଚା ପ୍ରେମିକର ସନ୍ଧାନ କରୁଥାଏ । ଦୁନିଆ ତା'ର ଶରୀରକୁ କେଇଟା ଟଙ୍କାରେ ଉପଭୋଗ କରିଥାଏ ହେଲେ ତା'ର ମନକୁ କିଣିଲା ଭଳି ସୌଦାଗରଟିଏ ମିଳିନଥାଏ । ଯଦିଓ ଅନେକଥର ବଧୂବେଶ ସାଜିଥାଏ, କିନ୍ତୁ କାହାର କୂଳବଧୂ ହେବାର ସୌଭାଗ୍ୟ ତା ଭାଗ୍ୟରେ ନଥାଏ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ଚାହିଁଲାବାଲା ତ ଅନେକ ଥା'ନ୍ତି ହେଲେ ସ୍ତ୍ରୀର ମର୍ଯ୍ୟାଦା ଦେଲା ଭଳି କେହି ଜଣେ ବି ସେମାନଙ୍କ ଭିତରେ ନଥାନ୍ତି । ରାସ୍ତା ପାର୍ଶ୍ୱର ଗଛଟିର ଛାଇରେ ଜଣେ କିଛି ସମୟ ଆଶ୍ରୟ ନେଇ ନିଜର କ୍ଳାନ୍ତି ଦୂର କଲେ ମଧ୍ୟ ଯେପରି ତାକୁ ନିଜର ଆଶ୍ରୟସ୍ଥଳ କରିନଥାଏ, ସେହିପରି ବେଶ୍ୟାଟିଏ ନିଜର ସର୍ବସ୍ୱ ଉତ୍ସର୍ଗକରି ଶାରୀରିକ ଓ ମାନସିକ ଖୁସି ଦେଲେ ମଧ୍ୟ ଆମେ ତାକୁ ଘରେ ପତ୍ନୀର ସମ୍ମାନ ଦେଇନଥାଉ । ସମାଜରେ ଏପରି ନାରୀମାନଙ୍କ ସଂଖ୍ୟା କମ୍ ନାହିଁ, ହେଲେ ସମାଜ ଏମାନଙ୍କ ପ୍ରତି ଥିବା ଦାୟିତ୍ୱରୁ ନିଜକୁ ସବୁବେଳେ ଦୂରେଇ ରଖିଛି । ଗୋଟିଏ ବେଶ୍ୟା ଭିତରେ ଯେ ଗୋଟିଏ ନାରୀର ମନ ଥାଏ, ସେ ମଧ୍ୟ ଚାହେଁ କାହାର ପତ୍ନୀବୋଲି ନିଜକୁ ପରିଚିତ କରାଉ, କେହି ଜଣେ ତାକୁ ବି ମନ ଦେଇ ଭଲପାଉ ଓ ସେ ତା' ଫେରିବା ବାଟକୁ ନିତି ଚାହିଁ ବସିଥାଉ । କାହାର ବାହୁ ବନ୍ଧନରେ ସେ ନିଜକୁ ସୁରକ୍ଷିତ ମନେ କରୁ । ହେଲେ, ତା'ର ଏ ସ୍ୱପ୍ନ କେବେ ପୁରା ହୋଇପାରେନା । ସତ କହିବାକୁ ଗଲେ ଆମେ ଆମର କିଛି ନିଜସ୍ୱ ସ୍ୱାର୍ଥ ପାଇଁ ତା'ର ଇଚ୍ଛାକୁ ପୁରଣ କରିବାକୁ ଦେଇନୁ । ଆମେ ଚାହୁଁ ସମାଜରେ ଏମାନେ ଏହିପରି ଶୋଷିତ ଓ ନିଷ୍ପେସିତ ହୋଇ ବଞ୍ଚନ୍ତୁ ।

ଆଜିର ଆଧୁନିକ ଯୁଗରେ ଏମାନଙ୍କର ସଂଜ୍ଞା ହୁଏ ତ ବଦଳି ଯାଇପାରେ । କିନ୍ତୁ ଏମାନଙ୍କର ସ୍ଥିତି ଠିକ୍ ପୂର୍ବଭଳି ଅଛି । ପୁରାତନ ଯୁଗର ବେଶ୍ୟା ଓ ଆଧୁନିକ ଯୁଗରେ ବାରଗାର୍ଲ୍, କଲ୍‌ଗାର୍ଲ୍ ସାଜିଛି । ଦେହ ସେହିଭଳି କେଇଟା ଟଙ୍କାରେ କିଣାବିକା ହେଉଛି, ବର୍ତ୍ତମାନ ଯେଉଁଠି ନାରୀ ସ୍ୱାଧୀନତା, ନାରୀ ଜାଗରଣ ପାଇଁ ବିଭିନ୍ନ ସ୍ତରରେ ପ୍ରୟାସ ଚାଲିଛି ଅପର ପକ୍ଷରେ ଦେହ ବ୍ୟବସାୟ ମଧ୍ୟ ଜୋରସୋରରେ ଚାଲିଛି । କେଉଁଠି ପରିସ୍ଥିତିର ଚାପରେ ତ କେଉଁଠି ନିଜ ଇଚ୍ଛାରେ ସେ ବେଶ୍ୟା ହେବାକୁ ଯାଉଛି, କ୍ରମେ ଏହା ଏକ ଘୃଣ୍ୟ ବୃତ୍ତିରେ ପରିଣତ ହୋଇଗଲାଣି । ଆମେ ମାନେ କ'ଣ ଏମାନଙ୍କୁ ପୁଣିଥରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ପାରିବା ନାହିଁ ? ନା, ଆମେ ପରୋକ୍ଷ ଭାବରେ ଚାହୁଁ କି ଏମାନେ ଏହିପରି କଳଙ୍କିତ ଜୀବନ ବିତାନ୍ତୁ, ଏଥିପାଇଁ ଦାୟୀ କିଏ ? ସମାଜରେ ପ୍ରଚଳିତ ତଥାକଥିତ ନିତିନିୟମ ବା ଆମ ଭିତରେ ଥିବା ଯୌନଲାଳସା...

(ସମାଜରେ ଶୋଷିତ ଓ ଅବହେଳିତ ହୋଇ ପଡ଼ିରହିଥିବା ନାରୀମାନଙ୍କ ଜୀବନ ଯନ୍ତ୍ରଣା ଉପରେ ଦୃଷ୍ଟି ଆକର୍ଷଣ କରିବାର ଏକ ପ୍ରୟାସ...)

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

# ଉତ୍କଳ ଦିବସ

ଅର୍ଚ୍ଚନା ମହାନ୍ତି

ବିଦେଶୀ ସରକାରଙ୍କ କଂସ କାରାଗାରର ରୁଦ୍ଧ କୋଠରୀରେ ବସି ଭାରତ ଜନନୀ କାନ୍ଦୁଥିଲା ବେଳେ ସାଧାରଣ ଲୋକଙ୍କ ଧ୍ୟାନ ଆକର୍ଷଣ କରିଥିଲା ସ୍ୱରାଜପ୍ରୀତି । ସେହି ସମୟରେ ଆବାଳବୃଦ୍ଧ ବନିତା ସମସ୍ତେ ଲାଗିପଡ଼ିଥିଲେ ଭାରତ ମା'କୁ ପରାଧିନତାର ଶିକୁଳିରୁ ମୁକ୍ତ କରିବା ପାଇଁ । ଓଡ଼ିଶା ବା ପଛେଇବ କେମିତି । ତେଣୁ କପିଳ ସଂହିତାରେ ଲେଖା ଅଛି;

'ରାଷ୍ଟ୍ରରେ ଭାରତ ଶ୍ରେଷ୍ଠ ରାଜ୍ୟରେ ଉତ୍କଳ
ଉତ୍କଳ ସମାନ ରାଜ୍ୟ ଧରାରେ ବିରଳ ॥'

ଉତ୍କଳର ବରପୁତ୍ରମାନେ ଲାଗିପଡ଼ିଲେ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେବାପାଇଁ । ଋଷିମାନଙ୍କ ତପୋଭୂମି ଓଡ଼ିଶା, ସର୍ବଧର୍ମ ସମନ୍ୱୟର ପବିତ୍ର ରାଜ୍ୟ ଓଡ଼ିଶାରେ କାହିଁ କେତେ କବି, ଦାର୍ଶନିକ, ନାଟ୍ୟକାର ଏହି ସ୍ୱରାଜ୍ୟ ପ୍ରୀତିରେ ମାତିଯାଇଥିଲେ । ଉତ୍କଳ ଗୌରବ ମଧୁସୂଦନଙ୍କ ଲେଖନୀରେ;

'ଭୂମିକମ୍ପ ହେବ ଧରଣୀ ଫାଟିବ
ଉଠିବେ ସହସ୍ରଭୂଜା
ସେହି ତୋର ମାତା ସେହି ତୋର ତ୍ରାତା
କର ତାଙ୍କ ପଦପୂଜା ।'

ଓଡ଼ିଆ ଜାତିର ଇତିହାସ ସଂସ୍କୃତି ମର୍ଯ୍ୟାଦାପୂର୍ଣ୍ଣ । ସବୁବେଳେ ଏ ଜାତିର ପ୍ରଗତିମୂଳକ ମନୋଭାବ ଯୋଗୁଁ କଳା, ସ୍ଥାପତ୍ୟ, ଚିତ୍ରକଳା, ନୃତ୍ୟ ସଂଗୀତ ଓ ସାହିତ୍ୟ କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି କରିପାରିଛି । ତେଣୁ ଗୋପବନ୍ଧୁଙ୍କ ଭାଷାରେ;

'ମାନବ ଜୀବନ ନୁହଇ କେବଳ
ବର୍ଷମାସ ଦିନ ଦଣ୍ଡ,
କର୍ମେ ଜୀଏଁ ନର କର୍ମ ଏକା ତା'ର
ଜୀବନର ମାନଦଣ୍ଡ ।'

ଓଡ଼ିଶାର ବରପୁତ୍ରମାନଙ୍କର ପ୍ରଚେଷ୍ଟା ସ୍ୱତନ୍ତ୍ର ଉତ୍କଳ ଗଠନରେ ବେଶ୍ ପ୍ରଭାବ ପକାଇଥିଲା । ସେତେବେଳେ ଏଇ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ବସନ୍ତ ସମୟ । ଗଛରେ ପତ୍ରରେ ପବନରେ ମଳୟର ସ୍ପର୍ଶ । ବନଭୂଇଁ ନିଜକୁ ସଜାଉଥିଲା ନୂଆଁ ନୂଆଁ କଅଁଳ ପତ୍ରରେ । ନୂଆ ଜୀବନ ପାଇଁ ପ୍ରସ୍ତୁତ ହୋଇଥିଲା ଧରଣୀ । ଆମ ପ୍ରଦେଶ ଓଡ଼ିଆ ଭାଷାରେ ପରିଚୟ ମୁକୁଟ ପିନ୍ଧି ଠିଆହେଲା ୧୯୩୬ ମସିହା ଏପ୍ରିଲ୍ ମାସର ପ୍ରଥମ ତାରିଖରେ ।

କୃଷି ହେଉ କି ବାଣିଜ୍ୟ ହେଉ ନିଜର ଅଦମ୍ୟ ପରିଶ୍ରମ ଦ୍ୱାରା ସବୁକ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଆରମ୍ଭ କରି ଦେଇଥିଲା । କିନ୍ତୁ ଏହାରି ଭିତରେ ରହିଛି ନିଜ ମାତୃଭାଷାର ଉନ୍ନତି । ମା'ର ଭାଷା ଆମର ମାତୃଭାଷା ଓଡ଼ିଆ ଭାଷା ଆମ ମା'ର ଭାଷା, ଯେଉଁ ଭାଷା ଧରଣୀ ଛୁଇଁଲା ଠାରୁ ମା ମୁହଁରୁ ଆମେ ଶୁଣି ଆସିଛୁ ତା'କୁ କିପରି ବା ଅବହେଳା ହେବ । ଓଡ଼ିଶାର ବରପୁତ୍ରମାନେ ଆରମ୍ଭ କରିଥିବା ଅଭିଯାନକୁ ଆମକୁ ଆଗେଇ ନେବାକୁ ହେବ । ମଧୁସୂଦନଙ୍କ ବାଣୀରେ;

'ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ
ଟାଣେ କି ରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧାଥିଲେ ।'

ସାରା ଭାରତରେ ଓଡ଼ିଶା ହିଁ ଭାଷା ଭିତ୍ତିରେ ଗଢ଼ା ହୋଇଥିଲା ପ୍ରଥମ ପ୍ରଦେଶ । ଆମ ଭାଷା ଆମର ପରିଚୟ, ଓଡ଼ିଆ ଆମେ । ଏହା ଆଜି କ୍ଷୟ ହେବାକୁ ଆରମ୍ଭ କଲାଣି । ଓଡ଼ିଆ ଜାତି ନିଜ ପାଖରେ ନିଜେ ଅପରିଚିତ । ତେଣୁ ଏହି ପବିତ୍ର ଉତ୍କଳ ଦିବସରେ ଆମେ ଏହି ଶପଥ ନେବା ଯେ ପ୍ରତ୍ୟେକ ଉତ୍କଳୀୟଙ୍କ ହୃଦୟରେ ଓଡ଼ିଆ ପ୍ରତି ଆଗ୍ରହ ସୃଷ୍ଟି କରିବେ । ଦେଶପ୍ରୀତି, ଜାତିପ୍ରୀତି, ଭାଷାପ୍ରୀତିର ପ୍ରତ୍ୟେକ ଓଡ଼ିଆ ଉଦ୍‌ବୁଦ୍ଧ ହୋଇ କର୍ମରତ ହେଲେ ଓଡ଼ିଶାର ସମୂହ ଉନ୍ନତି ସମ୍ଭବ ହେବ । ସମଗ୍ର ଉତ୍କଳ ଗଠନର ପୁରୋଧା ମାନଙ୍କୁ ଏହି ପବିତ୍ର ଦିବସରେ ମୋର ବିନମ୍ର ପ୍ରଣାମ । ମଧୁସୂଦନଙ୍କ ସେହି ବାଣୀକୁ କିପରିବା ଆମେ ଭୁଲିବା;

'ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ
କୋଟି ପ୍ରାଣ ବିନ୍ଦୁ ଧରେ
ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ
ଡେ଼ଇଁପଡ଼ି ସିନ୍ଧୁ ନରେ ।'

'ଓଡ଼ିଶା ଆମର ସର୍ବାଙ୍ଗ ସୁନ୍ଦର ହେଉ' ଏତିକି କାମ୍ୟ । 'ବନ୍ଦେ ମା' ଉତ୍କଳ ଜନନୀ' ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ଭୂତ ଓ ପ୍ରେତାତ୍ମାର ଅହେତୁକ ଭୟ

ବାଲ୍ମୀକି ନାୟକ

ଭୂତ ଓ ପ୍ରେତାତ୍ମାର ଅସ୍ତିତ୍ୱକୁ କେବଳ ଭାରତରେ ନୁହେଁ, ପ୍ରାୟ ସାରା ଦୁନିଆରେ ଲୋକମାନେ ବିଶ୍ୱାସ କରନ୍ତି । ବୁଦ୍ଧିଜୀବି, ହେତୁବାଦୀ ଓ ବୈଜ୍ଞାନିକମାନେ ତର୍କ ସଂଗତ ତଥ୍ୟ ସହିତ ଭୂତ, ପ୍ରେତ ଆଦିର ଅସ୍ତିତ୍ୱକୁ ଅସ୍ୱୀକାର କରୁଥିବା ବେଳେ ଦୁର୍ବଳମନା ବ୍ୟକ୍ତିମାନେ କୁହନ୍ତି – 'କିଛି ତ ନିଶ୍ଚୟ ଅଛି ।' ଏହି କିଛି ଅଛିର ପ୍ରମାଣ ଦେବାପାଇଁ ପତ୍ରିକା ମାନଙ୍କରେ ପ୍ରକାଶ ପାଇଥିବା କିଛି ଘଟଣାର (ସତ୍ୟ ଘଟଣା ବୋଲି କହି) ଉଦାହରଣ ଦେଇଥାନ୍ତି । ଆଉ କେତେକ ଲୋକ ନିଜର କିମ୍ବା ଅନ୍ୟ ମାନଙ୍କର ବ୍ୟକ୍ତିଗତ ଅନୁଭବ ଘଟଣାକୁ ବର୍ଣ୍ଣନା କରି ଶ୍ରୋତାଙ୍କ ମନରେ ଭୂତ, ପ୍ରେତ ପ୍ରତି ଥିବା ଭୟାଳୁ ବିଶ୍ୱାସକୁ ଦୃଢ଼ୀଭୂତ କରି ଦେଇଥାନ୍ତି ।

ଭୂତ ଓ ପ୍ରେତର ସ୍ୱରୂପ ସଂପର୍କରେ ଲୋକମାନଙ୍କର ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଥାଏ । କିଏ କାଳେ ଭୂତ କଳାଛାଇ ଭଳି ଦିଶେ, ଆଉ କିଏ କହେ ଧଳାଛାଇ ଭଳି ଦିଶେ । କିଏ କହେ ତେରେଛା ଦାନ୍ତ, ବଡ଼ବଡ଼ ଆଖି, ଲମ୍ବା ମଣିଷ ଭଳି ଦିଶେ । କିଏ କହେ ଶ୍ମଶାନରେ ଡ଼ାହାଣୀମାନେ ନଙ୍ଗଳା ହୋଇ ନାଚ କରନ୍ତି । କିଏ କହେ ସେମାନେ ଅବୋଧ୍ୟ ଭାଷାରେ ଗୁଣୁ ଗୁଣୁ ହୋଇ ନାକରେ କଥା କହନ୍ତି । ବିଦେଶରେ ଲୋକଙ୍କ ବିଶ୍ୱାସ ଭୂତମାନେ ପରିତ୍ୟକ୍ତ ପୁରୁଣା କୋଠା, ଫାସୀ ଦିଆଯାଉଥିବା ସ୍ଥାନ, ଶ୍ମଶାନ ଆଦିରେ ବାସ କରନ୍ତି । ଭାରତୀୟମାନେ ବି ସେହି ସବୁ ସ୍ଥାନ ସହିତ ବଡ଼ବର, ଓସ୍ତ, ଆମ୍ବ କିମ୍ବା ତାଳ ଗଛ ମାନଙ୍କରେ ଭୂତ ପ୍ରେତ ରହନ୍ତି ବୋଲି ବିଶ୍ୱାସ କରନ୍ତି । ଆଜିକାଲି ସତ୍ୟକଥା ନାମରେ ପ୍ରକାଶ ପାଉଥିବା ଶସ୍ତା ଓ ଅବୈଜ୍ଞାନିକ ପତ୍ରିକା ମାନଙ୍କରେ ସେହିଭଳି କପୋଳକଳ୍ପିତ ଅବାନ୍ତର କାହାଣୀ ପ୍ରକାଶ ପାଇଥାଏ । ଲୋକମାନେ ସତ୍ୟ ଘଟଣା ଭାବି ପଢ଼ନ୍ତି ଓ ବିଶ୍ୱାସ ବି କରନ୍ତି ।

ସାଧାରଣତଃ ମୃତ ମଣିଷର ଅତୃପ୍ତ ଆତ୍ମା ହିଁ ଭୂତ, ପ୍ରେତ ଓ ଡ଼ାହାଣୀ ରୂପେ ଅଦୃଶ୍ୟ ଭାବେ ବିଚରଣ କରୁଛନ୍ତି ବୋଲି ସମସ୍ତେ କହିଥାନ୍ତି । ଦୁର୍ଘଟଣା, ସର୍ପଦଂଶନ, ହତ୍ୟା, ଆତ୍ମହତ୍ୟା ଏବଂ ଯେ କୌଣସି କାରଣରୁ ଅଳ୍ପବୟସରେ ମୃତ୍ୟୁ ଘଟିଲେ ତାର ଭୋଗ କରିବାର ଅତୃପ୍ତ ଆତ୍ମା ଇଚ୍ଛା ପୂରଣ କରିବା ପାଇଁ ବ୍ୟାକୁଳ ହୋଇଥାଏ । ଯେହେତୁ ସେମାନଙ୍କର ଶରୀର ନଷ୍ଟ ହୋଇଯାଏ-ତେଣୁ ସେମାନେ କୌଣସି ଜୀବନ୍ତ ଶରୀରରେ ପ୍ରବେଶ କରି ନିଜ ଭୋଗ ଲାଳସାକୁ ପୂର୍ଣ୍ଣ କରିଥାନ୍ତି । ଉପରୋକ୍ତ ତର୍କରେ କୌଣସି ପ୍ରାମାଣିତ ତଥ୍ୟ ନାହିଁ । କେବଳ କୁହାଶୁଣା କଥା ଉପରେ ପର୍ଯ୍ୟବେଶିତ ଏକ

ଅନ୍ଧବିଶ୍ୱାସ ମାତ୍ର ।

ଭୂତ,ପ୍ରେତମାନଙ୍କୁ ଶାନ୍ତ କରି ନିଜ ଇଚ୍ଛା ଅନୁସାରେ ବ୍ୟବହାର କରିବା ଆଶାରେ ଅନେକ ମନ୍ତ୍ରପାଠ କରି, ତନ୍ତ୍ର ସାଧନ କରି, ଯନ୍ତ୍ର ପ୍ରୟୋଗ କରି ସିଦ୍ଧି ପ୍ରାପ୍ତ କରିବା ପାଇଁ କୁଚ୍ଛ୍ର ସାଧନା କରିଥାନ୍ତି । ଏହି ପ୍ରକ୍ରିୟା ନିହାତି ଅବୈଜ୍ଞାନିକ ହେଲେ ବି ତାନ୍ତ୍ରିକ ହେବାପାଇଁ କିଛି ଲୋକ ଅନେକ ଅମାନବୀୟ କର୍ମ କରିଥାନ୍ତି । ସେହି କର୍ମକାଣ୍ଡ ଭିତରେ ପଶୁବଳୀ ଓ ନରବଳୀ ମଧ୍ୟ ସାମିଲ ଥାଏ । ଏଭଳି କର୍ମ କରି ସେମାନଙ୍କୁ ସିଦ୍ଧିଅ ବା ଶକ୍ତି ତ ମିଳେ ନାହିଁ ବରଂ ଲୋକନିନ୍ଦା, ମାଡ଼ ଓ ଜେଲଦଣ୍ଡ ନିଶ୍ଚୟ ମିଳିଥାଏ ।

ଏଇଠି ପ୍ରଶ୍ନ ଉଠୁଛି ଯେ ଆତ୍ମା ଯଦି ଏତେ ଶକ୍ତିଶାଳୀ ସେ ସ୍ୱୟଂ ଦେହ ଧାରଣ କରୁନାହିଁ କାହିଁକି ? ନିଜର ଇଚ୍ଛା ପୂରଣ ପାଇଁ କୌଣସି ସରଳ ମଣିଷର ଦେହକୁ ବ୍ୟବହାର କରିବା କଅଣ ଦରକାର ? ଏଥିରୁ ପ୍ରମାଣିତ ହେଉଛି ଯେ ଆତ୍ମାର କୌଣସି ଶକ୍ତି ହିଁ ନାହିଁ । ତେଣୁ ସେ ଅନ୍ୟର କୌଣସି ପ୍ରକାର କ୍ଷତି କରିବାର ପ୍ରଶ୍ନ ଉଠୁନାହିଁ ।

ଅସଲ କଥା ହେଉଛି – ସମାଜର କିଛି ଧୂର୍ତ୍ତ ତଥା ଚାଲାକ୍ ଲୋକ ନିଜ ସ୍ୱାର୍ଥ ପାଇଁ ସାଧାରଣ ଲୋକମାନଙ୍କ ମନର ଭୟ ଓ ଦୁର୍ବଳତାକୁ ପୁଞ୍ଜି କରି ଶୋଷଣ କରିବା ପାଇଁ ଭୂତ, ପ୍ରେତ, ଡ଼ାହାଣୀ ଆଦିର ଅସ୍ତିତ୍ୱକୁ ବଞ୍ଚେଇ ରଖିଛନ୍ତି । ବିଶେଷ କରି ପଣ୍ଡା ପୁରୋହିତମାନେ ଅତୃପ୍ତଆତ୍ମାର ମୋକ୍ଷ କରାଇବା ନାମରେ ଧନ ଲୁଟିବାର ଏକ ସୁଚିନ୍ତିତ ରାସ୍ତା ଖୋଲି ରଖିଛନ୍ତି । ଧର୍ମଶାସ୍ତ୍ର ମାନଙ୍କରେ (ଗରୁଡ଼ ପୁରାଣ ଆଦି) ଲେଖାଥିବା ନର୍କର ଅବାନ୍ତର ଅବିଶ୍ୱସନୀୟ ଦୃଶ୍ୟକୁ ସତକଥା ଭଳି ବର୍ଣ୍ଣନା କରିଥାନ୍ତି । କେହି ବି ତର୍କ କରି ଜାଣିବାକୁ ଚାହିଁନାହାନ୍ତି ଯେ– ମଣିଷର ଶରୀର ତ ମୃତ୍ୟୁପରେ ମର୍ତ୍ତ୍ୟରେ (?) ହିଁ ରହିଗଲା, ନର୍କରେ ପୁଣି କେଉଁ ଶରୀରକୁ ଯମଦୂତମାନେ ଗରମ ତେଲ କରେଇରେ ପକେଇ ଦଣ୍ଡ ଦେଇଥାନ୍ତି? ନର୍କରେ କଅଣ ପୃଥିବୀ ଭଳି ନିଆଁ, ତେଲ, କରେଇ ଓ ଚଟୁ ସବୁ ଅଛି ? ବିନା ଶରୀରର ପିତୃପୁରୁଷମାନେ ପିତୃଶ୍ରାଦ୍ଧରେ ଦିଆଯାଉଥିବା ମୂଲ୍ୟବାନ ଭୋଜନକୁ କିପରି ଖାଇ ପାରିବେ ? ବଞ୍ଚିଥିବା ବେଳେ ଯେଉଁ ମଣିଷ ଦିନକୁ ତିନିଚାରିଥର ଭୋଜନ କରୁଥିଲା ସେ ସ୍ୱର୍ଗ ବା ନର୍କରେ ବର୍ଷକୁ କେବଳ ଥରେ ଖାଇ କିପରି ରହି ପାରୁଛି ? ମୃତ ପିତୃପୁରୁଷଙ୍କ ପାଇଁ ନର୍କରେ ଯଦି ଖାଇବା ବ୍ୟବସ୍ଥା ନାହିଁ, ତେବେ ଯମ ଓ ଯମଦୂତମାନେ କଅଣ ଖାଆନ୍ତି? ଏ ସବୁ ପ୍ରଶ୍ନର ଉତ୍ତର କାହାରି ପାଖରେ ନାହିଁ ତେଣୁ ପୁରୋହିତ କୁହନ୍ତି – ତୁମେ ଯଦି ତୁମ ମୃତ ପିତାମାତାଙ୍କୁ ଭଲ ପାଉଛ ତେବେ ପ୍ରଶ୍ନ କରନାହିଁ, ଆମ କଥା ମାନିଯାଅ । ଆମେ ଯାହା କରିବାକୁ କହୁଛୁ କରିଯାଅ, ଅନ୍ୟଥା ପ୍ରେତାତ୍ମା ବାଧା ଭୋଗ କରିବାକୁ ପ୍ରସ୍ତୁତ ରୁହ । ଏତିକିରେ ସମସ୍ତଙ୍କ ଅକଲ ଗୁଡୁମ୍ । ସୁଧି ପାଠକେ ବିଚାର କରନ୍ତୁ – କେଉଁଟା ସତ, କେଉଁଟା ମିଛ ?

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ଇନ୍ଦ୍ରଧନୁ

ସବିତା ରାଣୀ ସାମଲ

ତୀବ୍ରଗତିରେ ଗଡ଼ି ଆସୁଥିବା ଫୁଟ୍ ବଲଟିକୁ ଗୋଲ୍ ପୋଷ୍ଟ ଆଡ଼େ ଲକ୍ଷ୍ୟ କରି ନିଜର ସମସ୍ତ ବଳ ପ୍ରୟୋଗ କରି କିକ୍ କଲି । ସେଇ ଲାଷ୍ଟ ମିନିଟ୍ ଗୋଲ୍‌ଟି ମୋ ଟିମ୍ ଆଉ ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା । ଅନୁଭବ ହେଉଥିଲା ହଠାତ୍ ଯେମିତି ମୁଣ୍ଡରୁ ଗୋଡ଼ଯାଏଁ ରକ୍ତ ଗୁଡ଼ାକ ଧମନୀରେ କ୍ଷୀପ୍ର ଗତିରେ ପ୍ରବାହିତ ହେବାକୁ ଲାଗିଛି । ସେଇ ସମୟରେ ଖେଳ ସାର ଆସି ପିଠିରେ ହାତ ଥାପୁଡ଼ାଇ ଦେଲେ ଓ କହିଲେ, 'ସୌରଭ ପଟ୍ଟନାୟକ, ବହୁତ ବଢ଼ିଆ ଖେଳିଲ ! ଡ଼ିସେମ୍ବର ୨୫ ତାରିଖରେ ରାଜ୍ୟ ସ୍ତରରେ ଫୁଟ୍ ବଲ୍ ଖେଳ ହେବାକୁ ଯାଉଛି । ଆମ ସ୍କୁଲଟିମରେ ତୁମେ ହେବ ଦଶ ନମ୍ବର ଖେଳାଳୀ । ଆଉ ମାସଟିଏ ରହିଲା । ଖୁବ୍ ପରିଶ୍ରମ କର ।' ଏ କଥା ଶୁଣି ସତେ ଯେପରି ଶୂନ୍ୟ ଆକାଶରେ ରଙ୍ଗବିହୀନ ଜଳକଣାରେ ସୂର୍ଯ୍ୟକିରଣ ପଡ଼ି ସପ୍ତରଙ୍ଗର ରଞ୍ଜିତ ସ୍ୱପ୍ନର ଇନ୍ଦ୍ରଧନୁଟିଏ ସୃଷ୍ଟି ହେଲା ।

ଘରକୁ ଆସି ବହି ବସ୍ତାନି ରଖି ଫୁଟ୍ ବଲଟିକୁ ବାହାର କଲି । ଫୁଟ୍ ବଲଟି ଟିକେ ପୁରୁଣା । ଚାରିପାଞ୍ଚଟି ଯାଗାରେ ସିଲେଇ ହେଲେ ବି କାମ ଚଳିବ । ସାଙ୍ଗମାନେ କହନ୍ତି ମୁଁ ବି କୁଆଡ଼େ ଫୁଟ୍‌ବଲ୍ ଭଳି ଯୋରରେ ଦଉଡ଼େ ଦୂରରେ ଦେଖିଲେ ଲାଗେ ଫୁଟ୍‌ବଲ୍ ଆଉ ମୋ ପାଦ ଲାଗିଯାଇଛି । ସେ ଯାହା ବି ହେଉ ମୁଁ ପ୍ରାକ୍ଟିସ୍ କରିବା ଆରମ୍ଭ କରିଦେଲି । ମୋ ଭିତରେ ଅନେକ ପରିବର୍ତ୍ତନ ଦେଖାଗଲା ଯେମିତିକି ଭାଇ ଭଉଣୀଙ୍କ ସାଙ୍ଗରେ ଝଗଡ଼ା କରୁନଥିଲି ଆଉ କିଛି ବୋଲହାକ କରୁଥିଲି । ସ୍କୁଲ୍ ସରିଲା ପରେ ଖେଳ ସାର୍ ରହି ସବୁବେଳେ ଶିଖାଉଥାନ୍ତି । ସେଦିନ କହିଲେ, 'ଏଠୁ ଆମ ଡ଼ିସେମ୍ବର ୨୩ ତାରିଖରେ ବାହାରିବା । ସେଠି ରହିବା ଖାଇବା ବ୍ୟବସ୍ଥା ହେଇଛି । ହଁ ନିଜ ନିଜ ଜୋତା ଆଣିବାକୁ ଭୁଲିବ ନାହିଁ । ଖାଲି ପାଦରେ ଖେଳିବା ମନା ।'

ଘରର ଅବସ୍ଥା ଜାଣିଥିଲେ ବି ଖାଇଲା ବେଳେ ବୋଉକୁ କହିଲି ମୋର ଜୋତା ହଳେ ଦରକାର । ବୋଉ କହିଲା, 'ବାପା ପ୍ରାଇମେରୀ ସ୍କୁଲ୍ ଶିକ୍ଷକ – ସେଥିରେ ସାତ ଜଣଙ୍କର ଖାଇବା ପିଇବା, ତୁମ ମାନଙ୍କର ପଢ଼ା ଖର୍ଚ୍ଚ, ଜେଜେଙ୍କ ଔଷଧ । କୋଉଠୁ କିଣି ହେବକିରେ ପୁଅ । ଖେଳରେ ମନ ଦେ'ନା, ପାଠ ପଢ଼ାରେ ମନ ଦେଲେ ବଡ଼ ମଣିଷ ହେବୁ । ଦି ପଇସା ରୋଜଗାର କଲେ ଘରର ଅବସ୍ଥା ବଦଳିବ ।' ସେ ମୋ ମନ କଥା ବୁଝୁଥିଲେ ସୁଦ୍ଧା ଚାରା ନାହିଁ । ସୁନେଲି ଖରାଟି ଧିରେ ଧିରେ ପ୍ରଖର ହୋଇଯାଉଥିଲା । ସ୍ୱପ୍ନର ଇନ୍ଦ୍ରଧନୁଟି ଲିଭିବାକୁ ଆରମ୍ଭ କରିଥିଲା । ମନ ଭିତରୁ ଖାଲି କୋହ ଉଠୁଥାଏ । କାହିଁକି ପ୍ରଭୁ ତୁମ ଦରବାର ଏତେ ଛୋଟ । ନିମ୍ନ ମଧ୍ୟବିତ୍ତ ପରିବାରରେ କଣ ସମସ୍ତଙ୍କ ଭାଗ୍ୟରେ ଏଇଆ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ଲେଖା ହୋଇଛି । ପେଟରେ ଭୋକ ମୁହଁରେ ଲାଜ । ଖାଲିଟାରେ ସଂସ୍କାରଙ୍କୁ ଜଗି ରହିଛୁ ସିନା । ପଇସା ଅଭାବ ଥିଲେ ବି ବିପିଏଲ୍ ଚାଉଳରୁ ମୁକ୍ତ । ଛୁଞ୍ଚିଠାରୁ ଛାଞ୍ଚୁଣୀଯାଏଁ ସେଇ ଗୋଟିଏ ରୋଜଗାର ଉପରେ ନିର୍ଭର । ଘରଭଡ଼ା, ପାଣି ଭଡ଼ା, ବିଦ୍ୟୁତ ଭଡ଼ା କୋଉଥିରେ ମାଫ୍ ନାହିଁ ।

କିନ୍ତୁ ମନକୁ ମୁଁ କୌଣସି ପ୍ରକାରେ ବୁଝେଇ ପାରୁନଥିଲି । ଯୋଗକୁ ତା ପରଦିନ ଶ୍ରେଣୀ ସାର୍ ଆସି ଜଣେଇଲେ, 'ଗରିବ ଭତ୍ତା ୧୦୦ ଟଙ୍କା ହିସାବରେ ଗରିବ ଛାତ୍ର ମାନଙ୍କୁ ମିଳିବ । ଇଚ୍ଛୁକ ଛାତ୍ରମାନେ ଫର୍ମ ଭରି ଦାଖଲ କରିବେ ।' ମନ ଯାହା ଚାହେଁ କୌଣସି ବାଟେ ତା'କୁ ହାସଲ କରେ । ଟିକେ ଖରାପ ଲାଗୁଥାଏ । ତଥାପି ଫର୍ମଟିଏ ଆଣିଲି । ଫର୍ମରେ ବାର୍ଷିକ ଆୟ ଉପରେ ଲେଖା ହୋଇଥାଏ । ଜାଣିଶୁଣି ଗାଁରେ ଥିବା ଜମିବାଡ଼ି କଥା ଲେଖିଲିନି । କାହିଁକି ବା ଲେଖିବି ସେଇଠୁ ବା ଆମର କଣ ଆସେ । ଫର୍ମଟି ଦାଖଲ କଲାବେଳକୁ ହାତଟା ଖାଲି ଥରୁଥାଏ । ଠିକ୍ ତିନିଦିନ ପରେ ସାର୍ ମୋତେ ୧୦୦ ଟଙ୍କା ଦେଲେ । ଲାଗୁଥାଏ କୋଟିନିଧି ମିଳିଯାଇଛି । ଜୋତା ଦୋକାନକୁ ଚାଲିଗଲି । ମନ ପସନ୍ଦ ଜୋତାଟିଏ ବି ପାଇଲି । ପାଦକୁ ପୁରା ଫିଟ୍ ହେଉଥାଏ । କିନ୍ତୁ ମୁଁ କିଣିପାରିଲି ନାହିଁ । ଘରକୁ ଫେରି ଆସିଥିଲି । ବାରମ୍ବାର ମୋ ଭିତରୁ କିଏ ଜଣେ କହୁଥାଏ, 'ମୁଁ ଏତେବଡ଼ ଭୁଲ କାମ କେମିତି କଲି । କୋଉ ଗରୀବ ପିଲାର ପାଉଣାକୁ ମିଛ କହି ନେଇ ଆସିପାରିଲି । ଏତେ ଦିନ ଧରି ବାପାଙ୍କଠୁ ଶିଖିଥିବା ଆଦର୍ଶକୁ ସାମାନ୍ୟ ସ୍ୱାର୍ଥ ଲାଗି ବଳି ପକେଇ ଦେଲି ।' ମୋ ମୁଣ୍ଡ ଭିତରେ ସତେ ଯେପରି କଣ ହୋଇ ଯାଉଥାଏ । ନିଜକୁ ଧିକ୍ ମନେ କରୁଥିଲି । ରାତିସାରା ମୁଁ ଆତ୍ମଗ୍ଲାନୀରେ ଶୋଇପାରିଲି ନାହିଁ ।

ତା' ପରଦିନ ସକାଳୁ ଉଠି ମୋର ଦୁନିଆର ସବୁଠୁ ପ୍ରିୟ ଫୁଟ୍‌ବଲ୍‌ଟିକୁ ବାହାରେ ନେଇ ଫୋପାଡ଼ି ଦେଲି । ସ୍କୁଲରେ ସାର୍‌ଙ୍କୁ ସେ ପଇସା ଫେରେଇ ଦେଇଥିଲି ଏଇଆ ଭାବି ଯେ, 'ମୁଁ ବଞ୍ଚିଥିଲା ଯାକ ମୁଁ ଆଉ କେବେ ବି ବାପାଙ୍କ ସମ୍ମାନକୁ ତଳେ ପକେଇ ଦେବିନି ।' ଖେଳରୁ ମୋ ନାଁ ବାହାର କରିବା ପାଇଁ ମନସ୍ଥ କରି ସାରିଥିଲି । ଖେଳ ସାର୍ ଆସିନଥିବାରୁ ଏ କଥା କାହାକୁ କହି ପାରିଲିନି ।

ସେଦିନ ଥିଲା ଡ଼ିସେମ୍ବର ୧୮ ତାରିଖ । ସନ୍ଧ୍ୟାବେଳ ସମୟ । ବାପା କହିଲେ, 'ସୁରୁ ଦେଖିଲୁ ଦାଣ୍ଡ ଘରେ ତୋ ପାଇଁ କଣ ଥୁଆ ହୋଇଛି ।' ଜୋତା ହଳକ ଦେଖି ଆଖିକୁ ବିଶ୍ୱାସ ହେଉନଥାଏ । ଇଏ ସେଇ ହଳକ ଜୋତା ଯେଉଁଟା ମୁଁ ଦୋକାନରେ ଦେଖୁଥିଲି । ବାପା ଏତେ ଅସୁବିଧାରେ ଥାଇ ମଧ୍ୟ ମୋର ସ୍ୱପ୍ନର ଇନ୍ଦ୍ରଧନୁକୁ ପୁଣି ସପ୍ତରଙ୍ଗରେ ଆଙ୍କିବାକୁ ପଛାଇନଥିଲେ । ତାଙ୍କର ବିଶାଳତା ଆଗରେ ମୋ ମସ୍ତକ ଆପେ ଆପେ ନଇଁ ଯାଇଥିଲା ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ଭୂୟାଁବାବୁ ଙ୍କ ରୋଷେଇଘରୁ...!!!

ମୋ ଓଡ଼ିଶା ର ଭାଇ ଓ ଭଉଣୀମାନେ...!!!

ଅପ୍ରେଲ ମାସ ଟି ଆମ୍ଭମାନଙ୍କ ପାଇଁ ସବୁବେଳେ ସ୍ୱତନ୍ତ୍ରତା ର ସୁସମ୍ବାଦ ନେଇଆସେ । ପ୍ରତ୍ୟେକ ସୁସମ୍ବାଦ ରେ ଆମେ ଖୁସି ରେ ଆତ୍ମହରା ହୋଇଉଠିଥାଉ, ଆଉ ସେତେବେଳେ ମନେପଡ଼େ ଗୋଟିଏ କଥା....ମିଠା...ଖଜା...ମିଷ୍ଟାନ୍ନ...!!!

ଏଣୁ ସାହିତ୍ୟ ପତ୍ରିକା 'ଆହ୍ୱାନ' ର ଉତ୍କଳ ଦିବସ ସଂସ୍କରଣ ରେ ଆଜି ଆମେ ଓଡ଼ିଆ ଘରର ପିଠା ବିଷୟ ରେ ଜାଣିବା ।

ମୁଁ ପୁଣିଥରେ ସମସ୍ତ ମିଷ୍ଟାନ୍ନ ପ୍ରେମୀଙ୍କୁ ଶୁଭେଚ୍ଛା ଜଣାଇ ୪ ଗୋଟି ମିଠା ର ପ୍ରସ୍ତୁତି ପ୍ରଣାଳୀ ଏଠାରେ ବର୍ଣ୍ଣନା କରୁଛି ।

## ୧. ସୂଜି କାକରା :



**ଆବଶ୍ୟକୀୟ ଉପାଦାନ :**

ଗୋଟିଏ କପ୍ ସୂଜି , ଗୋଟିଏ କପ୍ ମୋଟା ଚିନି, ଗୋଟିଏ କପ୍ କୋରା ହୋଇଥିବା ନଡ଼ିଆ , ସାଦା ଲୁଣ, ଘିଅ ( ମୁଁ ଡ଼ାଲ୍ଡ଼ା ବ୍ୟବହାର କରିଅଛି ) , କାକରା କୁ ସୁବାସିତ କରିବା ପାଇଁ ୪ /୫ ଟି ଗୁଜୁରାତି ।

**ପ୍ରସ୍ତୁତି ପ୍ରଣାଳୀ :**

ପ୍ରଥମେ କଢ଼ାଇ ଗରମ ହେଲାପରେ ସେଥିରେ କୋରା ହୋଇଥିବା ନଡ଼ିଆ , ଆବଶ୍ୟକୀୟ ପରିମାଣ ର ଚିନି ଏବଂ ଗୁଜୁରାତି ଚୂର୍ଣ୍ଣ କୁ ଭଲଭାବେ ଭାଜି ଦେଇ ଅଲଗା ରଖନ୍ତୁ ଯେପରିକି ସେଥିରେ ଜଳୀୟ ଅଂଶ କିଛି ରହିନଯାଏ ।

ଅନ୍ୟ ଏକ କଢ଼ାଇ କୁ ଗରମ କରି ସେଥିରେ ଦୁଇକପ୍ ପାଣି କୁ ଧିରେ ଧିରେ ଗରମ କରନ୍ତୁ ।

ପାଣି ଗରମ ହୋଇଆସିବା ପରେ ସେଥିରେ ବଳକା ଚିନି, ଟିକିଏ ଲୁଣ ଦେଇ ଫୁଟାନ୍ତୁ ।

ପାଣି ଫୁଟିଆସିଲା ପରେ ସେଥିରେ ସୂଜି କୁ ଧିରେ ଧିରେ ଢ଼ାଳନ୍ତୁ ଏବଂ ଧିରେଧିରେ ,ଅନବରତ ଭାବେ ଘାଣ୍ଟିବାରେ ଲାଗନ୍ତୁ ଯେପରିକି ସେଥିରେ ଗୁଳା ରହିନଯାଏ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ଏହା ଯେତେବେଳେ କଠିନ ହେବାକୁ ଆରମ୍ଭ କରିବ, ସେତେବେଳେ ସେହି କଡ଼ାଇ କୁ ଚୁହ୍ଲା ଉପରୁ ଓହ୍ଲାଇଦିଅନ୍ତୁ ।

କିଛି ସମୟ ପରେ ତାହା  ଟିକେ ଥଣ୍ଡା ହେଲାପରେ ସେଥିରେ ଦୁଇ ଚାମଚ ଘିଅ ପକାଇ ଟିକି ଦଳିଦିଅନ୍ତୁ ।

ସେହି ଦଳାଯାଇଥିବା ସୂଜି କୁ ହାତମୁଠା ରେ ରହିଲା ପରିମାଣ ରେ ନେଇ  ଚକା ଚକା ଗୁଳା କରନ୍ତୁ ।

କ୍ରମାନ୍ୱୟରେ , ଗୋଟିଏ ଗୋଟିଏ ଗୁଳା କୁ ଅର୍ଦ୍ଧ କନ୍ଦୁକ ଆକାର ର କରି ସେଥିରେ ପ୍ରଥମ ସୋପାନ ରେ ପ୍ରସ୍ତୁତ କରାଯାଇଥିବା ନଡ଼ିଆ କୋରା ପାଗ କୁ ପୁର ଭଳି ରଖି ଚାରିପଟୁ ଅତି ସନ୍ତର୍ପଣ ରେ  ତାକୁ ନିବୁଜ କରିରଖନ୍ତୁ ।

ଗୋଟିଏ ବେଲଣା ବାଡ଼ି ନେଇ ସେହି ଗୁଳା ଗୁଡିକୁ  ୮/୧୦ ସେମି ବ୍ୟାସାର୍ଦ୍ଧ ପରିମିତ ର ଏକ ବୃତ୍ତ ଭଳି ଆକାର କରି ରଖନ୍ତୁ । ବର୍ତ୍ତମାନ, ଘିଅ ଆବଶ୍ୟକୀୟ ପରିମାଣ ରେ ନେଇ ଉତ୍ତମ ରୂପେ ଗରମ କରନ୍ତୁ ।

ଘିଅ ଗରମ ହେଲାପରେ ଗୋଟିଏ ପରେ ଗୋଟିଏ  ସେହି ବୃତ୍ତାକାର ସୂଜିପାଗ କୁ ଛାଣନ୍ତୁ ।

ଉଭୟ ପଟ କୁ  ୨/୩ ଥର ଲେଉଟାଇ ଛାଣି ଦିଅନ୍ତୁ ।

ଥରେ ଏହା ତାମ୍ରବର୍ଣ୍ଣ ଧାରଣ କଲେ, ତାକୁ କଡ଼ାଇ ରୁ ବାହାର କରି ତେଲ ରୁ ଅଲଗା କରି ରଖନ୍ତୁ ।

ବର୍ତ୍ତମାନ , ଆପଣଙ୍କ ର ସୂଜି କାକରା ପ୍ରସ୍ତୁତ ହୋଇଗଲା ।

ଏହି ପିଠା ଟି ସ୍ୱତନ୍ତ୍ର ପର୍ବ ଓ ପର୍ବାଣୀ ରେ ପ୍ରସ୍ତୁତ କରାଯାଇଥାଏ ।

## ୨. ଛେ ନା ପୋ ଡ଼ :

**ଆବଶ୍ୟକୀୟ ଉପାଦାନ :**

ସଜ ଛେନା ୫ କପ୍ , ସୂଜି ଅଧାକପ୍ , ଚିନି ୨କପ୍, କାଜୁ ୧୦/୧୨ ଟି, ଗୁଜୁରାତି ୫/୭ ଟି ଓ ୨ଚାମଚ ଘିଅ ।




**ପ୍ରସ୍ତୁତି ପ୍ରଣାଳୀ :**

ସଜଛେନା , ସୂଜି, ଗୁଜୁରାତି ଚୂର୍ଣ୍ଣ ସବୁକୁ  ଚିନିସହ ଉତ୍ତମ ରୂପେ ମିଶାଇ ଦିଅନ୍ତୁ  । ଗୋଟିଏ  ଓସାରିଆ ମୁହାଁ ପାତ୍ର ରେ ଘିଅ ପକାଇ ଗରମ କରନ୍ତୁ ।

ଘିଅ ଗରମ ହେଲାପରେ ଏହି ଛେନାମିଶ୍ରଣ କୁ ସେହି ପାତ୍ର ରେ ପକାଇ ଦିଅନ୍ତୁ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ଉପରେ କାଜୁ ଚିତ୍ର ରେ ଦେଖାଯାଉଥିବା ଭଳି ସଜାଇପାରନ୍ତି ।

ଏହାକୁ ରୁଦ୍ଧଚୁଲ୍ଲା ରେ ୪୫ ରୁ ୫୦ମିନିଟ୍ ପର୍ଯ୍ୟନ୍ତ ସାଧାରଣ ଉତ୍ତାପରେ ରଖି ଗରମ କରନ୍ତୁ ।

ତାପରେ ସେହି ପାତ୍ର କୁ ବାହାର କୁ ଆଣି ତାକୁ ଥଣ୍ଡା ହେବାକୁ ପର୍ଯ୍ୟାପ୍ତ ସମୟ ଦିଅନ୍ତୁ ।

ଏହା ହେଉଛି ଛେନାପୋଡ଼ କରିବାର ସହଜ ପ୍ରସ୍ତୁତି ।

## ୩. ପୋ ଡ଼ ପି ଠା :




**ଆବଶ୍ୟକୀୟ ଉପାଦାନ :**

ବିରି ୩ କପ୍ , ଚାଉଳ ୩ କପ୍, ଗୁଜୁରାତି ୫/୬ ଟି, ନଡ଼ିଆ କୋରା ୧ କପ୍, ଦାନ୍ତ ଆକାର ର ସରୁ ସରୁ କଟା ହୋଇଥିବା ନଡ଼ିଆ ୧ କପ୍, ଗୁଡ଼ ୩କପ୍ , ଦୁଇ ଚାମଚ ଘିଅ ଏବଂ ଆବଶ୍ୟକ ଅନୁପାତ ରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ :**

୪/୫ ଘଣ୍ଟା ପୂର୍ବରୁ ବତୁରା ଯାଇଥିବା ବିରି ଏବଂ ଚାଉଳ କୁ ସକାଳେ ପେଷଣା ରେ ଅତି ଉତ୍ତମ ରୂପେ ଦଳି ଗୋଟିଏ ବହଳା ପେଷ୍ଟ ତିଆରି କରନ୍ତୁ । ଏହି ପେଷଟ୍ ରେ ଅଳ୍ପଲୁଣ ଭଲରେ ମିଶାଇ ଗୋଟିଏ ଉଷୁମ ଓ ନିବୁଜ ସ୍ଥାନ ରେ ୬/୮ ଘଣ୍ଟା ପାଇଁ ଯତ୍ନ ରେ ରଖିଦିଅନ୍ତୁ ।

ତାପରେ ସେଥିରେ ନଡ଼ିଆ କୋରା, ନଡ଼ିଆ ଗଡ଼ି, ଗୁଡ଼ ଓ ଗୁଜୁରାତି ଚୂର୍ଣ୍ଣ ମିଶାଇ , ଉତ୍ତମ ରୂପେ ଘାଣ୍ଟନ୍ତୁ ।

ଗୋଟିଏ ଓସାରିଆ ମୁହାଁ ପାତ୍ର ରେ ଘିଅ ପକାଇ ଗରମ କରନ୍ତୁ ।

ଘିଅ ଗରମ ହେଲାପରେ ଏହି ବିରି ଚକୁଟା କୁ ସେହି ପାତ୍ର ରେ ପକାଇ ଦିଅନ୍ତୁ ।

ଉପରେ ଚିତ୍ର ରେ ଦେଖାଯାଉଥିବା ଭଳି ନଡ଼ିଆ ଗୁଣ୍ଡ ସଜାଇପାରନ୍ତି । (ମୁଁ ବାଦାମ୍ ନେଇଛି )

ଏହାକୁ ରୁଦ୍ଧଚୁଲ୍ଲା ରେ ୪୫ ରୁ ୫୦ମିନିଟ୍ ପର୍ଯ୍ୟନ୍ତ ମଧ୍ୟମ ଉତ୍ତାପରେ ରଖି ଗରମ କରନ୍ତୁ ।

ତାପରେ ସେହି ପାତ୍ର କୁ ବାହାର କୁ ଆଣି ତାକୁ ଟିକେ ଥଣ୍ଡା ହେବାକୁ ଦିଅନ୍ତୁ ।

ଏହା ହେଉଛି ପୋଡ଼ପିଠା କରିବାର ସହଜ ପ୍ରସ୍ତୁତି ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

## ୪. ଖ ଜା :




**ଆବଶ୍ୟକୀୟ ଉପାଦାନ :**

୪ କପ୍ ମଇଦା, ୧ କପ୍ ଚିନି, ପର୍ଯ୍ୟାପ୍ତ ପରିମାଣ ରେ ଘିଅ, ୫/୭ ଟି ଗୁଜୁରାତି ଏବଂ ଆବଶ୍ୟକ ଅନୁପାତ ରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ :**

ପ୍ରଥମେ ୩କପ୍ ମଇଦା ରେ ଅଧାକପ୍ ଘିଅ ପକାଇ ଭଲଭାବେ ମିଶାଇ ସେଥିରେ ଆବଶ୍ୟକ ପରିମାଣ ର ଜଳ ଦେଇ ଭଲ ରୂପେ ଦଳିନିଅନ୍ତୁ ।

ଏହି ଦଳା ଯାଇଥିବା ମଇଦା କୁ ବେଲି ଗୋଟିଏ ଆୟତାକାର ବଡ଼ ଲମ୍ବା ରୋଟି ତିଆରି କରନ୍ତୁ ।

ସେହି ଆୟତାକାର ବଡ଼ ଲମ୍ବା ରୋଟି ଉପରେ , ବଳକା ମଇଦା ଓ ଘିଅ କୁ ଭଲ ରୂପେ ମିଶାଇ ଲେସିଦିଅନ୍ତୁ ।

ବର୍ତ୍ତମାନ ସେହି ଲମ୍ବାରୋଟି କୁ ଗୋଟିଏ ପଟରୁ ଗୁଡ଼ାଇବାକୁ ଆରମ୍ଭ କରନ୍ତୁ ।

ଗୁଡ଼ାଇସାରିଲା ପରେ, ତାକୁ ଦୁଇ / ତିନି ଆଙ୍ଗୁଳ ଦୈର୍ଘ୍ୟ ରେ ଗଡ଼ ଗଡ଼ କରି କାଟିଦିଅନ୍ତୁ ।

ପ୍ରତ୍ୟେକ ଗଡ଼ କୁ ବେଲଣା ରେ ମଡ଼େଇ ଟିକେ ଲମ୍ବା କରିଦିଅନ୍ତୁ ।

ଏହି ଗଡ଼ି ସବୁ କୁ ଘିଅ ରେ ଭଲରୂପେ ଖଡ଼ଖଡ଼ିଆ କରି ଛାଣି ଦିଅନ୍ତୁ ।

ଏହି ଛଣା କୁ ଚିନିଶିରା ରେ ବୁଡ଼ାଇ ବାହାର କରିନିଅନ୍ତୁ ।

କିଛିସମୟ ଥଣ୍ଡା ହେଲାପରେ ଏହାକୁ ଖାଇ ଦେଖନ୍ତୁ ଖଜା ର ମଜା !!!

(ଚିନିଶିରା – ସମପରିମାଣ ର ଚିନି ଓ ପାଣି ନେଇ ଗରମ କରନ୍ତୁ । ଚିନିଶିରା ବହଳା ହେଲାବେଳକୁ ଏଥିରେ ଗୁଜୁରାତି ଚୂର୍ଣ୍ଣ ପକାଇ ଭଲରୂପେ ଗୋଳିଦିଅନ୍ତୁ ।)

ବର୍ତ୍ତମାନ୍ ଏହି ଚାରିଗୋଟି ମିଷ୍ଟାନ୍ନ ପ୍ରସ୍ତୁତ କରନ୍ତୁ ଏବଂ ନିଜର ବନ୍ଧୁ ଓ ପରିବାର କୁ ଖୁଆଇ ବାହାବା ନିଅନ୍ତୁ ।

ଅଧିକ ଜାଣିବା ପାଇଁ http://aahwaan.com/bhunyabaabu/category/recipe/ ଦେଖନ୍ତୁ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



# ଆମ ଗାଁ ହାଲଚାଲ

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଗାଁ ବସଷ୍ଟାଣ୍ଡ ଉପରେ ରଘୁଆର ପାନ ଦୋକାନ ସାମନାରେ ବସି ହରି, ବୁଲୁ, ଘନ ଆଉ କୁନା କଥା ହେଉଥିଲେ । ଆମ ଗାଁ ମାଷ୍ଟ୍ରେ ଏତେ ବର୍ଷ ହେଲା ଆମ ଗାଁକୁ ଆସି ଆମ ସମସ୍ତଙ୍କୁ ପାଠ ପଢ଼େଇଲେ, ହେଲେ ନିଜ ଜୀବନରେ ପାଇଲେ କଣ ? ନବ ଭାଇନାର ପୁଅଟାକୁ ଗଧ ଗଧ ବୋଲି ଡ଼ାକୁଥିଲେ, ଏବେ ସିଏ ବି ମାଷ୍ଟ୍ରଙ୍କଠୁ ଅଧିକ ପଇସା ପାଇଲାଣି । ମାଷ୍ଟ୍ରେ କହୁଥିଲେ ତା ଦେଇ କିଛି ହେବନି, ହେଲେ ଦେଖ ଏବେ ସେ ରାଜଧାନୀରେ କୋଠା ମଡ଼େଇଲାଣି । ରାଧୁ ପଣ୍ଡିତଙ୍କ ପୁଅ ଦୁବେଇ ଯାଇକି ଏତେ ଟଙ୍କା ପଠେଇଲାଣି ଯେ ତା ବୋପା ଗଣିବା ଜାଣିନି । ରଘୁଆ ପାନ ଭାଙ୍ଗୁ ଭାଙ୍ଗୁ କହିଲା, 'ହଇରେ, ତୁମ ଶଳାମାନଙ୍କୁ ଆଉ କିଛି କାମ ନାହିଁ ? ହଁ ? ମାଷ୍ଟ୍ରେ ଭଳିଆ ଦେବତା ପୁରୁଷକୁ ସେ ଚୋର ମାନଙ୍କ ସହ ତୁଳନା କରୁଚ ? ଛି ? ସେଇ ମାଷ୍ଟ୍ରେ ଥିବାରୁ ନୋକା ଭାଇର ପୁଅ ଏବେ ବରହ୍ମପୁରରେ କଲେଜରେ ମାଷ୍ଟ୍ର ହେଇଛି । ସଁତ ଭାଇନାର ପୁଅ ଇଞ୍ଜିନିୟର୍ ହେଇଛି । କାଳୁର ପୁଅ ଗାଁରେ ଥିଲେ କ୍ଷୁର କରିଥାନ୍ତା, ଏବେ ରାଜଧାନୀରେ ଚାକିରୀ କରୁଚି । ସେ ସବୁ ଆଉ ଦିଶୁନି ?'

ହରି କହିଲା, 'ବୁଝିଲୁ ରଘୁଆ, ତୁ କହ । ସଭେଁତେ ସବୁ ହେଲେ ବି ମାଷ୍ଟ୍ରେ କଣ ହେଲେ ? ସେଇ କପର୍ଦ୍ଦକଶୂନ୍ୟ !!!' ସମସ୍ତେ ଫେଁ କିନା ହସିଦେଲେ । ରଘୁଆ ଗମ୍ଭୀର ହୋଇ କହିଲା, 'ମାଷ୍ଟ୍ରେ ଆଜ୍ଞା ପୂଣ୍ୟ ପାଇଲେ । ତାଠୁ ବଡ଼ କଥା ଆଉ କଣ ଅଛି ।' ସବୁ ସେଇଠୁ ଉଠିଲେ । ସ୍କୁଲ୍ ଛୁଟି ହେଲାଣି । ପିଲାମାନେ ସବୁ ନିଜ ନିଜ ଘରକୁ ଫେରିଲେଣି । ମାଷ୍ଟ୍ରେ ନିଜ ସେଇ ପୁରୁଣା ସାଇକେଲ୍‌କୁ ଧରି ଚାଲିଲେ । ରଘୁଆ ପାନ ଦୋକାନ ପାଖରେ ସାଇକେଲରୁ ଓହ୍ଲାଇ ବସିପଡ଼ିଲେ । ରଘୁଆ ମାଷ୍ଟ୍ରଙ୍କ ମନପସନ୍ଦ ପାନ ତିଆରି କରି ବଢ଼େଇଦେଲା । ମାଷ୍ଟ୍ରେ ପାନଟା କଳରେ ଦେଇ ଉଠି ପଡୁଥିଲେ, ରଘୁଆ କହିଲା, 'ମାଷ୍ଟ୍ରେ ଗୋଟେ କଥା ମନକୁ ଆସୁଥିଲା । ବୋଇଲେ, ମନକୁ ନବନି ବୋଇଲେ କହିବି ।'

ମାଷ୍ଟ୍ରେ ହସିଦେଇ କହିଲେ, 'କହ ।'

'ହଇହେ ମାଷ୍ଟ୍ରେ, ତମେ ଆମ ଗାଁରେ ତିରିଶିବର୍ଷ ହେଲାଣି ମାଷ୍ଟ୍ର ହେଇଚ । ତମେ ପଢ଼େଇଥିବା ପିଲାମାନେ ଇଞ୍ଜିନିୟର୍, ମାଷ୍ଟ୍ର ଆଉ କେତେ କିସ ହେଲେଣି । ହେଲେ ତମେ ଯୋଉ ଗରୀବକୁ ସେଇ ଗରୀବ । ତମ ମନ କରୁନି, ବେଶୀ ଟଙ୍କା ଅର୍ଜିବା ପାଇଁ ? ରଘୁନାଥପୁର ଶାସନରେ ହରିପଣ୍ଡାଙ୍କ ପୁଏ ପିଲାମାନଙ୍କୁ ଘରେ ପାଠ ପଢ଼େଇ ମାସକୁ ଛ'କୋଡ଼ି ଅର୍ଜୁଚି, ତମେ ଆପଣେ ସେମିତି କରୁନ ? ମାସକୁ ଦି ଚାରି କୋଡ଼ି ଅଧିକ ମିଳିଲେ, ଜମିଜମା ଖଣ୍ଡେ କରନ୍ତନି ?' ରଘୁଆ ଏକା ନିଃଶ୍ୱାସରେ କହି ପକାଇଲା ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ମାଷ୍ଟ୍ରେ ହସିଦେଇ କହିଲେ, 'ହୁଁ, ତୁ ସତ କହୁଛୁରେ ରଘୁଆ । ମୋ ଛାତ୍ରଛାତ୍ରୀମାନେ କିଏ କଣ କଣ ସବୁ ହେଲେଣି, ମୁଁ ସେଇ ମାଷ୍ଟ୍ର ହେଇ ରହିଗଲି । ଟଙ୍କାପଇସା ନେଇ କରିବି କଣ ? ମୋର ପିଲାଝିଲା ତ କେହି ନାହାନ୍ତି ।' ମାଷ୍ଟ୍ରଙ୍କ ଆଖିରେ ଲୁହ ଜକେଇ ଆସୁଥିଲା । ଏଇ ଗାଁରେ ଯେତେବେଳେ ମାଷ୍ଟ୍ରେ ନୂଆ ନୂଆ ଆସିଥିଲେ, ବାହାହେଇ ମାଷ୍ଟ୍ରାଣୀଙ୍କୁ ଧରି ଆସିଥିଲେ । ହେଲେ ସେଇ ସମୟରେ ଏମିତି ହଇଜା ବ୍ୟାପିଲା ଯେ ମାଷ୍ଟ୍ରଙ୍କର ଗୋଟେ ଝିଅ ସେଥିରେ ଚାଲିଗଲା । ଗାଁ ଛାଡ଼ି ପଳେଇବାକୁ ଜିଦ୍ ଧରି ମାଷ୍ଟ୍ରାଣୀ ମଧ୍ୟ ଝିଅ ଦୁଃଖରେ ପଛେ ପଛେ ଚାଲିଗଲେ । ସେହି ଦିନୁ ମାଷ୍ଟ୍ରେ ଗାଁ ପିଲାଙ୍କୁ ନିଜ ପିଲା କରିନେଲେ । କାହାକୁ ସ୍ନେହରେ କମ୍ କରିନାହାନ୍ତି । ସତ କଥା ସେ ଟଙ୍କା ପଇସା କାହା ପାଇଁ ରୋଜଗାର୍ କରିବେ ? ଖାଇବ କିଏ ? ନା ସ୍ତ୍ରୀ ଅଛି ନା ଝିଅ । ମାଷ୍ଟ୍ରେ ସାଇକେଲ୍ ଗଡ଼େଇ ଗାଁ ଆଡ଼କୁ ଚାଲିଲେ ।

ରବିବାର ଅପରାହ୍ନ, ଗାଁରେ ସବୁ ଖାଇ ପିଇଦେଇ ନିଜ ନିଜ ବାରନ୍ଦାରେ ଗଡୁଛନ୍ତି । ସଞ୍ଜବେଳକୁ କୋଠଘରେ କୀର୍ତ୍ତନ ହେବ । ରଘୁ ପୁରୋହିତଙ୍କ ପୁଅ, କୋଠଘର ବାହାରେ ବସି ନଡ଼ିଆ କୋରୁଚି । ତେଲି ଦୋକାନରୁ କଦଳୀ ଦି'ଟା, ନବାତ ଆଠଣାର ଆଣିସେଥିରେ ପକେଇ ଦେଇଛି । ମାଷ୍ଟ୍ରେ ସବୁଦିନ ଭଳି ନିଜ ପିଣ୍ଡାରେ ବସି ଢୁଳେଇ ଢୁଳେଇ କିଛି ପିଲାଙ୍କୁ ଗଣିତ ପଢ଼ଉଚନ୍ତି । ମାଷ୍ଟ୍ରେ ପଢ଼ଉ ପଢ଼ଉ ହଠାତ୍ କଚାଡ଼ି ହୋଇ ପିଣ୍ଡାତଳକୁ ପଡ଼ିଗଲେ । ପିଲାମାନେ ମାଷ୍ଟ୍ରଙ୍କୁ ଟେକାଟେକି କରି ପିଣ୍ଡାରେ ବସେଇଲେ, ହେଲେ ମାଷ୍ଟ୍ରଙ୍କ ଚେତା ନଥିଲା । ବଡ଼ବଡ଼ିଆ ଦି ଚାରିଜଣ ଆସିଲେ । ମୁହଁରେ ପାଣି ଛାଟି କରି ଦେବାପରେ ଚେତା ଆସିଲା । କେମିତି ପଡ଼ିଗଲ ହେ ମାଷ୍ଟ୍ରେ ବୋଲି ଘନ ଅଜା କହିବା ପରେ ମାଷ୍ଟ୍ରେ ତା ମୁହଁକୁ ଚାହିଁ ରହିଲେ ଆଉ କହିଲେ, 'ଜାଣିନି । ମୁହଁଟା ବୁଲେଇ ଦେଲା ।' ପିଲାମାନଙ୍କୁ ବିଦା କରିଦେଇ, ମାଷ୍ଟ୍ରଙ୍କୁ ପିଣ୍ଡାରେ ମସିଣା ପକେଇ ଶୁଆଇ ଦିଆଗଲା ।

ସଞ୍ଜବେଳକୁ କାଳୀ କମ୍ପାଣ୍ଡର ଆସି ମାଷ୍ଟ୍ରଙ୍କୁ ଦେଖି କହିଲା, ବ୍ଲଡ୍ ପ୍ରେସର୍ ବେମାରୀ ଭଳି ଲାଗୁଛି । ଉଚ୍ଚ ରକ୍ତଚାପ ହେଇ ଯାଇଛି । ତେଣୁ ମୁହଁ ବୁଲେଇ ଦେଲା । ସେ ଯା ହେଉ ସେ କଣ ଗୋଟେ ଇଞ୍ଜେକ୍ସନ୍ ଦେଇ ଚାଲିଗଲା । ରାତିରେ ମାଷ୍ଟ୍ରଙ୍କ ଘରେ ଜଗିବା ପାଇଁ ଚାରିଜଣ ଛାତ୍ର ଯୋଗାଡ଼ କରାଗଲା । ଅବଶ୍ୟ ଏହାପରେ ଆଉ ଅସୁବିଧା ହେଇନି, ହେଲେ ଗାଁ ଲୋକ ଦେଖୁଥିଲେ ମାଷ୍ଟ୍ରେ ସତେ ଯେମିତି ହଠାତ୍ ବୁଢ଼ା ହେଇ ଯାଇଥିଲେ । ଆଉ ବେଶୀ କଥାବାର୍ତ୍ତା କରୁନଥିଲେ । ସ୍କୁଲକୁ ଘର ଯାହା ହେଉଥିଲେ । ତା'ପରେ ତାଙ୍କୁ କେହି ଦେଖିବାକୁ ପାଉନଥିଲେ । ଘର ପିଣ୍ଡାରେ ବି ବେଶୀ ବସାଉଠା କରୁନଥିଲେ ।

ରଘୁଆ ଦୋକାନ ଆଗରେ ବସି ସବୁ ଗପ କରୁଥିଲା ବେଳେ ହରି କହୁଥିଲା, 'ମାଷ୍ଟ୍ର ବୁଢ଼ାଟା କୋଉ ମୁହୂର୍ତ୍ତରେ ଚାଲିଯିବ ଭଳି ଲାଗୁଚି । ଦେହ ପା ଜମା ଭଲ ରହୁନି । କୋଉ ଗାଁ ଲୋକ ସିଏ କେଜାଣି । ସିଏ ଚାଲିଗଲେ ତା ସତ୍କାର କିଏ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

କରିବ ?' ବନ କହିଲା, 'କୋଉ ଗାଁ ବୋଇଲେ କିସ ? ସିଏ ତ ଆମ ଗାଁରେ ତିରିଶି ବର୍ଷ ହେଲାଣି ଅଛନ୍ତି, ତେଣୁ ଆମ ଗାଁ ଲୋକ, ଯାହା କରିବା ଆମେ ହିଁ କରିବା ନା ।' ରଘୁଆ କହୁଥିଲା, 'ଯାହେଲେ ବି ତାଙ୍କର ଭାଇପୁଞ୍ଜା କୋଉଠି ଥିବେ ଯଦି ? ଆମେ ମାଷ୍ଟ୍ରଙ୍କୁ ପଚାରିଦେଲେ ଭଲ ହେବ । ଯଦି କେହି ଅଛନ୍ତି ତାଙ୍କୁ ତାର(ଟେଲିଗ୍ରାମ) କରିଦେଲେ ସେମାନେ ଆସିବେ ପରା ।'

ଖରାଦିନ ହେଇଗଲା । ସ୍କୁଲ୍ ଛୁଟି । ମାଷ୍ଟ୍ରେ ଏବେ ଟିକେ ନିଃଶ୍ୱାସ ମାରିବାକୁ ସମୟ ପାଇଲେ । ସେ ଯା ହେଉ ଛୁଟି ଟା ଭିତରେ ମାଷ୍ଟ୍ରେ ପୁରା ଠିକ୍ ହେଇଗଲେ । ଏବେ ସେ ପୁଣି ଆଗଭଳି ସାଇକେଲ୍ ମାରି ଗାଁ ଗାଁ ଯାଉଥିଲେ । ରଘୁଆ ଦୋକାନର ପାନ ଖାଉଥିଲେ । ରବିବାର ସଞ୍ଜରେ କୀର୍ତ୍ତନରେ ଗାଉଥିଲେ । ଶ୍ରାବଣ ମାସଟା ଆସୁ ଆସୁ ସବୁ ବଦଳି ଯାଇଥିଲା । ମାଷ୍ଟ୍ରେ ସତେ ଯେମିତି ନୂଆ ହେଇଯାଇଥିଲେ । ସେଇ ବର୍ଷ ଗାଁ ସ୍କୁଲକୁ ନୂଆ ମାଷ୍ଟ୍ରଜଣେ ଆସିଲେ । ସିଏ ଟୋକା ଲୋକ, ତେଣୁ ଅଧିକାଂଶ ଦିନ ସ୍କୁଲ ଆସନ୍ତି ନାହିଁ । ମାଷ୍ଟ୍ରେ କେବେ କିଛି କହନ୍ତି ନି । ଗାଁ ପିଲେ ନୁଆ ମାଷ୍ଟ୍ରଙ୍କ ଚାଲିଚଳଣିରେ ଖୁଶିନଥିଲେ । କିଏ କିଏ ଦାବୀ କଲେ ଯାଇ ଅଭିଯୋଗ କରିବା ପାଇଁ । କାର୍ଜି କରଣ ଏ କଥାକୁ ନେଇ ଚର୍ଚ୍ଚା କରୁଥିଲେ । ଗାଁ ମଝି ମଣ୍ଡପ ଉପରେ ସବୁ ବସି କଥା ହେଉଥିଲେ, ସଞ୍ଜ ବେଳକୁ କରଣ ଆଜ୍ଞା ମାଷ୍ଟ୍ରଙ୍କୁ କହୁଥିଲେ, 'ସେ ନୂଆ ଟୋକାକୁ ଆପଣ ଟିକେ କିଛି କୁହନ୍ତୁ । ଏକା ଆପଣଙ୍କ ଉପରେ ସବୁ ଦାୟିତ୍ୱ ଦେଇ ସେ କାହିଁକି ଆସୁନାହାନ୍ତି । ଯଦି ସେ ଏମିତି ସବୁଦିନ କରିବେ ତ ଆମେ ଯାଇ ସ୍କୁଲ୍ ଡ଼ିଆଇ ଅଫିସରେ ଅଭିଯୋଗ କରିବୁ ।'

ମାଷ୍ଟ୍ରେ ହସିଦେଇ କହିଲେ, 'ପିଲାଲୋକ ତେଣୁ ବୋଧ ହୁଏ ଏବେ ନୂଆ ନୂଆ ପାଠ ପଢ଼େଇବାରେ ମନ ଲାଗୁନି । ଧିରେ ଧିରେ ସବୁ ଠିକ୍ ହେଇଯିବ । ମୁଁ ଆଉ କେତେ ଦିନ ରହିବି । ଦିନେ ନା ଦିନେ ମୋତେ ତ ଚାକିରୀରୁ ବାହାରିବାକୁ ପଡ଼ିବ ନା । ତା'ପରେ ସେ ହିଁ ସବୁ କଥା ବୁଝିବ ।'

ନୂଆ ମାଷ୍ଟ୍ରେ ଯେତେ ଯାହା କଲେ ବି ଗାଁ ମାଷ୍ଟ୍ରେ ତା'ର ସବୁ ଦୋଷଦୁର୍ଗୁଣକୁ ଘୋଡ଼େଇବାକୁ ଲାଗିଲେ । ହେଲେ ନୂଆ ମାଷ୍ଟ୍ରଙ୍କ ବିରୁଦ୍ଧରେ ଗାଁରେ ଲୋକ ମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାକୁ ଲାଗିଲା । ଏଇ କଥାକୁ ନେଇ ନୂଆ ମାଷ୍ଟ୍ରେ ଆଉ ଗାଁ ମାଷ୍ଟ୍ରେଙ୍କ ମଧ୍ୟରେ କଥା କଟାକଟି ପର୍ଯ୍ୟନ୍ତ କଥା ଗଲା । ନୂଆ ମାଷ୍ଟ୍ରେ କାଳେ ଡ଼ିଆଇଙ୍କ ପାଖ ଲୋକ ତେଣୁ ସେ କଥା କଥାରେ ମାଷ୍ଟ୍ରଙ୍କୁ ଧମକାଇବାକୁ ପଛାଇଲେ ନାହିଁ । ହେଲେ ମାଷ୍ଟ୍ରେ ନିରବ ରହିବାର କାରଣ କେହି ଖୋଜି ପାଇଲେ ନି ।

କାର୍ତ୍ତିକ ମାସ ଚାଲିଥିଲା । ଗାଁରେ ଭାରୀ ବଡ଼ ପର୍ବ । ପୂର୍ଣ୍ଣିମା ପାଇଁ ସବୁ ଆୟୋଜନ ଚାଲିଥିଲା । ଗାଁ ପିଲେ ସବୁବର୍ଷ ମାଷ୍ଟ୍ରଙ୍କ ପାଖକୁ ଆସି କଣ କେମିତି ସବୁ ହୁଏ ସେ ବିଷୟରେ ବୁଝା ବୁଝି କରନ୍ତି । ଗାଁରେ କାର୍ଜି କରଣଙ୍କ ପରେ ମାଷ୍ଟ୍ରେ ହେଲେ ସବୁଠୁ ବେଶୀ ଜାଣିବା ଲୋକ । ତେଣୁ ସବୁ ତାଙ୍କୁ ଖୁବ୍ ମାନନ୍ତି । ହେଲେ ଯେବେଠୁ ନୂଆ ମାଷ୍ଟ୍ର ଆସିଚନ୍ତି, ଗାଁ

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ପିଲାଙ୍କ ସହ ବେଶୀ ବସାଉଠା, ହେଁ ହେଁ ଫେଁ ଫେଁ ଦେଖି ଗାଁ ମାଷ୍ଟ୍ରେ ବୁଝେଇବାକୁ ଚେଷ୍ଟା କରିଛନ୍ତି ହେଲେ ସେ ଶୁଣିବା ପକ୍ଷରେ ନାହାନ୍ତି । ସେଇ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପିଲାମାନେ ଆଉ ମାଷ୍ଟ୍ରଙ୍କ ଘରକୁ ଆସିନଥିଲେ । ସେମାନେ କୁଆଡ଼େ ନୂଆ ମାଷ୍ଟ୍ରଙ୍କ ପାଖକୁ ଯାଇଥିଲେ ବୋଲି ମାଷ୍ଟ୍ରେ ଶୁଣିଲେ ।

ବୋଇତ ଭସାଣି ଛୁଟିକୁ ଆହୁରି ସାତଆଠ ଦିନ ଅଛି । ସେଦିନ ସ୍କୁଲରେ ସାନ ମାଷ୍ଟ୍ରେ ବଡ଼ ମାଷ୍ଟ୍ରେଙ୍କୁ ଅନେକ କଟୁ ଭାଷାରେ କଥା କହିଥିବା ସବୁ ଛାତ୍ରଛାତ୍ରୀମାନେ ଶୁଣିଲେ । ମାଷ୍ଟ୍ରେ ପ୍ରଥମଥର ଜୀବନରେ ସ୍କୁଲ ଚାଲୁଥିବା ସମୟରେ ଘରକୁ ଚାଲିଆସିଲେ । କାର୍ଜିଏ କଥା କଣ ବୁଝିବା ପାଇଁ ମାଷ୍ଟ୍ରଙ୍କ ଘରକୁ ଯାଇଥିଲେ, ହେଲେ କବାଟ ବାଡ଼େଇବା ପରେ ବି ସେ ଖୋଲିଲେ ନାହିଁ । ସଞ୍ଜ ଯାଇ ସକାଳ ହେଲା । ସବୁଦିନ ପରି ମାଷ୍ଟ୍ରେ ସକାଳୁ ସକାଳୁ ଉଠି କରଣ ଘର ଦୁଆରେ ଥିବା ଟଗର ଫୁଲ ଗଛରୁ ଫୁଲ୍ ତୋଳିବା ପାଇଁ ଗଲେନି । କଥା କଣ ଜାଣିବା ପାଇଁ କରଣେ ମାଷ୍ଟ୍ରେଙ୍କ ଘରକୁ ଆସିଥିଲେ । ହେଲେ ସେତେବେଳକୁ ସବୁ ସରି ଯାଇଥିଲା । ମାଷ୍ଟ୍ରେଙ୍କ ଶରୀର ନୀଳ ପଡ଼ିଯାଇଥିଲା । ନିଶ୍ଚଳ ଶରୀର ଖଟିଆ ଉପରେ ଆକାଶକୁ ଆଁ କରି ଅନେଇ ରହିଥିଲା । ଖଟ ପାଖରେ ମାଷ୍ଟ୍ରଙ୍କ ବହିଖାତାର ଥାକ, ତା'ଉପରେ ଥିଲା ଗୋଟିଏ ଚିଠି ।

କରଣ ଆଜ୍ଞା ଚିଠିଟା ଖୋଲି ଦେଖୁଥିଲେ, ମାଷ୍ଟ୍ରେ ଲେଖିଥିଲେ ରଘୁଆକୁ...

ରଘୁଆ,

ତୁ ଦିନେ ପଚାରିଥିଲୁ, ମୁଁ ଜୀବନରେ କଣ ପାଇଲି ? ସତରେ ମୁଁ କିଛି ପାଇନି । ଭଗବାନ ନିଷ୍ଠୁର ଥିଲେ, ତେଣୁ ମୋ ସ୍ତ୍ରୀ ଆଉ ଝିଅକୁ ମୋଠୁ ଅଲଗା କରିଦେଲେ । ହେଲେ ତମ ଗାଁକୁ ମୁଁ ମୋ ନିଜ ଗାଁ ବୋଲି ଭାବି ନେଇ ଗାଁ ଲୋକଙ୍କୁ ଭାଇବନ୍ଧୁ କଲି, ପିଲାଙ୍କୁ ମୋ ନିଜ ପିଲା ବୋଲି ଭାବିଲି । ମୋ ପାରୁ ପର୍ଯ୍ୟନ୍ତ ଚେଷ୍ଟା କଲି ସମସ୍ତଙ୍କୁ ସଂସ୍କାର ଦେବାପାଇଁ । ଭଗବାନ ସାକ୍ଷୀ ଅଛନ୍ତି, ମୋ କର୍ତ୍ତବ୍ୟରେ ମୁଁ କେବେ ଅବହେଳା କରିନି । ମୋ ଦେଇ ଯେତେ ପର୍ଯ୍ୟନ୍ତ ହେଇଛି ମୁଁ କରିଛି । ତୁମ ଗାଁ ର ଅପାଠୁଆଙ୍କ ଠୁ ଯୋଉ ସ୍ନେହ ସମ୍ମାନ ପାଇଛି ସେତକ ମୋ ସମ୍ପତ୍ତି । ସେଇ ସମ୍ପତ୍ତି ଟିକକ ସାଥୀରେ ନେଇ ଯାଉଛି ।

ଇତି

ତୁମ ଗାଁ ମାଷ୍ଟ୍ରେ

ସତରେ ମାଷ୍ଟ୍ରେ ଥିଲେ ଅନନ୍ୟ ପୁରୁଷ । ଆମ ଗାଁର ପାଖାପାଖି ତିନି ପୁରୁଷକୁ ସେ ପାଠ ପଢ଼େଇ ଯାଇଛନ୍ତି । ଆଜି ଆମେ ଯାହା ବି ହେଇଛୁ ସବୁ ତାଙ୍କରି ଆଶୀର୍ବାଦରେ । ତାଙ୍କପରି ଭଦ୍ର ଅମାୟିକ ବ୍ୟକ୍ତିତ୍ୱ ବିରଳ । ମାଷ୍ଟ୍ରଙ୍କ ସମ୍ମାନରେ ଆୟୋଜିତ ପ୍ରାର୍ଥନା ସଭାରେ କରଣ ଆଜ୍ଞା ଏଇ କଥା କହୁଥିଲେ । ପାଖରେ ଉପସ୍ଥିତ ରଘୁଆ ଆଖିରୁ ଦୁଇଧାର ଲୁହ ବହି ଯାଉଥିଲା ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

## ଓଡ଼ିଆ ଭାଷାପାଇଁ ନୂତନ ଆହ୍ୱାନ ଆଣିଦେଇଛି ଆହ୍ୱାନ ଓଡ଼ିଆ ପରିବାର

୧୪-୪-୨୦୧୨ : ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା 'ଆହ୍ୱାନ' ଓ ଆହ୍ୱାନ ଓଡ଼ିଆ ପରିବାରର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଏକ ବିଷୁବ ସଂକ୍ରାନ୍ତି ଓ ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି, ପ୍ରଚାର ଓ ପ୍ରସାର ପାଇଁ ଦୀର୍ଘ ସାତ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟକରି ଆସୁଥିବା 'ଆହ୍ୱାନ'ର ଏହି ବନ୍ଧୁମିଳନରେ ଫେସ୍‌ବୁକ୍‌ରେ ସକ୍ରିୟ ଥିବା ଅନେକ ବନ୍ଧୁ ଏକତ୍ରିତ ହୋଇଥିଲେ ଏବଂ ଆଗାମୀ ଦିନରେ ଓଡ଼ିଆ ଭାଷା ପାଇଁ ଉଚିତ ପଦକ୍ଷେପ ନେବେ ବୋଲି ମନ୍ତବ୍ୟ ଦେଇଥିଲେ । ଦୀର୍ଘ ସାତବର୍ଷରୁ ଉର୍ଦ୍ଧ୍ୱକାଳ ନିରବଚ୍ଛିନ୍ନ ଭାବରେ ଇଣ୍ଟର୍‌ନେଟ୍‌ରେ ପ୍ରକାଶିତ ହେଉଥିବା 'ଆହ୍ୱାନ' ସଂପ୍ରତି କଥା ଓ କବିତା, ପ୍ରେମକବିତା, ଆମ ପିଲାଦିନ ଆଦି ଅନେକ ଗୋଷ୍ଠୀର ନିର୍ମାଣ କରି ଓଡ଼ିଆ ପାଠକ ଓ ଲେଖକ ଗୋଷ୍ଠୀଙ୍କୁ ଉତ୍ସାହିତ କରି ଆସିଛି । ଆଜିର ଏହି ସମାବେଶରେ ଓଡ଼ିଶାର ବିଖ୍ୟାତ ବ୍ୟଙ୍ଗକବି ଶ୍ରୀଯୁକ୍ତ ସତ୍ୟାନାଶଙ୍କ ଦ୍ୱାରା ରଚିତ 'ଫେକ୍‌ବୁକ୍' ବହିର ଶୁଭଉନ୍ମୋଚନ ହୋଇଥିଲା । ଉପସ୍ଥିତ ସଦସ୍ୟମାନେ ଓଡ଼ିଆ ସାହିତ୍ୟର ଉନ୍ନତି ନିମନ୍ତେ କିପରି ସବୁ କାର୍ଯ୍ୟକ୍ରମମାନ କରାଯାଇପାରିବ ସେ ବିଷୟରେ ଚର୍ଚ୍ଚା କରିଥିଲେ । କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଆହ୍ୱାନ ଓଡ଼ିଆ ପରିବାରର ପ୍ରତିଷ୍ଠାତା ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ ଏବଂ ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଉତ୍ସାହୀ ବନ୍ଧୁମାନଙ୍କ ସମାଗମ ହୋଇଥିଲା । ଅନ୍‌ଲାଇନ୍ ରହୁଥିବା ସମସ୍ତ ଓଡ଼ିଆ ମାନଙ୍କୁ ଏକ ମଞ୍ଚରେ ଆଣିବା ଏବଂ ସେମାନଙ୍କ ପାଇଁ ଏବଂ ସେମାନଙ୍କ ସହାୟତାରେ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି କରିବା ଆମର ଲକ୍ଷ୍ୟ ଏବଂ ଆଗାମୀ ଦିନରେ ଏହିପରି ଅନେକ କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଛି ବୋଲି ଡ଼ା ପଟ୍ଟନାୟକ ସୂଚନା ଦେଇଥିଲେ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨



ପ୍ରିୟ ବନ୍ଧୁଗଣ,

ଆଜି ଆହ୍ୱାନ ଓଡ଼ିଆ ପରିବାରର ଆହ୍ୱାନରେ ଅନୁପ୍ରାଣୀତ ହୋଇ ଏଠାରେ ଉପସ୍ଥିତ ହୋଇଥିବା ସମସ୍ତ ଓଡ଼ିଆ ଭାଇ ଓ ଭଉଣୀଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଉଛି, ମୁଁ ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର । ଆହ୍ୱାନ ଇ-ପତ୍ରିକା ବିଷୟରେ ଏକ କ୍ଷୁଦ୍ର ବିବରଣୀ ପାଠ କରୁଥିବା ହେତୁ ମୁଁ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଛି ଯେ ଯେଉଁ କ୍ଷୁଦ୍ର ମଞ୍ଜି ଆମେ ପୋତିଥିଲୁ ତାହା ଆଜି ଏକ ଶାଖାବିସ୍ତାର କରିଥିବା ବୃକ୍ଷ୍ୟ ଭାବରେ ଦେଖାଗଲାଣି ।

୧୯୯୭ ମସିହାରେ ଯେତେବେଳେ ଓଡ଼ିଶାରେ ଇଣ୍ଟର୍‌ନେଟର ବ୍ୟବହାର ବହୁଳ ଭାବରେ ହୋଇନଥିଲା ସେହି ସମୟରେ ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ ଶ୍ରୀ ଜଗନ୍ନାଥଙ୍କ ନାମରେ ଏକ ସମ୍ପୂର୍ଣ୍ଣ ଓଡ଼ିଆରେ ନିର୍ମିତ ୱେବ୍ ସାଇଟ୍ ନିର୍ମାଣ କରିଥିଲେ । ସେହି ସମୟରେ ବି ଏହି ୱେବ୍ ସାଇଟ୍ ଅନେକ ଓଡ଼ିଆ ଲୋକଙ୍କୁ ଏକାଠି କରିବାରେ ସମର୍ଥ ହୋଇପାରିଥିଲା । ବର୍ଷ ୨୦୦୦ରେ Y2K ଅସୁବିଧା ହେତୁ ଏହି ୱେବ୍ ସାଇଟ୍‌କୁ ବନ୍ଦ କରିଦିଆଯାଇଥିଲା ।

ଆହ୍ୱାନ ଇ-ପତ୍ରିକାର ପ୍ରକାଶନ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ରହିଛି ମୁଁ । ୨୦୦୬ ମସିହା ଫେବୃୟାରୀ ମାସରେ ସରସ୍ୱତୀ ପୂଜା ସମୟରେ ଓଡ଼ିଶାର ପ୍ରସିଦ୍ଧ ଲୁଣିପାଣି ହ୍ରଦ ଚିଲିକା ଭ୍ରମଣରେ ଯାଇଥିବା ସମୟରେ ମାଁ କାଳିଜାଇଙ୍କ ପୀଠରେ ହଠାତ୍ ଏଇ ଚିନ୍ତା ଆରମ୍ଭ ହୋଇଥିଲା । ଓଡ଼ିଶା ବାହାରେ ରହୁଥିବା ଓଡ଼ିଆ ବନ୍ଧୁମାନଙ୍କୁ ଓଡ଼ିଆରେ କିଛି ପଢ଼ିବାର ସୁଯୋଗ ଦେବା ପାଇଁ ଆହ୍ୱାନର ସୃଷ୍ଟିର ଶୁଭାରମ୍ଭ ହୋଇଥିଲା । କାଳିଜାଇ ଦର୍ଶନ କରି ଫେରିବା ପରେ ଘରେ ବସିଥିବା ସମୟରେ ଏପରି ଏକ ପତ୍ରିକାର ପ୍ରକାଶନ କରିବା ଚିନ୍ତା ମନକୁ ଆସିଥିଲା । ଏବଂ ଚିଲିକାର ଫୋଟୋ ସମ୍ବଳିତ ତଥା କିଛି ଲେଖା ଥାଇ ଏକ ଆଠ ପୃଷ୍ଠାର ଟାବଲଏଡ୍ ବା କ୍ଷୁଦ୍ର ପତ୍ରିକା ସେହିଦିନ ହିଁ ପ୍ରକାଶିତ ହୋଇଥିଲା, ଏବଂ ଇ-ମେଲ୍ ଦ୍ୱାରା ତାହା ମାତ୍ର ୨୦-୨୫ ଜଣଙ୍କୁ ପଠାଇ ଦିଆଯାଇଥିଲା । କିନ୍ତୁ ଏହି କ୍ଷୁଦ୍ର ପ୍ରଚେଷ୍ଟା ଶୀଘ୍ର ଶୀଘ୍ର ସମଗ୍ର ବିଶ୍ୱରେ ବ୍ୟାପୀ ଯାଇଥିଲା । ଏହାର ପରବର୍ତ୍ତୀ ସଂସ୍କରଣ ପଢ଼ିବାପରେ ସୁଦୂର ଆମେରିକା, ୟୁରୋପ୍, ଅଷ୍ଟ୍ରେଲିଆ ଆଦି ଦେଶରେ ରହୁଥିବା ଅଗଣିତ ଓଡ଼ିଆମାନେ ଫୋନ୍ କରି ଆମର ଏହି ପ୍ରଚେଷ୍ଟାର ବହୁତ ପ୍ରଶଂସା କରିଥିଲେ । ଏହି ପ୍ରଶଂସା ହେତୁ ଆହ୍ୱାନର ଆଗାମୀ ସବୁ ସଂସ୍କରଣ ପ୍ରକାଶିତ ହୋଇ ଚାଲିଲା ।

୨୦୦୬ ବର୍ଷର ମଧ୍ୟବେଳକୁ ଆହ୍ୱାନ ପତ୍ରିକାର ଲୋକପ୍ରିୟତାକୁ ଆଖି ଆଗରେ ରଖି ଆମେ ପ୍ରଥମ ଥର ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ର ଆୟୋଜନ କରିଥିଲୁ । ମା ତାରାତାରିଣୀ ପୀଠର ପାଦଦେଶରେ ଥିବା ଷୋଳଘର ଗ୍ରାମରେ ଆମେ

ପ୍ରଥମ ଶିବିରର ଆୟୋଜନ କରିଥିଲୁ । ଏହା ପରେ ପରେ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ସ୍ଥାନ ଯଥା ହିଞ୍ଜିଳିକାଟୁ ନିକଟସ୍ଥ ଶିକିରି, ଛତ୍ରପୁର ନିକଟସ୍ଥ ନୋଳିଆ ନୂଆଗାଁ ଆଦି ସ୍ଥାନରେ ବିଶାଳ ସ୍ୱାସ୍ଥ୍ୟ ଶିବିର ମାନ ଆୟୋଜନ କରିଥିଲୁ । ଏତଦ୍ ବ୍ୟତୀତ ବ୍ରହ୍ମପୁରରେ ଥିବା ଡ଼ିଏମସି ହୋମ୍ ବାଳିକାଶ୍ରମରେ ରହୁଥିବା ୧୨୦ ଜଣ ଅନାଥ ଏବଂ ଗରୀବ ଝିଅ ମାନଙ୍କୁ ସମୟ ସମୟରେ ମାଗଣାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ, ବସ୍ତ୍ର ଓ ପାଠ୍ୟ ଉପକରଣ ବଣ୍ଟନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଆହ୍ୱାନ ଓଡ଼ିଆ ପରିବାରର ସଦସ୍ୟ ଡ଼ା ସହଦେବ ସ୍ୱାଇଁ ନିଜ ପିତାଙ୍କ ଶ୍ରାଦ୍ଧବାର୍ଷିକୀରେ ଏହି ଅନାଥାଶ୍ରମର ବାଳିକା ମାନଙ୍କୁ ନିଜ ଘରକୁ ନିମନ୍ତ୍ରଣ କରିଥିଲେ ଏବଂ ସେମାନଙ୍କୁ ସ୍କୁଲ ୟୁନିଫର୍ମ ଦେଇଥିଲେ । ଗୋସାଇଁନୂଆଗାଁରେ ଥିବା ଓଡ଼ିଶା ଦୃଷ୍ଟିହୀନ ସେବାକେନ୍ଦ୍ରରେ ରହୁଥିବା ୭୦ ଜଣ ଅନ୍ଧ ବାଳିକା ମାନଙ୍କ ପାଇଁ ମାଗଣାରେ ସ୍ୱାସ୍ଥ୍ୟ ଶିବିର, ବିଶ୍ୱ ମହିଳା ଦିବସ ପାଳନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

ଏହା ବ୍ୟତୀତ ବିଭିନ୍ନ ସମୟରେ ଆମେ ଗାଁ ଗହଳିରେ ଲୋକମାନଙ୍କୁ ଏଡ଼ସ୍ ରୋଗର ଭୟାବହତା ଦେଖାଇବା ପାଇଁ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପଥପ୍ରାନ୍ତ ନାଟକ ଆଦିର ଆୟୋଜନ କରିଥିଲୁ ।

ଆହ୍ୱାନ ଇ-ପତ୍ରିକା ପ୍ରକାଶନ ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛୁ । ଯେଉଁ ସମୟରେ ଇଣ୍ଟର୍‌ନେଟ୍ ପାଇଁ ମାସିକ ଦୁଇ ହଜାର ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡ଼ିଛି । ବିନା ସ୍ୱାର୍ଥରେ ଓ ଅର୍ଥ ଲୋଭରେ ଏହି ପତ୍ରିକାକୁ ନିରବଚ୍ଛିନ୍ନ ଭାବରେ ପ୍ରକାଶିତ କରିବାର ଦୁରୁହ ବ୍ୟାପାରକୁ ଆପଣେଇ ନେଇଛନ୍ତି ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ । ଦିନରେ କ୍ଲିନିକ୍, ଓ ଅଫିସ ପାଇଁ ସମୟ ଦେବାପରେ ରାତିରେ ବସି ଏକା ଏକା ଏହି ପତ୍ରିକା ପାଇଁ ସବୁ ପ୍ରକାର କାମ କରିଛନ୍ତି ସେ । ପତ୍ରିକା ପାଇଁ ଲେଖା ସଂଗ୍ରହ କରିବାଠୁ ଆରମ୍ଭ କରି ପ୍ରତ୍ୟେକ ଲେଖାକୁ ଓଡ଼ିଆରେ ଟାଇପ କରିବା, ଛବି ସଂଗ୍ରହ କରିବା, ବହି ପାଇଁ ବସି କମ୍ପ୍ୟୁଟରରେ ଫାଇଲ୍ ତିଆରି କରିବା ଆଦି ସମସ୍ତ କାର୍ଯ୍ୟ ସେ ନିଜେ ହିଁ କରିଛନ୍ତି । ପ୍ରଥମେ ପ୍ରଥମେ ଇ-ପତ୍ରିକା ବୋଲି ଶୁଣିବା ପରେ ଅନେକ ଲେଖକ ଲେଖିକା ଆଶ୍ଚର୍ଯ୍ୟ ଅନୁଭବ କରୁଥିଲେ କେହି କେହି ଏହି ପତ୍ରିକାର ବୈଧତା ଉପରେ ବି ପ୍ରଶ୍ନଚିହ୍ନ ଲଗାଇଥିଲେ । କହୁଥିଲେ ଇ-ପତ୍ରିକା କିଏ ପଢୁଛି ? ଆମେ କେମିତି ପଢ଼ିବୁ ? ଇତ୍ୟାଦି ଇତ୍ୟାଦି । ଯେହେତୁ ଇଣ୍ଟରନେଟ୍ ପରି ଏକ ନୂଆ ମାଧ୍ୟମକୁ ସହଜରେ ଆପଣେଇବା ବୋଧହୁଏ ଅନେକଙ୍କ ପକ୍ଷରେ ସହଜ ନଥିଲା । ଲୋକଙ୍କୁ ଶିଖାଇବା ଭଳି ସମୟ ଓ ସାମର୍ଥ୍ୟ ଆମର ନଥିଲା । ତେଣୁ ଅନେକ ଭଲ ଲେଖକ ନିଜ ଲେଖା ଦେବାପାଇଁ କୁଣ୍ଠା ବୋଧ ବି କରିଥିଲେ । କେହି କେହି ଏହି ସମସ୍ତ ବ୍ୟାପାରକୁ ତୁଚ୍ଛା ନାଟକ ବୋଲି ମଧ୍ୟ କହିଛନ୍ତି । ତଥାପି ଆମର ପ୍ରୟାସରେ କୌଣସି ପରିବର୍ତ୍ତନ ହୋଇନାହିଁ । ଆମେ ପୂର୍ବବତ୍ ନିଜର ପ୍ରଚେଷ୍ଟା ଜାରୀ ରଖିଛୁ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ବିଗତ ଗୋଟିଏ ବର୍ଷରେ ଆହ୍ୱାନ ଫେସ୍‌ବୁକ୍‌ରେ ପ୍ରକାଶିତ ହେବାପରେ ଏହାର ଲୋକପ୍ରିୟତା ଅହେତୁକ ଭାବରେ ବୃଦ୍ଧି ପାଇଛି । ଆହ୍ୱାନ ଓଡ଼ିଆ ପରିବାର ସ୍ଥାପନ କରି ଲେଖକ ଲେଖିକା ମାନଙ୍କୁ ଏକ ପରିବାରରେ ବାନ୍ଧି ରଖିବାର ପ୍ରୟାସ କେତେକାଂଶରେ ସଫଳ ହୋଇଛି ବୋଲି ମୁଁ ଅନୁଭବ କରୁଛି । ଏହା ବ୍ୟତୀତ କଥା ଓ କବିତା ଗୋଷ୍ଠୀ ସ୍ଥାପନା ପରେ ଶତାଧିକ ନୂଆ ନୂଆ ସଦସ୍ୟ ସୃଷ୍ଟି ହୋଇଛନ୍ତି ଯେଉଁମାନେ ନିଜ କବିତା ଦ୍ୱାରା ଆମ ସାହିତ୍ୟ ସମାଜକୁ ସମୃଦ୍ଧ କରିବାରେ ସହାୟକ ହୋଇଛନ୍ତି ।

କଥା ଓ କବିତା ଗୋଷ୍ଠୀ ସ୍ଥାପନା ପରେ ଅନେକ ସଦସ୍ୟ ଫୋନରେ କହିଛନ୍ତି ଯେ ଆପଣ ଆମକୁ କବିତା ଲେଖା ରୋଗ ଧରେଇ ଦେଲେ । ଆମେ ଆଜ୍ଞା ଅଫିସରେ କାମ କରିବା ଲୋକ ଏବେ ସବୁବେଳେ ମୁଣ୍ଡରେ କବିତା ଲେଖା ଚିନ୍ତାରେ ରହୁଛି । ଘରେ ରହୁଥିବା ମହିଳାମାନେ ମଧ୍ୟ ନିଜ କବିତା ଦ୍ୱାରା ସମସ୍ତଙ୍କୁ ଆମୋଦିତ କରିଛନ୍ତି । ଅନେକ ବନ୍ଧୁଙ୍କ ମନ୍ତବ୍ୟ ଶୁଣିବାପରେ ଏହି ଗୋଷ୍ଠୀ ନିର୍ମାଣ ଦ୍ୱାରା ଯେ ଆମେ ସମାଜରେ ଏକ ପରିବର୍ତ୍ତନ ଆଣି ଦେଇଛୁ ତାହା ଆମ ବିଶ୍ୱାସ । ସରକାରୀ ବାବୁ ହୁଅନ୍ତୁ ବା ହୁଅନ୍ତୁ ଡ଼ାକ୍ତର, ଅବା ହୁଅନ୍ତୁ ସଫ୍‌ଟୱେର୍ ଇଞ୍ଜିନିୟର୍, ଛାତ୍ରଛାତ୍ରୀ ଅବା ନେତା କଳାକାର... ସମସ୍ତେ ଆଜି କବିତା ଲେଖାରେ ବ୍ୟସ୍ତ । ଆଉ ଏଇ ପରିବର୍ତ୍ତନର ଶ୍ରେୟ ଆହ୍ୱାନ ଓଡ଼ିଆ ଇ-ପତ୍ରିକାକୁ ଯାଏ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଠାରେ ଉପସ୍ଥିତ ଅନେକ ବନ୍ଧୁ ନିଶ୍ଚୟ ଭାବେ ରାଜି ହେବେ ଯେ ସେମାନଙ୍କ କବିତା ଲେଖା ପାଇଁ ପ୍ରେରଣା ଆହ୍ୱାନ ।

କଥା ଓ କବିତା, ଆହ୍ୱାନ ଓ ପ୍ରେମ କବିତା ଗୋଷ୍ଠୀ ମାଧ୍ୟମରେ ଆମେ ଓଡ଼ିଆ ଭାଷା ସାହିତ୍ୟରେ ଏକ ନୂଆ ପରିବର୍ତ୍ତନର ସ୍ରୋତ ଆଣିଦେଇଛୁ, ଆଉ ଆଜିର ଏହି ମହା ସମାବେଶ ଆମକୁ ଆହୁରି ଉତ୍ସାହିତ ହୋଇ କାମ କରିବାକୁ ପ୍ରେରଣା ଯୋଗାଇ ଦେବ । ଆପଣ ମାନଙ୍କ ଉପସ୍ଥିତି ଆମକୁ ଯେତେ ଆନନ୍ଦ ଦେଇଛି ତା'ଠୁ ବହୁତ୍ ଅଧିକ ପ୍ରେରଣା ଯୋଗାଇ ଦେଇଛି । ଆପଣ ମାନଙ୍କୁ ଧନ୍ୟବାଦ ଦେବା ବେଳେ ଆମେ ହୃଦୟରୁ କେବଳ ଭଗବାନଙ୍କ ପ୍ରତି ଆମର ସମ୍ମାନ ଓ ଆପଣ ସମସ୍ତଙ୍କ ପ୍ରତି ଧନ୍ୟବାଦ ବାହାରୁଛି ।

ଉତ୍କଳର ନାଥ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଆଶୀର୍ବାଦ ଆମ ସହ ସର୍ବଦା ରହିଛି । ଉତ୍କଳର ନେତା ସେ, ତାଙ୍କରି କରୁଣାରୁ ଆମେ ସମସ୍ତେ ସୁଖ, ଶାନ୍ତି ଓ ସମୃଦ୍ଧିର ଜୀବନ ଯାପନ କରୁଛେ । ଆଜି ତାଙ୍କରି କରୁଣା ଆହ୍ୱାନ ଓଡ଼ିଆ ପରିବାର ଉପରେ ବି ପଡ଼ିବ । ଏହି ଆଶା କରି ମୁଁ ମୋର ବକ୍ତବ୍ୟ ସମାପନ କରୁଛି । ଧନ୍ୟବାଦ

ଯେଉଁ ବନ୍ଧୁମାନଙ୍କର ଲେଖା ଚଳିତ ସଂସ୍କରଣରେ ସ୍ଥାନ ପାଇନାହିଁ ସେମାନେ ଦୟାକରି ନିରୁତ୍ସାହିତ ହୁଅନ୍ତୁ ନାହିଁ । ଆଗାମୀ ସଂସ୍କରଣରେ ଏହା ନିଶ୍ଚୟ ପ୍ରକାଶ ପାଇବାର ବ୍ୟବସ୍ଥା କରାଯିବ । ବନ୍ଧୁମାନଙ୍କୁ ନିବେଦନ କରୁଛି ଯେ ସେମାନେ ନିଜର ପ୍ରକାଶନ ଯୋଗ୍ୟ ଲେଖାକୁ ମୋର ଇ-ମେଲ୍ ଠିକଣା aahwaan@gmail.com ରେ ପଠାନ୍ତୁ, ଯାହା ଦ୍ୱାରା ଲେଖା ସବୁ ପ୍ରକାଶନ ହେବା ପାଇଁ ସହଜରେ ବଛାଯାଇ ପାରିବ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨




ଚଳିତ ମାସର ସଂସ୍କରଣକୁ ଡ଼ାଉନଲୋଡ୍ କରି ପଢ଼ିଥିବା ହେତୁ ଆପଣଙ୍କୁ ଧନ୍ୟବାଦ ।

ଏହି ଇ-ପତ୍ରିକା ବିଷୟରେ ଆପଣଙ୍କ ମତାମତ ଆପଣ ଆମ ଇ-ମେଲ୍ ଠିକଣା aahwaan@gmail.com ରେ ଦେଇ ପାରିବେ କିମ୍ବା ଫେସ୍‌ବୁକରେ ଥିବା ଆମ ଗ୍ରୁପରେ ଦେଇ ପାରିବେ ।

ଆହ୍ୱାନ, ସପ୍ତମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ୍ ୨୦୧୨

ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖାର ଲେଖକ ଲେଖିକା ମାନେ ପ୍ରତିଷ୍ଠିତ ଲେଖକ ଲେଖିକା ଗୋଷ୍ଠୀ ଅନ୍ତର୍ଭୂକ୍ତ ନ ହୋଇ ପାରନ୍ତି, ତେଣୁ ସେମାନଙ୍କ ଲେଖାରେ ବ୍ୟାକରଣ ଗତ ଭୂଲ ଭଟକା ଥାଇପାରେ, ସେ ସବୁକୁ ଅଣଦେଖା କରି ପତ୍ରିକାକୁ ପଢ଼ିବା ପାଇଁ ଆମ ଅନୁରୋଧ...

ପତ୍ରିକାର ସମ୍ପାଦକ / ପ୍ରକାଶକ ପେଷାରେ ଓଡ଼ିଆ ସାହିତ୍ୟ ସହିତ ସଂଶ୍ଳିଷ୍ଟ ନୁହନ୍ତି, ତେଣୁ ସଂପୂର୍ଣ୍ଣ ନିର୍ଭୂଲ ଓଡ଼ିଆ ପରିବେଷଣ କରିବାର ପ୍ରଚେଷ୍ଟା ମାତ୍ର କରୁଛି, ଧନ୍ୟବାଦ

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ